

ଆସିବନି
‘କାଣ୍ଟା ଲଗା’
▶ପୃଷ୍ଠା ୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-11 •SATURDAY •5 JULY 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୧ •ଶନିବାର •୫ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

# ଆଜି ବାହୁଡ଼ା



ଜନ୍ମବେଦୀରେ ଲୀଳା ସାରି
ଶ୍ରୀମନ୍ଦିର ଅଭିମୁଖେ ଚତୁର୍ଦ୍ଧାମୂର୍ତ୍ତି

■ **ପୁରୀ, ୪।୭ (ସମିସ):** ଜନ୍ମବେଦୀରେ ଶେଷ ହୋଇଛି ମହାପ୍ରଭୁଙ୍କ ଲୀଳା। ଏବେ ରତ୍ନବେଦୀକୁ ବାହୁଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତ ଦିନ

## ମଧ୍ୟାହ୍ନ ୧୨ଟାରେ ପହଣ୍ଡି

## ଅପରାହ୍ନ ୪ଟାରେ ରଥଟଣା

ରହଣି ପରେ ଭାଇ-ଭଉଣୀଙ୍କୁ ସାଥୀରେ ଧରି ବାହୁଡ଼ିବେ କାଳିଆ ଠାକୁର। ଏଥିପାଇଁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ଦାରୁବ୍ରହ୍ମଙ୍କୁ ଅପେକ୍ଷା କରିରହିଛନ୍ତି ତିନିରଥ। ଶନିବାର ରଥାରୂଢ଼ ହୋଇ ଦାରୁବିଗ୍ରହ ଯିବେ ଶ୍ରୀମନ୍ଦିର ଅଭିମୁଖେ। ତେବେ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିବା ତିନିରଥକୁ ମହାରଣା ସେବକ ଓ ରଥ ବିଶେଷଜ୍ଞ କମିଟି ଯାଞ୍ଚ କରିସାରିଛନ୍ତି। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି।

ଶୁକ୍ରବାର ଥିଲା ସନ୍ଧ୍ୟା ଦର୍ଶନ। ସକାଳୁ ଆରମ୍ଭ ହୋଇଯାଇଥିଲା ଭକ୍ତଙ୍କ ଗହଳି। ଲମ୍ବା ଧାଡ଼ିରେ ବ୍ୟାରିକେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଜନ୍ମବେଦୀରେ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ନୀତି ବି ସଅଳ ଚାଲିଥିଲା। ଏଥିସହ ଆଡପ ଅବଢ଼ା ବି ସଅଳ ବାହାରିଥିଲା। ଶେଷ ଆଡ଼ପ ଅବଢ଼ା ପାଇଁ ଭକ୍ତମାନେ ବେଶ୍ ଭିଡ଼ ଜମାଇଥିଲେ। ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ଅପରାହ୍ଣ ୫ଟାରେ ବନ୍ଦ ▶ପୃଷ୍ଠା-୭

### ରିଜର୍ଭ ବ୍ୟାଙ୍କ ଆଣିଲା ନୂଆ ନିୟମ

## ସମୟ ପୂର୍ବରୁ ଋଣ ଶୁଝିଲେ ଲାଗିବନି ଚାର୍ଜ

■ **ନୂଆଦିଲ୍ଲୀ, ୪।୭ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଋଣକାରୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଯଦି କୌଣସି ବ୍ୟକ୍ତି ସମୟ ପୂର୍ବରୁ ନିଜ ଋଣ ଅଧା କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରିବେ ତାଙ୍କଠାରୁ କୌଣସି ଚାର୍ଜ ନିଆଯିବନାହିଁ। କାରଣ ଆରବିଆଇ ଫ୍ଲୋଟିଂ ସୁଧ ହାରରେ ଲାଗିଥିବା ଋଣ ଉପରେ ‘ପ୍ରି-ପେମେଣ୍ଟ ଚାର୍ଜ’ ଶେଷ କରିବାକୁ ଯାଉଛି। ରିଜର୍ଭ ବ୍ୟାଙ୍କ ଏହି ନିୟମ ୨୦୨୬ ଜାନୁଆରୀ ପହିଲାଠାରୁ ଲାଗୁ କରିବ। ନୂଆ ନିୟମ ସବୁ ବ୍ୟାଙ୍କ ଓ ନନ୍-ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫସି) ସମେତ ରେଗୁଲେଟେଡ୍ ଇନଷ୍ଟିଟ୍ୟୁସନ୍ ପାଇଁ ବାଧ୍ୟତାମୂଳକ ରହିବ। ଏହି ନିୟମ ଲାଗୁ ହେବା ପରେ କୋଟି କୋଟି ଋଣକାରୀ, ବିଶେଷ କରି ଗୃହ ଋଣ ଓ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିବା ଲୋକଙ୍କୁ ସିଧାସଳଖ ଲାଭ ମିଳିବ।

### ୨୫ ବର୍ଷ ପରେ କାମ ବନ୍ଦ କଲା କମ୍ପାନୀ

## ପାକିସ୍ତାନ ଛାଡ଼ିଲା ମାଇକ୍ରୋସଫ୍ଟ

■ **ୱାସିଂଟନ, ୪।୭ (ଏଜେନ୍ସି):** ବିଶ୍ୱର ନାମୀ ଟେକ୍ କମ୍ପାନୀ ମାଇକ୍ରୋସଫ୍ଟ ପାକିସ୍ତାନରୁ ତାର କାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ପାକିସ୍ତାନର ବର୍ତ୍ତମାନ ପରିବେଶ ବୈଶ୍ୱିକ କମ୍ପାନୀଙ୍କ ନିମନ୍ତେ ବଡ଼ ଆହ୍ୱାନ ପାଲଟିଛି। ଯାହାର ଫଳ ସ୍ୱରୂପ ମାଇକ୍ରୋସଫ୍ଟକୁ ଏପରି ନିଷ୍ପତ୍ତି ନେବାକୁ ପଡିଛି। ୨୦୦୦ରେ କମ୍ପାନୀ ପାକିସ୍ତାନରେ କାରବାର ଆରମ୍ଭ କରିଥିଲା। ପାଖାପାଖି ୨୫ ବର୍ଷ ପରେ କମ୍ପାନୀ ପାକିସ୍ତାନରୁ ଏହାର କର୍ପୋରେଟ ଅପରେସନ ବନ୍ଦ କରିବାକୁ ଯାଉଛି। ତେବେ ଗତ ୨୫ ବର୍ଷ ହେଲା କାରବାର କରିଆସୁଥିଲେ ବି ମାଇକ୍ରୋସଫ୍ଟ ପାକିସ୍ତାନରେ ତାର ପୂର୍ଣ୍ଣକାଳୀନ କର୍ପୋରେଟ କାର୍ଯ୍ୟାଳୟ ସ୍ଥାପନା କରି ନ ଥିଲା। ପାକିସ୍ତାନର ଶୈକ୍ଷଣିକ, ସରକାରୀ ଓ କର୍ପୋରେଟ କ୍ଷେତ୍ରରେ ମାଇକ୍ରୋସଫ୍ଟର ମଜଭୁତ ପ୍ରଭାବ ▶ପୃଷ୍ଠା-୭

### ଦିଲ୍ଲୀ ଇଞ୍ଜିନର ସଂସ୍ଥା ଉପରେ ରାଜ୍ୟ ଇଞ୍ଜିନର ଭରସା ନାହିଁ

# ପାଣିପାଗ ସୂଚନା ଦେବ ଘରୋଇ ସଂସ୍ଥା

■ **ଭୁବନେଶ୍ୱର, ୪।୭ (ସମିସ):** ପାଣିପାଗ ପୂର୍ବାନୁମାନ ଓ ଆକଳନ କ୍ଷେତ୍ରରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସୁଖ୍ୟାତି ସାରା ବିଶ୍ୱରେ ରହିଛି। ଦିଲ୍ଲୀସ୍ଥିତ ଆଇଏମ୍‌ଡି ମୁଖ୍ୟ କାର୍ଯ୍ୟାଳୟ ଓ ପ୍ରତି ରାଜ୍ୟରେ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ପାଣିପାଗ ସମ୍ପର୍କିତ ସମସ୍ତ ପ୍ରକାର ତଥ୍ୟ ଦୀର୍ଘ ବର୍ଷ ହେଲା ଯୋଗାଇ ଦେଇ ଆସୁଛନ୍ତି। ରାଜ୍ୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଦୀର୍ଘ ବର୍ଷ ହେବ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରି ଆସୁଛି। ମାତ୍ର ନିକଟରେ ରାଜ୍ୟ ସରକାର ଆଇଏମ୍‌ଡିକୁ ଛାଡ଼ି ଘରୋଇ ପାଣିପାଗ ସଂସ୍ଥା ‘ସ୍କାଏମେଟ୍’ ଉପରେ ବେଶୀ ଭରସା କରିବା ପରେ ଆଇଏମ୍‌ଡିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟରେ ଡବଲ ଇଂଜିନ୍ ସରକାର ଚାଲୁଥିବା ନେଇ ଡିଙ୍ଗୁରା ପିଟାଯାଉଛି। ଡବଲ ଇଂଜିନ୍‌ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଳିଷ୍ଠ ସମ୍ପର୍କକୁ ଲୋକଙ୍କ ଆଗରେ ପ୍ରତିପାଦନ କରାଯାଉଛି। ମାତ୍ର ଅନ୍ୟପଟେ ଦିଲ୍ଲୀ ଇଞ୍ଜିନ୍‌ର ସରକାରୀ ସଂସ୍ଥାକୁ ଅଣଦେଖା କରି କାହିଁକି ପାଣିପାଗ ସଂକ୍ରାନ୍ତ ତଥ୍ୟ ନିମନ୍ତେ ରାଜ୍ୟ ସରକାର ଘରୋଇ ସଂସ୍ଥା ଉପରେ ଆସ୍ଥା ସ୍ଥାପନ କଲେ, ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

ବୁଧବାର ପାଣିପାଗ ସୂଚନା ନେଟୱର୍କ ଡାଟା ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଲକ୍ଷ୍ୟ ନେଇ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଏମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ

### ଆଇଏମ୍‌ଡିକୁ ଛାଡ଼ି ‘ସ୍କାଏମେଟ୍’କୁ ବାଛିଲେ ରାଜ୍ୟ ସରକାର

ହୋଇଛି। ସଂପୃକ୍ତ ସଂସ୍ଥା ରାଜ୍ୟ ସରକାରଙ୍କୁ ସମୟୋଚିତ ଏବଂ ସଠିକ୍ ପାଣିପାଗ ତଥ୍ୟ ରାଜ୍ୟ ସରକାରଙ୍କୁ ଯୋଗାଇ ଦେବ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନ ଗଜ୍ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ଏହି କେନ୍ଦ୍ର ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। କୃଷି ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ ବୋଲି ନିଷ୍ପତ୍ତି ହୋଇଛି। ତେବେ ପୂର୍ବରୁ ଏହି କାମ ଆଇଏମ୍‌ଡି କରି ଆସୁଥିଲା। ଆଇଏମ୍‌ଡିର ତଥ୍ୟକୁ ଆଧାର କରି ରାଜ୍ୟ ସରକାର ବିଭିନ୍ନ କୃଷି ଯୋଜନା ସ୍ଥିର କରିବା ସହ ଚାଷୀମାନଙ୍କ ପାଇଁ ରଣନୀତି ପ୍ରସ୍ତୁତ କରୁଥିଲେ। ହେଲେ ସ୍କାଇମେଟ୍ ଏହି ଦାୟିତ୍ୱ ନିର୍ବାହ କରିବ। ▶ପୃଷ୍ଠା-୭

**ସମସ୍ୟା ବଢ଼ାଇଲା ହଦଗଡ଼**

# ୧୦ ହଜାର ହେକ୍ଟର ଜମି ଜଳାର୍ଣ୍ଣବ

■ **ଭଦ୍ରକ, ୪।୭ (ସମିସ):** ହଦଗଡ଼ ଡ୍ୟାମ୍‌ରୁ ଅଚାନକ ୪ଟି ଗେଟ୍ ଖୋଲାଯିବା ପରେ ସାଳନ୍ଦୀ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଚାଷୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ବନ୍ୟା ସ୍ଥିତିରେ ସୁଧାର ଆସିଥିଲେ ହେଁ ଭଦ୍ରକ ବ୍ଲକର ବେନ୍ତାଳ, ଖଣ୍ଡତଡ଼ା, ଗୁଜିଦରଡ଼ା, ଅର୍ଣ୍ଣପାଳ ଓ ବିଷ୍ଣୁପୁରବିନ୍ଧା ଆଦି ପଞ୍ଚାୟତ ଏବଂ ତିହିଡି ବ୍ଲକର ତଳଗୋପବିନ୍ଧା, ବିଲଣା, ବାରୋ ଆଦି ପଞ୍ଚାୟତରେ ପ୍ରାୟ ୧୦ ହଜାର ହେକ୍ଟର ଚାଷ ଜମିରେ ବନ୍ୟାପାଣି ମାଡ଼ି ରହିଛି। ଫଳରେ ପହିଲି ଆଷାଢ଼ ବର୍ଷା ପରେ ଚାଷୀମାନେ ପକାଇଥିବା ଧାନ ତଳି ସଂପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ସେହିପରି, ଯେଉଁ ଲୋକଙ୍କ ଘରେ ବନ୍ୟା ପାଣି ପଶିଥିଲା, ସେମାନଙ୍କୁ ଏବେବି ଆଶ୍ରୟସ୍ଥଳରେ ରଖାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଉଛି। ଅନ୍ୟପକ୍ଷେ ସାଳନ୍ଦୀ ନଦୀର ଜଳସ୍ତର ସମ୍ପୂର୍ଣ୍ଣ କମିଯାଇଛି। କ୍ଷୟକ୍ଷତିର



ଆକଳନ ପାଇଁ ଜିଲ୍ଲା କୃଷି ବିଭାଗକୁ ଜିଲ୍ଲାପାଳ ଦିଲୀପ ରାଉତରାଏ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କ୍ଷତିଗ୍ରସ୍ତ ଘାଇର ମଧ୍ୟ ତୁରନ୍ତ ମରାମତି କରିବାକୁ ସାଳନ୍ଦୀ କେନାଲ ଡିଭିଜନ୍‌କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲାପାଳ କହିଛନ୍ତି। ବିଡିଓ ଏବଂ ତହସିଲଦାରଙ୍କୁ କ୍ଷେତ୍ରୀୟ ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ ମଧ୍ୟ କୁହାଯାଇଛି।

## ୧୪ ଯାଏଁ ବର୍ଷା

■ **ଭୁବନେଶ୍ୱର, ୪।୭ (ସମିସ):** ବର୍ତ୍ତମାନ ଉତ୍ତର ଓଡ଼ିଶା ନିକଟବର୍ତ୍ତୀ ଝାଡ଼ଖଣ୍ଡ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହ ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍‌ଲାଇନ୍ ମଧ୍ୟ ଗତି କରିଛି। ଏହା ପ୍ରଭାବରେ ପ୍ରାୟ ସମଗ୍ର ରାଜ୍ୟରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ସ୍ଥିତି ପର୍ଯ୍ୟାୟକ୍ରମେ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଆସନ୍ତା ୬ତାରିଖ ବେଳକୁ ଆଉ ଏକ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଉତ୍ତର ଓଡ଼ିଶା ଦେଇ ଗତି କରିବା ସମ୍ଭାବନା ଥିବା ବେଳେ ପୁଣି ୧୧/୧୨ ବେଳକୁ ଆଉ ଏକ ▶ପୃଷ୍ଠା-୭

# ପୁରୀ ହେବ ମହାନଗର ନିଗମ

■ **ଭୁବନେଶ୍ୱର, ୪।୭ (ସମିସ):** ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ପୁରୀ ସହର ଏବଂ ଆଖପାଖ ପଞ୍ଚାୟତକୁ ନେଇ ପୁରୀ ମହାନଗର ନିଗମ ଗଠନ ହେବ। ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ପଞ୍ଚାୟତକୁ ମହାନଗର ନିଗମରେ ସାମିଲ କରାଯିବ; ଯାହାଫଳରେ ଏହି ପଞ୍ଚାୟତବାସୀ ସହରୀ ସୁବିଧା ପାଇପାରିବେ। ଆସନ୍ତାକାଲିଠାରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାମ୍ପ୍ରତିକ ସ୍ଥିତିରେ ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ

### ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର ପାଇଁ ଯୋଜନା

ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହେଉନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ▶ପୃଷ୍ଠା-୭

# ରାଜ୍ୟ ବିଜେପିକୁ ପଡ଼ିଛି ଶନିଦଶା !

**ଅଘଟଣ, ବିବାଦ**

## ୯ ଦିନ ହେଲା ରାଜ୍ୟ ହୁଲସ୍ଥୁଲ


■ **ଭୁବନେଶ୍ୱର, ୪।୭ (ସମିସ):** ରାଜ୍ୟ ବିଜେପିକୁ ଶନିଦଶା ପଡ଼ିଛି। ରଥଯାତ୍ରାରୁ ବାହୁଡ଼ାଯାତ୍ରା ମଧ୍ୟରେ ଉଭୟ ସରକାର ଓ ସଂଗଠନ ଏକାଧିକ ଅଘଟଣ, ବିଭ୍ରାଟରେ ଛନ୍ଦି ହେବା ସହ ସାଧାରଣରେ ଲଜ୍ଜିତ ହୋଇଛି। ରଥଯାତ୍ରା ଦିନରୁ ଅଘଟଣ ଆରମ୍ଭ ହୋଇଥିବା ବେଳେ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଭଦ୍ରୋଚିତ, ଅରୁଚିକର ଟିପ୍ପଣୀ ବିଜେପିକୁ ସାଧାରଣରେ ନିନ୍ଦିତ କରିଛି। ଏହା ମଧ୍ୟରେ ଗୁଣ୍ଡିଚା ମନ୍ଦିରରେ ଦଳାଚକଟା ମୃତ୍ୟୁ, ଓଏଏସ ଅଧିକାରୀଙ୍କୁ ବିଜେପି ନେତାଙ୍କ ମରଣାନ୍ତକ ଆକ୍ରମଣ ଘଟଣାରେ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅଣନିଶ୍ୱାସୀ। ଦଳୀୟ ନେତା, କର୍ମୀ ଉଭୟ ଆଚରଣ ଏବଂ ଉଚ୍ଚାରଣ

### ରଥଯାତ୍ରା ବିବାଦରୁ ନୀଳଗିରି ବିଧାୟକଙ୍କ ଅରୁଚିକର ଟିପ୍ପଣୀ

### ନେତାଙ୍କ ବିଶୃଙ୍ଖଳା ଦଳ ଓ ସରକାରଙ୍କୁ କଲାଣି ଅଣନିଶ୍ୱାସୀ

ବୋଲ ମାନୁ ନ ଥିବା ବେଳେ ଏହା ଦଳ ପାଇଁ ଆଗାମୀ ଦିନରେ ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମୋଦକ ଚୋରିରୁ ପୁରୀରେ ରଥଯାତ୍ରା ଅଘଟଣ ଆରମ୍ଭ ହୋଇଥିବା ବେଳେ ତାହା ଏଯାବତ୍ ଥମିବାର ନାଁ ଧରୁନାହିଁ। ରଥଯାତ୍ରା ଦିନ ୩ ରଥ ବିଳମ୍ବରେ ଟଣା ହେବା, ନନ୍ଦିଘୋଷ ରଥ ସନ୍ଧ୍ୟା ପରେ ନୀତି ବିରୋଧରେ ଯାଇ ଟଣାହେବାକୁ ନେଇ ଖୁବ୍ ସମାଲୋଚିତ ହୋଇଥିଲେ ସରକାର। ବିଭ୍ରାଟ ଏତିକିରେ ସମାପ୍ତ ହୋଇ ନ ଥିଲା। ଏହାପର ଦିନ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟା କାରଣରୁ ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା। ଭୟଙ୍କର ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଏହି ଦଳାଚକଟା ଘଟିଥିବା ବେଳେ ଏହା ବିଶ୍ୱବ୍ୟାପୀ ▶ପୃଷ୍ଠା-୭



## ଆଉ ଆସିବନି 'କାଣ୍ଟା ଲଗା'ର ସିକ୍ୱେଲ



ମୁମ୍ବାଇ, ୪।୭ (ଏଜେନ୍ସି): 'କାଣ୍ଟା ଲଗା' ଗାର୍ଲ ଭାବେ ପରିଚିତ ଶେଫାଳି ଜରିୱାଲାଙ୍କ ମୃତ୍ୟୁ ସମସ୍ତଙ୍କୁ ଗଭୀର ଆଘାତ ଦେଇଛି। ଏବେ 'କାଣ୍ଟା ଲଗା' ଗୀତର ନିର୍ମାତାମାନେ ଏହି ଅଭିନେତ୍ରୀଙ୍କୁ ନିଆରା ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। 'କାଣ୍ଟା ଲଗା' ଗୀତର ଆଉ ସିକ୍ୱେଲ (ପରବର୍ତ୍ତୀ ସଂସ୍କରଣ) ଆସିବ ନାହିଁ ବୋଲି ଘୋଷଣା କରିଛନ୍ତି। ଏହି ଗୀତ କେବଳ ଶେଫାଳିଙ୍କର ହୋଇ ରହିବ। ଏହି ଗୀତର ନିର୍ଦ୍ଦେଶକ ରାଧିକା ରାଓ ଏବଂ ବିନୟ ସପ୍ରୁ କହିଛନ୍ତି ଯେ ଶେଫାଳି ଏକାକୀ 'କାଣ୍ଟା ଲଗା' ଗାର୍ଲ ହୋଇ ରହିବାକୁ ଚାହୁଁଥିଲେ। ତେଣୁ ଏହାର ସିକ୍ୱେଲ ଆଉ ନ ଆଣିବାକୁ ନିଷ୍ପତ୍ତି ନେଇଛୁ। ଏହି ଗୀତ ପାଇଁ ଶେଫାଳିଙ୍କୁ କାହିଁକି ନେଇଥିଲେ ମଧ୍ୟ କହିଛନ୍ତି। ରାଧିକ ଏବଂ ବିନୟ ଥରେ ଲିଙ୍କିଙ୍ଗ ରୋଡ୍‌ରେ ଏକ ଜଙ୍ଗଲ ରାସ୍ତା ଦେଇ ଯାଉଥିଲେ। ସେ ସମୟରେ ଜଣେ ଯୁବତୀ ନିଜ ମାଆଙ୍କୁ ଛୋଟ ପିଲାଙ୍କ ପରି କାନ୍ଧରେ ପକାଇ ସ୍କୁଟରରେ ରାସ୍ତା ପାର୍ ହେଉଥିଲେ। ଏହା ଦେଖି ଆମେ ସେହି ଯୁବତୀଙ୍କୁ କାଣ୍ଟା ଲଗା ଗୀତ ପାଇଁ ନେବାକୁ ସ୍ଥିର କରିଥିଲୁ।

## ରକିଂ ଜେଜେ ମା'



ଚଣ୍ଡିଗଡ଼, ୪।୭ (ଏଜେନ୍ସି): ବୟସ ୭୭ ବର୍ଷ। କିନ୍ତୁ କାମ ପିଲାଙ୍କ ପରି। ବୟସର ଅପରାହ୍ଣରେ ବି ସେ ଚଳ ଚଞ୍ଚଳ। ନିଜ ଷ୍ଟାଇଲରେ ସେ ଚହଳ ପକାଇ ଦେଇଛନ୍ତି। କେବଳ ରାଜ୍ୟରେ ଦେଶ ବିଦେଶରେ ବି ନାମ କମାଇଲେଣି। ନିଜ ସାହସିକତା ଏବଂ କଳାକୌଶଳ ପାଇଁ ସୋସିଆଲ ମିଡିଆରେ ସେ ଭାଇରାଲ ହୋଇ ଚାଲିଛନ୍ତି। ହାତରେ ବାଡ଼ି ଧରିଥିଲେ ବି କାମରେ ଅନେକଙ୍କୁ ମାତ୍ ଦେଇ ଦେଉଛନ୍ତି। ତାଙ୍କୁ ସମସ୍ତେ 'ରକିଂ ଜେଜେ ମା' ଡାକୁଛନ୍ତି। ସେ ହେଉଛନ୍ତି ହରିୟାଣା ସୋନିପତ ସ୍ଥିତ ହୁଲୈଡି ଗ୍ରାମର ବାସିନ୍ଦା ସାବୋ ଦେବୀ। ସେ ପ୍ରତ୍ୟେକ ଦିନ ୧୫ ଫୁଟ ଗଭୀର କେନାଲକୁ ପୋଲରୁ ଡେଉଁଛନ୍ତି। ସେ ହରିଦ୍ୱାରରେ ହରକି ପୈଡିରୁ ପହଁରି ଗଙ୍ଗା ପାର କରି ସାରିଛନ୍ତି। ଏହି ବୟସରେ ବି ସେ ସବୁ ଆହ୍ୱାନକୁ ସ୍ୱୀକାର କରୁଛନ୍ତି। ସେ ଅନେକ ଘଣ୍ଟା ପର୍ଯ୍ୟନ୍ତ ବରଫ ପାଣିରେ ଶୋଇ 'ବରଫ ଚ୍ୟାଲେଞ୍ଜ' ମଧ୍ୟ ସ୍ୱୀକାର କରିଛନ୍ତି। ସେ ପହଁରି ନାତି ସହିତ ୨ ଶିଶୁଙ୍କ ମଧ୍ୟ ଜୀବନ ବଞ୍ଚାଇଛନ୍ତି।

## ତାଲିବାନ ସରକାରଙ୍କୁ ମାନ୍ୟତା ଦେଲା ରୁଷ୍

କାବୁଲ/ମସ୍କୋ, ୪।୭(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ସରକାରଙ୍କୁ ରୁଷିଆ ଆନୁଷ୍ଠାନିକ ଭାବେ ମାନ୍ୟତା ପ୍ରଦାନ କରିଛି। ବିଶ୍ୱର ପ୍ରଥମ ଦେଶ ଭାବେ ରୁଷିଆ ଏହି ମାନ୍ୟତା ପ୍ରଦାନ କରିଛି। ଗୁରୁବାର ରାଜଧାନୀ କାବୁଲ୍‌ରେ ଆଫଗାନ ବିଦେଶମନ୍ତ୍ରୀ ଅମୀର ଖାନ ମୁତାକି ଓ ଆଫଗାନିସ୍ତାନର ରୁଷ୍ ରାଜଦୂତ ଦିମିତ୍ରି ଝିରନୋଭ ଏକ ବୈଠକରେ ମିଳିତ ହୋଇ ଏହି ଘୋଷଣା କରିଛନ୍ତି। ରୁଷ୍‌ର ଏହି ନିଷ୍ପତ୍ତିକୁ ତାଲିବାନ ସରକାର ଏକ ସାହସିକ ପଦକ୍ଷେପ ବୋଲି ଘୋଷଣା କରିଛି। ରୁଷ୍ ପରେ ଏବେ ଅନ୍ୟଦେଶମାନେ ମଧ୍ୟ ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରିବେ ଓ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ତାଲିବାନ ସରକାରଙ୍କ ତରଫରୁ କୁହାଯାଇଛି। ଏବେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଓ ସମ୍ପର୍କରେ ଉନ୍ନତି ହେବ ବୋଲି ରୁଷିଆ ତରଫରୁ କୁହାଯାଇଛି। ଯେତେବେଳେ ଗୋଟିଏ ଦେଶ ଅନ୍ୟ ଦେଶକୁ ମାନ୍ୟତା ପ୍ରଦାନ କରିଥାଏ, ସେତେବେଳେ ସେହି ଦେଶକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ବୋଲି ସ୍ୱୀକାର କରିଥାଏ। ଉଲ୍ଲେଖଥାଉ କି, ୨୦୨୧ ଅଗଷ୍ଟ ୧୫ରେ ତାଲିବାନ ଆଫଗାନିସ୍ତାନରେ କ୍ଷମତାକୁ ଆସିଥିଲା। ଆମେରିକା ସମେତ ଭାରତ ଓ ଅନ୍ୟ ସବୁ ଦେଶ ତାଲିବାନ ସରକାରଙ୍କୁ ଏପର୍ଯ୍ୟନ୍ତ ମାନ୍ୟତା ପ୍ରଦାନ କରିନାହାନ୍ତି।

## ରୋମ୍ ଗ୍ୟାସ୍ ଡିପୋରେ ଭୟଙ୍କର ବିସ୍ଫୋରଣ

ରୋମ, ୪।୭(ଏଜେନ୍ସି): ଇଟାଲୀ ରାଜଧାନୀ ରୋମର ଏକ ଗ୍ୟାସ ଡିପୋରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୨୧ ଜଣ ଲୋକ ଆହତ ହୋଇଛନ୍ତି। ବିସ୍ଫୋରଣ ପରେ ନିଆଁର ଏକ ପିଣ୍ଡୁଳା ଆକାଶରେ ଦେଖିବାକୁ ମିଳିଥିଲା। ସ୍ଥାନୀୟ ସମୟ ଅନୁସାରେ ସକାଳ ୮ଟରେ ଏହି ବିସ୍ଫୋରଣ ଘଟିଥିଲା ଓ ଘଟଣାସ୍ଥଳରୁ ୩୦୦ ମିଟର ପର୍ଯ୍ୟନ୍ତ ଧୂଆଁ ଓ ପାଉଁଷ ବିଛାଡି ହୋଇ ପଡ଼ିଥିଲା। ଏହି ଡିପୋରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଘଟିବା ପରେ ଲୋକଙ୍କୁ ଘରୁ ବାହର କରାଯାଇ ନିରାପଦ ସ୍ଥାନକୁ ନିଆଯାଇଥିଲା। ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ରୋମ ମେୟରଙ୍କ ଏ ନେଇ କଥା ହୋଇଛନ୍ତି। ଘଟଣାସ୍ଥଳରେ ଗୋଟିଏ ସ୍କୁଲ ଥିଲା। ସ୍କୁଲର ୧୫ ଜଣ ଛାତ୍ରଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। କେତୋଟି ଦମକଳ ଗାଡ଼ି ଓ ଆମ୍ବୁଲାନ୍ସକୁ ସେଠାରେ ନିୟୋଜିତ କରାଯାଇଛି।

## ସାନିଟାରୀ ପ୍ୟାଡ୍‌ରେ ରାହୁଲଙ୍କ ଫଟୋକୁ ନେଇ ବିବାଦ

ପାଟନା, ୪।୭ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ରାଜ୍ୟରେ ୫ ଲକ୍ଷ ମହିଳାଙ୍କୁ ସାନିଟାରୀ ପ୍ୟାଡ ବାଣ୍ଟିବାକୁ ନିଷ୍ପତ୍ତି ନେଇଛି। ଏହି ସାନିଟାରୀ ପ୍ୟାକେଟରେ ରାହୁଲ ଗାନ୍ଧୀଙ୍କ ଫଟୋ ରହିଛି। ତେଣୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ପ୍ୟାକେଟରେ ଲେଖା ହୋଇଛି ଯେ 'ମାଇ-ବହି ମାନ ଯୋଜନା, ଅଭାବୀ ମହିଳାଙ୍କୁ ମାସକୁ ୨୫୦୦ ଟଙ୍କା ପ୍ରୋତ୍ସାହନ'। ବିହାର କଂଗ୍ରେସ ଅଧ୍ୟକ୍ଷ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ ଏହି ସୂଚନା ଦେଇଥିଲେ। ତେବେ ଏହା ବିହାର ମହିଳାଙ୍କ ପ୍ରତି ଅପମାନ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଦଳୀୟ ପ୍ରବକ୍ତା ଅଜୟ ଆଲୋକ କହିଛନ୍ତି ଯେ ଜାଣିଶୁଣି ଏଭଳି ଘୃଣ୍ୟ କାମ କରାଯାଉଛି। ବିହାର ମହିଳା ଗରିବ ହୋଇପାରନ୍ତି, କିନ୍ତୁ ତାଙ୍କ ସ୍ୱାଭିମାନ ମରି ଯାଇନାହିଁ। କଂଗ୍ରେସ ନେତା ନିଜ ଘରକୁ ଯାଇ ଏହି ପ୍ୟାଡ ଦେଇପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲ ଏବେ ବିଜ୍ଞାପନ ଷ୍ଟାର ପାଲଟି ଯାଇଛନ୍ତି।

### ଅପରେସନ ସିନ୍ଦୂର

# 'ସୀମାରେ ତିନି ଶତ୍ରୁ ସହ ଲଢ଼ିଥିଲା ଭାରତ'



ନୂଆଦିଲ୍ଲୀ, ୪।୭(ଏଜେନ୍ସି): ଅପରେସନ ସିନ୍ଦୂର ନେଇ ଭାରତୀୟ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ରାହୁଲ ଆର ସିଂ ବଡ଼ ମନ୍ତବ୍ୟ ଦେଇଛନ୍ତି। ୪ ଦିନର ଏହି ଛୋଟିଆ ଯୁଦ୍ଧରେ ଭାରତ ଗୋଟିଏ ସୀମାରେ ତିନି ଶତ୍ରୁ ଦେଶ ସହ ଲଢିଥିଲା ବୋଲି ସେ ଶୁକ୍ରବାର କହିଛନ୍ତି। ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ହୋଇଥିଲା। ତେବେ ଚୀନ୍ ଓ ତୁର୍କୀ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ସହ ବାକି ଯୁଦ୍ଧ ସରଞ୍ଜାମ ଯୋଗାଇଥିଲା। ଚୀନ ପାକିସ୍ତାନକୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଦେଇଥିଲା ଓ ଭାରତ ବିପକ୍ଷରେ ଏହାର ପରୀକ୍ଷା କରାଇଥିଲା। ଭାରତକୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣର ପ୍ରୟୋଗଶାଳା ଭାବେ ଚୀନ୍ ବ୍ୟବହାର କରିଥିଲା। ଯଦିଓ ଏହି ଚାଲ ବିଫଳ ହୋଇଥିଲା। ଚୀନ୍ ଭାରତର ପ୍ରତ୍ୟେକ ରଣନୀତି ଓ ପଦକ୍ଷେପର ଲାଇଭ ଅପଡେଟ ପାକିସ୍ତାନ ସହ ସେୟାର କରୁଥିଲା। ସେହିପରି ତୁର୍କୀ ମାନବ ବିହୀନ ଉଡନ୍ତା ଯାନ ସହ ଡ୍ରୋନ ପାକିସ୍ତାନକୁ ଯୋଗାଇଥିଲା ଓ ଏଗୁଡିକ ଭାରତ ବିରୋଧରେ ପାକିସ୍ତାନ ପୂରା ଦମ୍‌ରେ ବ୍ୟବହାର କରିଥିଲା। ନୂଆଦିଲ୍ଲୀର ଏଫ୍‌ଆଇସିସିଆଇ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ନ୍ୟୁ ଏଜ ମିଲେଟ୍ରି ଟେକ୍ନୋଲୋଜିସ' ଇଭେଣ୍ଟରେ ଯୋଗ ଦେଇ ରାହୁଲ ଆର ସିଂ ଏହି କଥା କହିଛନ୍ତି।


- ଆହୁରି ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମ ଆବଶ୍ୟକ
- ଚୀନ ଅସ୍ତ୍ରଶସ୍ତ୍ରର ପ୍ରୟୋଗଶାଳା ଥିଲା ଯୁଦ୍ଧ
- ପାକିସ୍ତାନକୁ ଡ୍ରୋନ ଯୋଗାଇଥିଲା ତୁର୍କୀ

ଅପରେସନ ସିନ୍ଦୂରରୁ ଆମେ ଏକାଧିକ ଅଭିଜ୍ଞତା ଓ ଶିକ୍ଷା ହାସଲ କରିବାରେ ସକ୍ଷମ ହୋଇଛୁ। ଏହି ଛୋଟିଆ ସଂଘର୍ଷରେ ଆମେ ଆଧୁନିକ ଯୁଦ୍ଧର କଳା ଶିକ୍ଷା ହାସଲ କରଛୁ। ଆହୁରି ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମର ଆବଶ୍ୟକତା ଅଛି ବୋଲି ଆମେ ହୃଦୟଙ୍ଗମ କରିଛୁ। ଏବେ ଭାରତ ଆଉ କୌଣସି ଆଘାତକୁ ବରଦାସ୍ତ କରିବ ନାହିଁ। ମୋଟ୍ ୨୧ଟି ଟାର୍ଗେଟକୁ ଆମେ ଚିହ୍ନିତ କରିଥିଲୁ। ଏଥିମଧ୍ୟରୁ ଆମେ ୯ଟି ନିଶାଣ କରିଥିଲୁ। ଶେଷ ମୂହୁର୍ତ୍ତରେ ଏହି ୯ଟି ଟାର୍ଗେଟ୍‌ରେ ମିସାଇଲ ମାଡ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି। ଏବେ ଆହୁରି ଅଧିକ ଏୟାର ଡିଫେନ୍ସ ସିଷ୍ଟମ, କାଉଣ୍ଟର-ରକେଟ ଆର୍ଟିଲାରୀ ଡ୍ରୋନ୍ ଭଳି ଗୁରୁତ୍ୱପୂର୍ଣ୍ଣ ସିଷ୍ଟମ ପ୍ରସ୍ତୁତ କରିବାକୁ ହେବ ଓ ଆମକୁ ଦ୍ରୁତଗତିରେ ଆହୁରି ଆଗକୁ ବଢ଼ିବାକୁ ହେବ। ଇସ୍ରାଏଲ ପାଖରେ ଆଇରନ ଡୋମ୍ ଡିଫେନ୍ସ ସିଷ୍ଟମ ଓ ଅନ୍ୟ ଡିଫେନ୍ସ ସିଷ୍ଟମ ଅଛି। ଭାରତ ବିଶାଳ ହୋଇଥିବାରୁ ଆମ ପାଖରେ ଏଭଳି ସୁବିଧା ନାହିଁ। ଏଭଳି ସୁବିଧା ହାସଲ କରିବାକୁ ହେଲେ ବହୁତ ଅର୍ଥ ବ୍ୟୟ କରିବାକୁ ହେବ। ଫଳରେ ଆମକୁ ଆହୁରି ଆଗକୁ ବଢ଼ିବାକୁ ହେବ ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି, ଜମ୍ମୁର ପହଲଗାମ୍‌ରେ ପାକିସ୍ତାନର ପ୍ରାୟୋଜିତ ଆତଙ୍କବାଦୀମାନେ ଏପ୍ରିଲ ୨୨ରେ ଆକ୍ରମଣ କରି ୨୬ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଗୁଳି କରି ହତ୍ୟା କରିଥିଲେ। ଏଥିରେ ହିନ୍ଦୁ ଧର୍ମକୁ ହିଁ ଟାର୍ଗେଟ କରାଯାଇଥିଲା। ଏହାର ଜବାବରେ ଭାରତ ଅପରେସନ ସିନ୍ଦୂର ମେ ୭ରେ ଆରମ୍ଭ କରିଥିଲା। ପାକିସ୍ତାନର ୯ଟି ଆତଙ୍କୀ ଠିକଣାରେ ମିସାଇଲ ମାଡ କରି ଭାରତ ଅତିକମ୍‌ରେ ୧୦୦ ଆତଙ୍କବାଦୀଙ୍କୁ ନିପାତ କରିଥିଲା। ତେବେ ମେ ୧୦ ସନ୍ଧ୍ୟା ୫ଟରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷିତ ହୋଇଥିଲା।

## ବିବାଦୀୟ ନୁହଁ ମଥୁରାର ଶାହି ଇଦ୍‌ଗାହ ମସଜିଦ୍: ହାଇକୋର୍ଟ

ପ୍ରୟାଗରାଜ, ୪।୭(ଏଜେନ୍ସି): ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ଓ ଶାହି ଇଦ୍‌ଗାହ ମସ୍‌ଜିଦ୍ ବିବାଦ ଏବେ ନୂଆ ମୋଡ ନେଇଛି। ମଥୁରାର ଶାହି ଇଦ୍‌ଗାଡ ମସଜିଦ୍‌ର ବିବାଦୀୟ ଢାଞ୍ଚା ବିବାଦୀୟ ନୁହଁ ବୋଲି କୋର୍ଟ କହିଛନ୍ତି। ଫଳରେ ଏହି ମାମଲାରେ ହିନ୍ଦୁ ପକ୍ଷକୁ ବଡ଼ ଝଟ୍‌କା ଲାଗିଛି। ଏହି ଢାଞ୍ଚାକୁ ବିବାଦୀୟ ବୋଲି ଘୋଷଣା କରିବାକୁ କୋର୍ଟ ମନା କରିଦେଇଛନ୍ତି। ଗତ ଶୁଣାଣିରେ ଦୁଇପକ୍ଷ ମଧ୍ୟରେ ଜବରଦସ୍ତ ତର୍କ ହୋଇଥିଲା ଓ କୋର୍ଟ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଥିଲେ। ଜଷ୍ଟିସ ରାମ ମନୋହର ନାରାୟଣ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ତେବେ ଏହି ରାୟ ଅନ୍ୟ ପିଟିସନଗୁଡିକ ଉପରେ କୌଣସି



ପ୍ରଭାବ ପକାଇବା ନାହିଁ। କିନ୍ତୁ ଶାହି ଇଦ୍‌ଗାହ ମସଜିଦ ପକ୍ଷ ଏହାକୁ ଏକ ବଡ଼ ବିଜୟ ବୋଲି ଅବିହିତ କରିଛି। ଅଗଷ୍ଟ ୨ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ଓ ଏବେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ଶ୍ରୀକୃଷ୍ଣ ଜନ୍ମଭୂମୀ ଉପରେ ଅବସ୍ଥିତ ଅତି ପ୍ରାଚୀନ ମନ୍ଦିରକୁ ଭାଙ୍ଗି ୧୬୭୦ରେ ଆଉରଙ୍ଗଜେବ୍ ଏହି ମସଜିଦ ନିର୍ମାଣ କରିଥିଲେ ବୋଲି ହିନ୍ଦୁ ପକ୍ଷ ଦାବି କରିଆସୁଛନ୍ତି। ଗତ ମାର୍ଚ୍ଚ ୫ରେ ଏ ନେଇ ଏହି ଢାଞ୍ଚାକୁ ବିବାଦିତ ବୋଲି ଘୋଷିତ କରିବା ପାଇଁ ପିଟିସନ ଦାଏର କରାଯାଇଥିଲା। ମେ ୨୩ରେ ଏ ନେଇ ଦୁଇ ପକ୍ଷ ମଧ୍ୟରେ ତର୍କ ସମ୍ପୂର୍ଣ୍ଣ ହୋଇଥିଲା।

## ୟୁକ୍ରେନ ଉପରେ ରୁଷିଆର ୫୫୦ ମିସାଇଲ, ଡ୍ରୋନ ମାଡ଼

ମସ୍କୋ, ୪।୭(ଏଜେନ୍ସି): ରୁଷିଆ ଶୁକ୍ରବାର ସକାଳେ ୟୁକ୍ରେନ ଉପରେ ପୁଣି ଆକ୍ରମଣ କରିଛି। ରୁଷିଆର ୫୫୦ ମିସାଇଲ ଓ ଡ୍ରୋନ ମାଡ କରିଛି। ତେବେ ଏଥିମଧ୍ୟରୁ ୨୭୦ ମିସାଇଲ୍‌କୁ ଆକାଶରେ ହିଁ ନିଷ୍ଟ କରାଯାଇଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମୀର ଜେଲେନସ୍କି ଦାବି କରିଛନ୍ତି। ସେହିପରି ୩୩୦ ଡ୍ରୋନ ମଧ୍ୟରୁ ୨୦୮ଟିକୁ ଇଲେକଟ୍ରୋନିକ ସିଷ୍ଟମ ମାଧ୍ୟମରେ ନିଷ୍କ୍ରିୟ କରିଦିଆଯାଇଛି ବୋଲି ସେ କହିଛନ୍ତି। ଏହି ଡ୍ରୋନଗୁଡିକ ଇରାନରେ ତିଆରି ହୋଇଥିଲା। ୟୁକ୍ରେନ ରାଜଧାନୀ କିଭ୍‌କୁ ଲକ୍ଷ୍ୟ କରି ଏହି ଡ୍ରୋନ ଓ ମିସାଇଲ ଛଡା ଯାଇଥିଲା। କିଭ୍ ବ୍ୟତୀତ ଖର୍କିବ, ସୁମୀ, ଦନିପ୍ରୋ, ଚୋନିହିବ ସହର ଓ ଆଖାପାଖ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି। ଏହି ଆକ୍ରମଣରେ ଅତିକମ୍‌ରେ ୨୩ ଜଣ ଲୋକ



ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣରେ କିଭ୍‌ର ଆପାର୍ଟମେଣ୍ଟ ବିଲ୍ଡିଂ, ଦୋକାନ, ଗୋଟିଏ ସ୍କୁଲ, ଗୋଟିଏ ହସ୍ପିଟାଲ, ରେଳ ଲାଇନ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମୀ କ୍ଷତିଗ୍ରସ୍ତ ହୋଇଛି ବୋଲି କୁହାଯାଇଛି। ରୁଷିଆର ଏହି ଆକ୍ରମଣ ଜୁଲାଇ ୩ ରାତି ୧୦ଟାରୁ ଆରମ୍ଭ ହୋଇ ୪ ତାରିଖ ସକାଳ ପର୍ଯ୍ୟନ୍ତ ଜାରି ରହିଥିଲା।

## ସଂକ୍ରମଣ ଚିକିତ୍ସା କରାଇବାକୁ ଯାଇ ଗୁପ୍ତାଙ୍ଗ ହରାଇଲେ

ଗୌହାଟୀ, ୪।୭(ଏଜେନ୍ସି): ଆସାମର କଚର ଜିଲ୍ଲାରେ ଏକ ଅଭାନୀୟ ଘଟଣା ଦେଖିବାକୁ ମିଳିଛି। ୨୮ ବର୍ଷୀୟ ଜଣେ ବ୍ୟକ୍ତି ସଂକ୍ରମଣର ଚିକିତ୍ସା କରିବାକୁ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଡାକ୍ତର ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିବାର ଅଭିଯୋଗ ହୋଇଛି। ଏହି ବ୍ୟକ୍ତି ଜଣ ହେଉଛନ୍ତି ମଣିପୁର ରାଜ୍ୟର ଜିରିବାମ୍ ଜିଲ୍ଲାର ଅତିକୁର ରହମାନ। ଗୁପ୍ତାଙ୍ଗରେ ସଂକ୍ରମଣ କାରଣରୁ ଜୁନ୍ ୧୯ରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ବାୟୋପସୀ ଟେଷ୍ଟ ହୋଇଥିଲା। ତେବେ ପରାମର୍ଶ ବିନା ଡାକ୍ତର ତାଙ୍କ ଗୁପ୍ତାଙ୍ଗକୁ କାଢି ନେଇଥିଲେ। ଏ ନେଇ ପୁଲିସ୍‌ରେ ସେ ଅଭିଯୋଗ କରିଛନ୍ତି। ହସ୍ପିଟାଲ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଏବେ ମୋର ଜୀବନ ଶେଷ ହୋଇଛି ବୋଲି ରହମାନ କହିଛନ୍ତି। ଏ ନେଇ ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିଛନ୍ତି।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

## ଭଗବାନଙ୍କୁ ନ୍ୟାୟରେ ଦେଖନ୍ତୁ; ନ୍ୟାୟଧୀଶଙ୍କଠାରେ ନୁହେଁ

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ଏକ ମନ୍ଦିର ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ବିଚାରପତିଙ୍କଠାରେ ନୁହେଁ, ବରଂ ନ୍ୟାୟରେ ଭଗବାନଙ୍କୁ ଦେଖନ୍ତୁ ବୋଲି ଜଷ୍ଟିସ ଏମଏମ ସୁନ୍ଦରେଶ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି।



ଏହି ମାମଲା ଲଢୁଥିବା ଓକିଲ ଓହରିବା ପାଇଁ ଅନୁମତି ମାଗିଥିଲେ। ଆବେଦନକାରୀ ସହଯୋଗ କରୁ ନ ଥିବା କହିଥିଲେ। ଏହା ସହିତ ଗୁରୁତର ଅଭିଯୋଗ ଲଗାଇ ଓକିଲଙ୍କୁ ଆଇନଗତ ନୋଟିସ ପଠାଇ ଥିଲେ। ନୋଟିସରେ କୁହାଯାଇଥିଲା ଯେ ଓକିଲଙ୍କ ମାଧ୍ୟମରେ ବିଚାରପତିଙ୍କୁ ଫସା ଯାଉଛି। ଏହା ଉପରେ ଜଷ୍ଟିସ ସୁନ୍ଦରେଶ କହିଥିଲେ ଯେ ବିଚାରପତି ସରକାରୀ ଚାକିରିଆ ହୋଇଥାନ୍ତି। ଆମଠାରେ ଭଗବାନଙ୍କୁ ଦେଖନାହିଁ। ଦୟାକରି ନ୍ୟାୟରେ ଭଗବାନଙ୍କୁ ଦେଖନ୍ତୁ। ଏହା ସହିତ କୋର୍ଟ ଓକିଲଙ୍କୁ ମାମଲାରୁ ହଟିବା ପାଇଁ ଅନୁମତି ଦେଇଥିଲେ।

### ଅହମଦାବାଦ ବିମାନ ଦୁର୍ଘଟଣା

## କ୍ଷତିପୂରଣ ଦେବାକୁ ଏୟାର ଇଣ୍ଡିଆ କୁଣ୍ଠିତ

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଏୟାର ଇଣ୍ଡିଆ ଏବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ କୁଣ୍ଠିତ ହେଉଛି ଓ ଏଥିରୁ ବଞ୍ଚିବାକୁ ଚାହୁଁଛି। ଏନେଇ ୪୦ଟିରୁ ଅଧିକ ପୀଡିତ ପରିବାରର କେସ ଲଢୁଥିବା ବ୍ରିଟେନର ଆଇନଗତ ତଥା ଲ ଫାର୍ମ ଷ୍ଟିୱାର୍ଟ ଅଭିଯୋଗ କରିଛି। ଷ୍ଟିୱାର୍ଟ ୪୦ରୁ ଅଧିକ ପୀଡିତ ପରିବାର ପାଇଁ କେସ ଲଢୁଛି। ଏୟାର ଇଣ୍ଡିଆ ପୀଡିତ ପରିବାର ସଦସ୍ୟଙ୍କଠାରୁ ଆଇନଗତ ଉପାୟରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସ୍ଥିତି ସମ୍ପର୍କରେ ସୂଚନା ମାଗୁଛି ବୋଲି ଷ୍ଟୁଆର୍ଟର ଓକିଲ ପିଟର ନିନାନ କହିଛନ୍ତି। ଏହା ଦ୍ୱାରା କ୍ଷତିପୂରଣର ପରିମାଣ କମ୍ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏୟାର ଇଣ୍ଡିଆ ପୀଡିତ ପରିବାରର ସଦସ୍ୟଙ୍କୁ ଅନୈତିକ ଓ ଅପମାନଜନକ ବ୍ୟବହାର କରୁଛି। ଏହି କ୍ରମରେ ଏୟାର ଇଣ୍ଡିଆ ୧୦୫୦ କୋଟି ଟଙ୍କା ବଞ୍ଚାଇବାକୁ ଚାହୁଁଛି ବୋଲି ସେ କହିଛନ୍ତି। ଏହି ମାମଲାର ଯାଞ୍ଚ ହେବା ଜରୁରୀ। ସେ ନିଜର କ୍ଲାଏଣ୍ଟମାନଙ୍କୁ ଫର୍ମ ପୂରଣ ନ କରିବାକୁ ଓ କ୍ଷତିପୂରଣ ପାଇବାକୁ ଆଇନ ବାଟ ଯିବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଏହି ଅଭିଯୋଗକୁ ଏୟାର ଇଣ୍ଡିଆ ପ୍ରତ୍ୟାଖାନ କରିଛି। ଉଲ୍ଲେଖଥାଉ କି, ଜୁନ୍ ୧୨ରେ ଘଟିଥିବା ବିମାନ ଦୁର୍ଘଟଣାରେ ୨୭୦ଜଣ ଲୋକ ପ୍ରାଣ ହରାଇଥିଲେ। ବିମାନରେ ୨୪୨ ଜଣ ଯାତ୍ରୀ ଥିଲେ। ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ବିମାନ ଯେଉଁ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା ସେଠାରେ ୨୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଟେକ୍‌ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ପରେ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।

### ଚେତାବନୀ ଦେଲା ଡିଜିସିଏ

ଭାରତୀୟ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିଭିନ୍ନ ସମସ୍ୟା ନେଇ ଏୟାର ଇଣ୍ଡିଆକୁ ଚେତାବନୀ ଦେଇଛି। ଏୟାର ବସ ଏ୩୨୦ର ଇଞ୍ଜିନକୁ ଠିକ୍ ଟାଇମ୍‌ରେ ମରାମତି ତଥା ବଦଳ ନଯିବା, ଏ ନେଇ ରେକର୍ଡରେ ଠକାମୀକୁ ନେଇ ଏୟାର ଇଣ୍ଡିଆକୁ ସତର୍କ କରାଇଦିଆଯାଇଛି। ପୂର୍ବରୁ ଏ ନେଇ ୟୁରୋପିଆନ ୟୁନିୟନ ସେଫ୍ଟି ଏଜେନ୍ସି ୨୦୨୩ରେ ଅସୁରକ୍ଷିତ ବିମାନ ଯାତ୍ରା ନେଇ ସତର୍କ କରାଇଥିଲା। ଠିକ୍ ସମୟରେ ଇଞ୍ଜିନକୁ ବଦଳାଇବା ଉପରେ ଏହି ଏଜେନ୍ସି ଗୁରୁତ୍ୱ ଦେଇଥିଲା।

# ୪୨ ବର୍ଷର ଆଇନଗତ ଲଢ଼େଇ ପରେ ମିଳିଲା ନ୍ୟାୟ

ଜବଲପୁର, ୪।୭ (ଏଜେନ୍ସି): ଭାରତୀୟ ନ୍ୟାୟିକ ବ୍ୟବସ୍ଥାର କରୁଣ ଚିତ୍ର ମଧ୍ୟପ୍ରଦେଶରୁ ସାମ୍ନାକୁ ଆସିଛି। ଅନ୍ୟାୟର ଶିକାର ହୋଇଥିବା ଜଣେ ଶିକ୍ଷକଙ୍କୁ ନ୍ୟାୟ ମିଳିବାକୁ ୪୨ ବର୍ଷ ଲାଗି ଯାଇଛି। ୪୪ ବର୍ଷରେ ଭୁଲ୍ ନ କରି ଦଣ୍ଡ ମିଳିଥିବାବେଳେ ୮୬ ବର୍ଷରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ଦୀର୍ଘ ବର୍ଷର ଆଇନଗତ ଲଢେଇ, ସାମାଜିକ ଉପେକ୍ଷା ଏବଂ ଉତ୍କଟ ଆର୍ଥିକ ସ୍ଥିତିରେ ପଡ଼ି ମଧ୍ୟ ବୈତୁଲ ଜିଲ୍ଲାର ଏହି ବୃଦ୍ଧ ଶିକ୍ଷକ ମାନକରାମ ସୂର୍ଯ୍ୟବଂଶୀ ନ୍ୟାୟ ପାଇଁ ଲଢେଇ କରି ଚାଲିଥିଲେ। ହାର୍ ନ ମାନି ସଂଘର୍ଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଚାରି ଦଶନ୍ଧି ହେଲା କୋର୍ଟକୁ ଧାଇଁଥିଲେ। ଏବେ ହାଇକୋର୍ଟଙ୍କ ରାୟ ତାଙ୍କୁ ନ୍ୟାୟ ଦେଇଛି। ୧୯୮୩ରେ ଗୁରୁତର ଅଭିଯୋଗ ଲାଗିବା ପରେ ତାଙ୍କୁ ଚାକିରିରୁ ବରଖାସ୍ତ କରି ଦିଆଯାଇଥିଲା। ସେତେବେଳକୁ ତାଙ୍କୁ ୪୪ ବର୍ଷ ହୋଇଥିଲା। ପେନ୍‌ସନ୍ ମଧ୍ୟ ଅଟକାଇ ଦିଆଯାଇଥିଲା। ଆର୍ଥିକ ସ୍ଥିତି ବିଗିଡିବାରୁ ପୈତୃକ ଘର ଏବଂ ଅଢେଇ ଏକର ଜମି ବି ବିକିବାକୁ ପଡ଼ିଥିଲା। ହାଇକୋର୍ଟରେ ୨୩ ବର୍ଷ ମାମଲା ପଡି ରହିବା ପରେ ଗତ ୨୫ ତାରିଖରେ ତାଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ଏବେ ବିନା ନୋଟିସ୍‌ରେ ବରଖାସ୍ତ

- ୩,୫୯୬ ଟଙ୍କା ପାଇଁ ବହିଷ୍କାର କରିଥିଲା ଶିକ୍ଷା ବିଭାଗ



କରିଥିବାରୁ ଶିକ୍ଷା ବିଭାଗ ବିରୋଧରେ ମାମଲା ଦାଏର କରିବେ।

ମାନକରାମ ୧୯୭୨ରେ ବୈତୁଲାରେ ଥିବା ସରକାରୀ ସ୍କୁଲ ରତେଡାରେ ନିଯୁକ୍ତି ପାଇଥିଲେ। ସେ ପିଲାଙ୍କୁ ପଢ଼ାଇବା ସହିତ ପୋଷ୍ଟ ଅଫିସରେ ଏଜେଣ୍ଟ ଭାବେ କାମ କରୁଥିଲେ। ଏଥିପାଇଁ ତାଙ୍କୁ କମିଶନ ମିଳୁଥିଲା। ଦୂରରେ ଡାକଘର ଥିବାରୁ ମାନକରାମ ସପ୍ତାହକୁ ଥରେ ଯାଇ ଡାକ ଘରେ ଟଙ୍କ ଜମା କରି ଆସୁଥିଲେ। ୧୯୮୪ରେ ରତେଡା ଗ୍ରାମର ଚାଷୀ କହ୍ନେୟା ସାହୁ ତାଙ୍କୁ ୩,୫୯୬ ଟଙ୍କା ଜମା କରିବାକୁ ଦେଇଥିଲେ। ଦୁଇ ଦିନ ପରେ ଜରୁରୀ ଥିବାରୁ କହ୍ନେୟା ଟଙ୍କା ଉଠାଇବା ପାଇଁ ଡାକଘରକୁ ଯାଇଥିଲେ। କିନ୍ତୁ ସେଠରେ ଟଙ୍କା ଜମା ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। ପୁଲିସ ମାନକରାମଙ୍କ ବିରୋଧରେ ଏତଲା ରୁଜୁ କରିଥିଲା। ୧୯୯୩ ଜାନୁଆରୀ ୨୮ରେ ସେସନ କୋର୍ଟ 'କୋର୍ଟ ଉଠିବା ପର୍ଯ୍ୟନ୍ତ' ତାଙ୍କୁ ଦଣ୍ଡ ଶୁଣାଇ ଥିଲେ। କିନ୍ତୁ ମାନକରାମ ଏହି ରାୟକୁ ଏଡିଜେ କୋର୍ଟରେ ବିରୋଧ କରିଥିଲେ। ମାତ୍ର ୨୦୦୦ ମସିହା ସେପ୍ଟେମ୍ବରରେ ଏଡିଜେ କୋର୍ଟ ପୂର୍ବର ରାୟକୁ କାଏମ ରଖିଥିଲେ। ପରେ ଏହାକୁ ବିରୋଧ କରି ମାନକରାମ ସେହି ବର୍ଷ ମଧ୍ୟପ୍ରଦେଶ ହାଇକୋର୍ଟ ଯାଇଥିଲେ। ୨୦୨୫ରେ ଏହି ମାମଲାର ଶୁଣାଣି ହୋଇଛି। ଆବେଦନକାରୀଙ୍କ ଓକିଲ ମୋହନ ଶର୍ମା କହିଛନ୍ତି ଯେ ବିନା କୌଣସି ଆଧାରରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କାରଣ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୌଣସି ପ୍ରମାଣ ନ ଥିଲା। ବ୍ୟାଙ୍କବାଲା ପାସ୍‌ବୁକ ଏବଂ ରେଜିଷ୍ଟରରେ ଚଢ଼ାଇ ନ ଥିଲେ ବୋଲି କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଆବେଦନକାରୀ ଶିକ୍ଷକ ଥିଲେ। ତାଙ୍କ କୌଣସି ଆପରାଧିକ ପ୍ରବୃତ୍ତି ନ ଥିଲା। ଟ୍ରାଏଲ କୋର୍ଟଙ୍କ ନିଷ୍ପତ୍ତି ଠିକ୍ ନ ଥିଲା।

## ପ୍ରଥମ ଦିନରେ ଅମରନାଥ ଦର୍ଶନ କଲେ ୧୨, ୩୪୮ ଶ୍ରଦ୍ଧାଳୁ

ନୂଆଦିଲ୍ଲୀ, ୪।୭(ଏଜେନ୍ସି): ବିଶ୍ୱ ପ୍ରସିଦ୍ଧ ଅମରନାଥ ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ସନ୍ଧ୍ୟା ୭.୧୫ ପର୍ଯ୍ୟନ୍ତ ୧୨, ୩୪୮ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫାରେ ସ୍ଥିତ ହିମ ଶିବଲିଙ୍ଗକୁ ଦର୍ଶନ କରିଛନ୍ତି। ଏଥିରେ ୮, ୧୮୧ ପୁରୁଷ ଓ ୨, ୨୨୩ ମହିଳା ଶ୍ରଦ୍ଧାଳୁ



ସାମିଲ ରହିଛନ୍ତି। ଏଥିସହ ୯୯ ପିଲା, ୧୨୨ ସାଧୁ, ୭ ସାଧ୍ୱୀ, ୭୦୮ ଜଣ ସୁରକ୍ଷାକର୍ମୀ ଓ ୮ ଜଣ ଟ୍ରାନ୍ସଜେଣ୍ଡର ଶ୍ରଦ୍ଧାଳୁ ମଧ୍ୟ ଦର୍ଶନ ପାଇଁ ସେଠାରେ ପହଞ୍ଚିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୫୨୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟର ଯାତ୍ରା ଗୁରୁବାର ସନ୍ଧ୍ୟାରୁ ଜମ୍ମୁର ଭଗବତୀନଗର ବେସ୍ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଏହି ଶ୍ରାଦ୍ଧାଳୁମାନେ ଶୁକ୍ରବାର ଦ୍ୱିପହର ୨ଟାରେ ପହଲଗାମ ବେସ୍‌କ୍ୟାମ୍ପରେ ପହଞ୍ଚିଯାଇଥିଲେ। ସେହିପରି ଶୁକ୍ରବାର ଭୋର ୪ଟାରେ ୬୪୦୦ ଜଣ ଯାତ୍ରୀଙ୍କୁ ନେଇ ତୃତୀୟ ପର୍ଯ୍ୟାୟର ଯାତ୍ରା ଆରମ୍ଭ ହୋଇଛି। ଏବର୍ଷ ଏପର୍ଯ୍ୟନ୍ତ ୩.୫ ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀ ଯାତ୍ରା ପାଇଁ ପଞ୍ଜିକରଣ କରିଛନ୍ତି। ସେହିପରି ଉତ୍ତରପ୍ରଦେଶରୁ ଆସିଥିବା ଜଣେ ଯାତ୍ରୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି।

ଭକ୍ତଙ୍କୁ 'ଦର୍ଶନ ଧୋକ୍କା'

# ଆଗୁଆ ବନ୍ଦ କରିଦେଲେ ସନ୍ଧ୍ୟା ଦର୍ଶନ

ପୁରୀ, ୪।୭ (ସମିସ): ଭକ୍ତଙ୍କୁ 'ସନ୍ଧ୍ୟା ଦର୍ଶନ' ଧୋକ୍କା ଦେଲା ପ୍ରଶାସନ। ଶୁକ୍ରବାର 'ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ'। ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଥିଲା। ହେଲେ କଥା ରଖିଲାନି

## ମନ ଦୁଃଖରେ ଫେରିଗଲେ ଶ୍ରଦ୍ଧାଳୁ

## ସରିଲା ଜନ୍ମବେଦୀରେ ମହାପ୍ରଭୁଙ୍କ ଲୀଳା



ମନ୍ଦିର ପ୍ରଶାସନ, ଶହଶହ ଭକ୍ତଙ୍କୁ ଧୋକ୍କା ଦେଲା। ଆଡ଼ପମଣ୍ଡପରେ ସନ୍ଧ୍ୟା ଦର୍ଶନ କରି ନପାରି ମନଦୁଃଖରେ ଫେରିଗଲେ ବହୁ ଶ୍ରଦ୍ଧାଳୁ। ପୁଲିସ୍ ସେମାନଙ୍କୁ ବ୍ୟାରିକେଡ୍ ଭିତରୁ ଘଉଡ଼ାଇ ବିଦା କଲା। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହେଲେ ସେମାନେ ନିରୁପାୟ। କହିବେ କାହାକୁ, ଶୁଣିବ କିଏ? ଏଭଳି ନ୍ୟାୟରେ ଶରଧାବାଲିକୁ ମଥାରେ ବୋଲି ଅନେକ ଭକ୍ତ ମନଦୁଃଖରେ ଘରକୁ ଫେରିଛନ୍ତି।

ଶୁକ୍ରବାର ଥିଲା ଆଷାଢ଼ ଶୁକ୍ଳ ନବମୀ। ଏହି ପବିତ୍ର ତିଥିରେ ଆଡ଼ପମଣ୍ଡପରେ ସନ୍ଧ୍ୟା ଦର୍ଶନର ଦୁର୍ଲଭ ସୁଯୋଗ ପାଇଥା'ନ୍ତି ଶ୍ରଦ୍ଧାଳୁ। ଭୋର୍ ୪ଟା ୩୦ରେ ଦ୍ୱାର ଫିଟିବା ପୂର୍ବରୁ ଦାରୁବିଗ୍ରହଙ୍କ ଦର୍ଶନ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଭୋର୍ ୫ଟା ୧୫ରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି ହୋଇଥିଲା। ପରେ ଧାର୍ଯ୍ୟ ସମୟ ଅନୁସାରେ ଦର୍ଶନ ଆରମ୍ଭ ହୋଇଥିଲା। ଅନୁକୂଳ ପାଗ ସାଙ୍ଗକୁ ନୀତିକାନ୍ତି ସଅଳ ଚାଲିଥିଲା। ଫଳରେ ଶୀଘ୍ର ବାହାରିଥିଲା ଆଡ଼ପ ଅବଢ଼ା। ହଜାର ହଜାର ଭକ୍ତ ଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାରରେ ଅବଢ଼ା ପାଇ ତୃପ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ପାଇଁ ଜନ୍ମବେଦୀରେ ମହାପ୍ରଭୁଙ୍କ ଲୀଳା ଶେଷ ହୋଇଛି।

ଦିନତମାମ ଭକ୍ତ ଧାଡ଼ିରେ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଜଗମୋହନରେ ଦର୍ଶନ କରି ନାକଚଣା ଦ୍ୱାର ଦେଇ ବାହାରକୁ ଆସୁଥିଲେ। ପାଗ ମଧ୍ୟ ବେଶ୍ ଭଲ ଥିଲା। ଖରା ନଥିଲା, ଝିପିଝିପି ବର୍ଷା ବି ହେଉଥିଲା। କିନ୍ତୁ ଏହି ବର୍ଷା ଭଗବାନଙ୍କ ଦର୍ଶନରେ ବାଧକ ସାଜି ନଥିଲା। ବର୍ଷାରେ ଭିଜି ଭକ୍ତମାନେ ଖୁସିରେ ଯାଇ ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ଫେରୁଥିଲେ। ମହାପ୍ରଭୁଙ୍କ ନୀତି ସଅଳ ଚାଲିଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆଡ଼ପମଣ୍ଡପରେ ଚଳିତବର୍ଷ ଲାଗି ମହାପ୍ରଭୁଙ୍କର ଶେଷ ଦର୍ଶନ କରିଥିଲେ।

ସକାଳ ୮ଟା ୫ରେ ଗୋପାଳବଲ୍ଲଭ ସରିଥିବା ବେଳେ ୯ଟା ୫ରେ ସକାଳ ଧୂପ ବଢ଼ିଥିଲା। ପୂର୍ବାହ୍ନ ୧୦ଟା ୪୦ରେ ଭୋଗମଣ୍ଡପ ବଢ଼ି ବାହାରିଥିଲା ଆଡ଼ପ ଅବଢ଼ା। ସଅଳ ଅବଢ଼ା ବାହାରିଥିବାରୁ ଭକ୍ତମାନେ ଆଡ଼ପ ଅବଢ଼ା ପାଇ ଖୁସି ହୋଇଥିଲେ। ଅନ୍ୟପକ୍ଷରେ ଶହଶହ ଶ୍ରଦ୍ଧାଳୁ କିନ୍ତୁ ଦର୍ଶନ ନ ପାଇ ମନଦୁଃଖରେ ଫେରିଥିଲେ। ବାହୁଡ଼ା ଯାତ୍ରା ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ଘୋଷଣା କରିଥିଲା। ଏହି ସମୟକୁ ଆଖି ଆଗରେ ରଖି ଅନେକ ଶ୍ରଦ୍ଧାଳୁ ଅପରାହ୍ଣ ୫ଟା ସୁଦ୍ଧା ଧାଡ଼ିରେ ଥିଲେ। ହେଲେ ଅଚାନକ ଅପରାହ୍ଣ ୫ଟାରେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ଭକ୍ତଙ୍କ ପ୍ରବେଶ ବନ୍ଦ କରିଦିଆଯାଇଥିଲା। ଶ୍ରଦ୍ଧାଳୁମାନେ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ସନ୍ଧ୍ୟା ୬ଟା କହିଥିଲ, ଏବେ କାହିଁକି ବନ୍ଦ କରିଦେଲେ ବୋଲି ପ୍ରଶ୍ନ କରିବାରୁ ପୁଲିସ୍ ବ୍ୟାରିକେଡ୍ ଭିତରୁ ଭକ୍ତଙ୍କୁ ଘଉଡ଼ାଇ ବାହାର କରିଦେଇଥିଲା। ଏହାକୁ ନେଇ ଅନେକ ଶ୍ରଦ୍ଧାଳୁ ଅସେନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରାୟ ପ୍ରତିବର୍ଷ ଭକ୍ତଙ୍କ ଗହଳିକୁ ଦେଖି ପ୍ରଶାସନ ଅଧଘଣ୍ଟାଏ ପର୍ଯ୍ୟନ୍ତ ଦର୍ଶନ ସମୟ ବୃଦ୍ଧି କରିଥାଏ। ହେଲେ ଏଥର ଘଣ୍ଟାଏ ପୂର୍ବରୁ ବନ୍ଦ କରିଦେଲେ।

ନୟାଗଡ଼ ଗଣିଆରୁ ଆସିଥିବା ପାର୍ବତୀ ସାହୁ କହିଛନ୍ତି, ସନ୍ଧ୍ୟା ଦର୍ଶନ କରିବାକୁ ସପରିବାର ଆସିଥିଲୁ। ବସ୍‌ରେ ଆସି ତାଳବଣିଆରେ ପହଞ୍ଚିବା ପରେ ବର୍ଷା ଯୋଗୁଁ ସେଠାରୁ ଆସିବା ବିଳମ୍ବ ହୋଇଥିଲା। ତଥାପି ୫ଟା ୧୦ସୁଦ୍ଧା ବ୍ୟାରିକେଡ୍‌ରେ ପହଞ୍ଚି ଯାଇଥିଲୁ। କିନ୍ତୁ, ଶୁଣିବାକୁ ପାଇଲୁ ସିଂହଦ୍ୱାରରେ ଭକ୍ତଙ୍କ ପ୍ରବେଶ ବନ୍ଦ ହୋଇଗଲାଣି। ମନ ଦୁଃଖ ଲାଗିଲା, ସନ୍ଧ୍ୟା ଦର୍ଶନ ଅବସୋସ ରହିଗଲା ବୋଲି ମନ ଦୁଃଖରେ କହିଛନ୍ତି ପାର୍ବତୀ। କେବଳ ପାର୍ବତୀ ନୁହଁନ୍ତି, ତାଙ୍କ ଭଳି ଦୂରାଦୂରାନ୍ତରୁ ଆସିଥିବା ଶହଶହ ଶ୍ରଦ୍ଧାଳୁ ଜଗା ଦର୍ଶନ ନ ପାଇଁ ମନ ଦୁଃଖରେ ଫେରି ଯାଇଥିଲେ।

ରାଜ୍ୟ ବିଜେପି ସଭାପତି, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ

# ୭ରେ ନାମାଙ୍କନ, ୮ରେ ଫଳାଫଳ

ଭୁବନେଶ୍ୱର,୪।୭(ସମିସ): ସ୍ଥଗିତ ଥିବା ରାଜ୍ୟ ବିଜେପି ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ପାଇଁ ଶୁକ୍ରବାର ସମୟ ସାରଣୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପ୍ରକ୍ରିୟା ଆସନ୍ତା ୭ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ଦିନ ଶେଷ ହେବ ବୋଲି ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ତଥା ରାଜ୍ୟ ସହ ନିର୍ବାଚନ ଅଧିକାରୀ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ପୂର୍ବରୁ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏବେ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଜୁଲାଇ ୬ ତାରିଖ ପୂର୍ବାହ୍ନ ୧୧ଟାରେ ଅନ୍ତରୀଣ ମତଦାତାଙ୍କ ସୂଚୀ ପ୍ରକାଶ ପାଇବ। ମଧ୍ୟାହ୍ନ ୧୨ଟାରୁ ୨ଟା ସୁଦ୍ଧା ମତଦାତାଙ୍କ ସୂଚୀ ଉପରେ ବିଭିନ୍ନ ଆପତ୍ତି ଅଭିଯୋଗର ଯାଞ୍ଚ କରାଯିବା ପରେ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇବ। ୭ ତାରିଖ ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ଉପରୋକ୍ତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରାଯିବ। ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସମ୍ପର୍କିତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ ଏବଂ ଚିହ୍ନ ଆବଣ୍ଟନ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଫଳାଫଳ ଘୋଷଣା କରାଯିବ ବୋଲି ଡ. ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଘରେ ଶୋଇଥିବା ବେଳେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

କରଞ୍ଜିଆ/ଶୁକୃଳି, ୪।୭(ସମିସ): ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସିଙ୍ଗଡ଼ା ସେକ୍ସନ୍ କାଶିଆବେଡ଼ା ଗ୍ରାମର ପରେଶ ଚନ୍ଦ୍ର ଗିରି(୬୦)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ହାତୀଟି ଇନ୍ଦୁପୁର ଗ୍ରାମରେ ଦୁଇଟି ଘର ଭାଙ୍ଗିଦେଇଥିବା ଖବର ପାଇ ବନ କର୍ମଚାରୀମାନେ ତାକୁ ଘଉଡ଼ାଇଥିଲେ। ଫଳରେ ହାତୀଟି କାଶିଆବେଡ଼ାର ପରେଶଙ୍କ ଘରେ ପଶିଯାଇଥିଲା। ଏହି ସମୟରେ ଘରେ ଶୋଇଥିବା ପରେଶଙ୍କୁ ହାତୀଟି ପାଦରେ ଦଳି ଦେଇଥିଲା। ବନ କର୍ମଚାରୀମାନେ ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପ୍ରକାଶ ପାଇଲା ସିୟୁଇଟି-ୟୁଜି ପରୀକ୍ଷା ଫଳ

ଭୁବନେଶ୍ୱର, ୪।୭(ସମିସ): ସ୍ନାତକ ପଢ଼ିବା ପାଇଁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି-ୟୁଜି) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ୍ ୫ଟି ବିଷୟରୁ ୪ଟିରେ ମାତ୍ର ଜଣେ ପରୀକ୍ଷାର୍ଥୀ ୧୦୦ ପର୍‌ସେଣ୍ଟାଇଲ୍ ସ୍କୋର୍ କରିଛନ୍ତି। ସେହିପରି ୩ଟି ବିଷୟରେ ୧୭ ଜଣ, ୨ଟି ବିଷୟରେ ୧୫୦ ଜଣ ଏବଂ ଗୋଟିଏ ବିଷୟରେ ୨୬୭୯ ଜଣ ପରୀକ୍ଷାର୍ଥୀ ୧୦୦ ପର୍‌ସେଣ୍ଟାଇଲ୍ ମାର୍କ ରଖିଛନ୍ତି। ଏନ୍‌ଟିଏ ପରିଚାଳିତ ଏହି ପରୀକ୍ଷା ପାଇଁ ସମୁଦାୟ ୧୩ ଲକ୍ଷ ୫୪ ହଜାର ୬୯୯ ଜଣ ପଞ୍ଜୀକରଣ କରିଥିବାବେଳେ ୧୦ଲକ୍ଷ ୭୧ହଜାର ୭୩୫ଜଣ ପରୀକ୍ଷା ଦେଇଥିଲେ। ସମସ୍ତଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ସେମାନେ ଦେଶର ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଆବେଦନ କରିପାରିବେ।

# ଜେଲ୍ ଗଲେ କୁବେର ଯନ୍ତ୍ରୀ

## ଆୟଠାରୁ ୧୬୫% ଅଧିକ ସମ୍ପତ୍ତି ଠାବ

ସମ୍ବଲପୁର, ୪।୭ (ସମିସ): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଆଜି ଟିଟିଲାଗଡ଼ ଆର୍ ଆଣ୍ଡ ବି ସବ୍‌ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଭିଜିଲାନ୍ସ ଏସ୍‌ପି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି।



ଗତକାଲି ଭିଜିଲାନ୍ସ ଶ୍ରୀ ମାଝୀଙ୍କ ବଲାଙ୍ଗିରସ୍ଥିତ ବାସଭବନ ସମେତ ସମ୍ବଲପୁର, ଝାରସୁଗୁଡ଼ା ଆଦି ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଠାବ ସଂପତ୍ତି ମଧ୍ୟରେ ସମ୍ବଲପୁର ସରଲାରେ ୪୫୦୦ବର୍ଗଫୁଟ୍‌ରେ ଦୁଇମହଲା ବିଶିଷ୍ଟ ଗୋଟିଏ କୋଠା, ବ୍ରଜରାଜନଗର ଗାନ୍ଧୀ ଛକରେ ୬୩୦୦ବର୍ଗଫୁଟ୍‌ରେ ଦୁଇ ମହଲା କୋଠା, ଗୋଟିଏ ମାର୍କେଟ୍ କଂପ୍ଲେକ୍ସ, ଲହଣ୍ଡାବୁଡ଼ଠାରେ ଦୁଇଟି ଘର, ଗୋଟିଏ କାର୍, ସାଢ଼େ ୬ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ୩୦୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୪୯.୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଡିପୋଜିଟ୍ ଆଦି ରହିଛି। ଠାବ ସଂପତ୍ତି ଶ୍ରୀ ମାଝୀଙ୍କ ଆୟର ୧୬୫%ରୁ ଅଧିକ ବୋଲି ଭିଜିଲାନ୍ସ କହିଛି। ତେବେ ଏ ସବୁ ସଂପତ୍ତିର ଉତ୍ସ ସଂପର୍କରେ ସେ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଏନେଇ ସମ୍ବଲପୁର ଭିଜିଲାନ୍ସ ନମ୍ବର ୧୩/୨୫ରେ ଶ୍ରୀ ମାଝି ଓ ତାଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏହାବ୍ୟତୀତ ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ମଧ୍ୟ ଭିଜିଲାନ୍ସ ସେଲ୍ କଟକରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ତାହାର ତଦନ୍ତ ଚାଲୁ ରହିଛି। ସମ୍ବଲପୁର ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସରୋଜ ସାମଲ ଆଜି ଏହି ସୂଚନା ଦେଇଛନ୍ତି।

# ନାରୀ ସମାଜର ସମ୍ମାନ ରକ୍ଷା ପାଇଁ ଲଢ଼େଇ ଜାରି ରହିବ: ବିଜେଡି

ଭୁବନେଶ୍ୱର,୪।୭(ସମିସ): ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯେଉଁଭଳି ବିଜେଡିର ମୁଖପାତ୍ର ତଥା ବାଲେଶ୍ୱର ସାଂସଦ ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଗଣମାଧ୍ୟମ ସମ୍ମୁଖରେ ବ୍ୟକ୍ତିଗତ ଆକ୍ଷେପ କରି ତାଙ୍କ

**ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ଭୁବନେଶ୍ୱର ମହିଳା ଥାନାରେ ଏତଲା ଦାୟର**

ଚରିତ୍ର ଉପରେ ଅରୁଚିକର ଟିପ୍ପଣୀ ଦେଇଛନ୍ତି, ତାହା ଓଡ଼ିଶାର ସମସ୍ତ ନାରୀ ସମାଜ ପାଇଁ ଏକ ଲଜ୍ଜାକର ଘଟଣା ବୋଲି ବିଜୁ ଜନତା ଦଳ କହିଛି। ଏଥିପାଇଁ ବିଧାୟକ ଶ୍ରୀ ଖଟୁଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଜେଡି ଦାବି କରିଛି।

ଅନ୍ୟପକ୍ଷରେ ବିଧାୟକଙ୍କ ବକ୍ତବ୍ୟକୁ ବିରୋଧ କରି ଶୁକ୍ରବାର ଡଃ ସାମନ୍ତସିଂହାର ଭୁବନେଶ୍ୱରସ୍ଥିତ ମହିଳା ଥାନାରେ ଏତଲା ଦାୟର କରିଛନ୍ତି। ତାଙ୍କ ସହିତ ବିଜେଡି ସାଧାରଣ ସମ୍ପାଦକ କ୍ୟାପଟେନ ମନ୍ମଥ ରାଉତରାୟ, ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ଓ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ଶ୍ରୀମତୀ ଇପ୍ସିତା ସାହୁ, ସୋଫିଆ ଆଲାମ୍, ଅରୂପ ଶ୍ରୀଚନ୍ଦନ, ନାରାୟଣ ଜେନା, ଲୋରା ମହାପାତ୍ର, ଅଂଶୁ ତ୍ରିପାଠୀ, ଭାରତୀ ସିଂ, ମାନସୀ ସୁନ୍ଦରାୟ, ଇଲା ସ୍ୱାଇଁ, ମହାମାୟା ସ୍ୱାଇଁ ଉପସ୍ଥିତ ଥିଲେ।

## ରଥଯାତ୍ରାରେ ଅବ୍ୟବସ୍ଥା ଓ ବିଭ୍ରାଟ ଘଟଣା

# ବିଚାରବିଭାଗୀୟ ତଦନ୍ତ ଦାବିକଲା ବିଜେଡି

ଭୁବନେଶ୍ୱର, ୪।୭(ସମିସ): ଚଳିତ ବର୍ଷ ପୁରୀ ରଥଯାତ୍ରାରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାର ଓଡ଼ିଶା ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଛି। ଶୁକ୍ରବାର ଦଳର ବରିଷ୍ଠ ନେତୃତ୍ୱଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ହରି ବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରି ଏ ସଂପର୍କରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହ ମହାପ୍ରଭୁଙ୍କ ରଥଯାତ୍ରାର ଅବଶିଷ୍ଟ ନୀତିକାନ୍ତି କିପରି ତ୍ରୁଟିଶୂନ୍ୟ ଭାବେ ଅନୁଷ୍ଠିତ ହେବ, ସେନେଇ ରାଜ୍ୟପାଳ ନିଜେ ହସ୍ତକ୍ଷେପ କରିବା ପାଇଁ ଦଳ ପକ୍ଷରୁ ଅନୁରୋଧ କରାଯାଇଛି।

ଚଳିତ ବର୍ଷ ରଥଯାତ୍ରା ସମୟରେ ଘଟିଥିବା ଅବ୍ୟବସ୍ଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର ଆଘାତ ଦେଇଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ବିଜେପି ସରକାରଙ୍କ ବେପରୁଆ ମନୋଭାବ ଓ ସମ୍ବେଦନହୀନତା ଯୋଗୁଁ ଏ ବର୍ଷ ରଥଯାତ୍ରା ଦିନ ଭିଡ଼ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଥିଲା। ପରିଣାମସ୍ୱରୂପ, ପ୍ରଥମ ଦିନ ରଥଟଣା ସମୟରେ ୭୫୦ ଜଣ ଭକ୍ତ ଆହତ ହୋଇଥିଲେ। ସେହିପରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ ଠିଆ ହୋଇଥିବା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ନଥିବା କାରଣରୁ ଭକ୍ତଙ୍କ



**ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଲେ ଦଳୀୟ ପ୍ରତିନିଧିମଣ୍ଡଳୀ**

**ସରକାରଙ୍କ ବେପରୁଆ ମନୋଭାବ, ସମ୍ବେଦନହୀନତାକୁ ଦାୟୀକଲେ**

**୧୦ ହଜାରରୁ ଅଧିକ କର୍ଡନ ପାସ୍ ବଣ୍ଟନ ବିଭ୍ରାଟର ମୁଖ୍ୟ କାରଣ**

ଭିତରେ ଦଳାଚକଟା ହୋଇ ୩ ଜଣ ପ୍ରାଣ ହରାଇଲେ। ରଥଯାତ୍ରା ଦିନ ଭୁବନେଶ୍ୱରରୁ ରଥଯାତ୍ରା ସମ୍ବାଦ ସଂଗ୍ରହ ପାଇଁ ଯାଇଥିବା ବରିଷ୍ଠ ସାମ୍ବାଦିକଙ୍କ ପାଖରେ କର୍ଡନ ପାସ୍ ଥିବା ସତ୍ତ୍ୱେ ସେମାନଙ୍କୁ କର୍ଡନ ଭିତରକୁ ଛଡ଼ାଯାଇ ନ ଥିଲା। ଓଲଟି ପୁଲିସ ମାଡ଼ରେ ୬ ଜଣ ବରିଷ୍ଠ ସାମ୍ବାଦିକ ଆହତ ହୋଇଥିଲେ। ସେହିପରି ଟ୍ରାଫିକ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ରହିବା କାରଣରୁ ଦେଶବିଦେଶରୁ ଆସିଥିବା ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ଡନ ପାସ୍ ମୁଖ୍ୟତଃ ବିଜେପି କର୍ମୀମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ପାସ୍‌ଧାରୀମାନେ କର୍ଡନ ଭିତରେ ଅଧିକ ଭିଡ଼ କରିବା କାରଣରୁ ରଥଟଣାରେ ବ୍ୟାପକ ବିଭ୍ରାଟ ଦେଖିବାକୁ ମିଳିଥିଲା।

ପ୍ରତିନିଧି ଦଳର ଅଭିଯୋଗ ଅନୁଯାୟୀ, ରଥଯାତ୍ରାକୁ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନେକ ବୈଠକ ହୋଇଥିଲା। ଏ ବର୍ଷ ତ୍ରୁଟିଶୂନ୍ୟ ଓ ଐତିହାସିକ ରଥଯାତ୍ରା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ରଥଯାତ୍ରା ସୁପରିଚାଳନାର ତଦାରଖ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ମନ୍ତ୍ରିସ୍ତରୀୟ କମିଟି ଗଠନ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ଏସବୁ ସତ୍ତ୍ୱେ ରଥଯାତ୍ରା ଶୃଙ୍ଖଳିତ ହୋଇପାରିଲା ନାହିଁ। ସନ୍ଧ୍ୟା ପରେ ରଥଟଣା ହେବାର ପରମ୍ପରା ନ ଥିବା ବେଳେ ସନ୍ଧ୍ୟା ୭.୪୫ ମିନିଟରେ ନନ୍ଦିଘୋଷ ରଥକୁ କିଛି ପାଦ ଟଣା ଯାଇଥିଲା, ଯାହା ରାଜ୍ୟବାସୀ ଓ ଜଗନ୍ନାଥପ୍ରେମୀ ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି। ସ୍ମାରକପତ୍ରରେ ଆହୁରି କୁହାଯାଇଛି ଯେ ଶ୍ରୀ ଜଗନ୍ନାଥ ମନ୍ଦିରର ପରିଚାଳନା କମିଟିର ମିଆଦ ଦୀର୍ଘ ୯ ମାସ ପୂର୍ବରୁ ଶେଷ ହୋଇଯାଇଛି। ଏହାର ନୂତନ ପରିଚାଳନା କମିଟି ନ ଥିବାରୁ ଶ୍ରୀମନ୍ଦିର ଦୀର୍ଘ ୯ ମାସ ହେଲା ବିନା ପରିଚାଳନା କମିଟିରେ ପରିଚାଳିତ ହେଉଛି। ଗତବର୍ଷ ରଥଯାତ୍ରା ସମୟରେ ଆଡ଼ପ ମଣ୍ଡପରୁ ପହଣ୍ଡି ସମୟରେ ପ୍ରଭୁ ବଳଭଦ୍ର ପଡ଼ି ଯାଇଥିଲେ, ଯାହା କୋଟି କୋଟି ଭକ୍ତଙ୍କ ମନରେ ଆଘାତ ଦେଇଥିଲା। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ତିନି ଜଣିଆ ତଦନ୍ତ କମିଟି ଘୋଷଣା କରିଥିଲେ ମଧ୍ୟ ଘଟଣାର ଏକ ବର୍ଷ ପରେ ମଧ୍ୟ ତଦନ୍ତ ରିପୋର୍ଟ ଆସିଲା ନାହିଁ। ଚଳିତ ବର୍ଷ ରଥଯାତ୍ରାରେ ଘଟିଥିବା ବ୍ୟାପକ ବିଭ୍ରାଟ ଓ ଅବ୍ୟବସ୍ଥା ଉପରେ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ଘୋଷଣା କରିଛନ୍ତି। କିନ୍ତୁ, ଏହା ଫଳପ୍ରସୂ ହେବନାହିଁ ବୋଲି ଅନୁଭବ କରି ଆମେ ଉଚ୍ଚ ନ୍ୟାୟାଳୟର ଏକ କାର୍ଯ୍ୟରତ ଜଜ୍‌ଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ଆମେ ଦାବି କରୁଛୁ ବୋଲି ସ୍ମାରକପତ୍ରରେ କୁହାଯାଇଛି।

# ଜଳ-ଜଙ୍ଗଲ-ଜମି ହକ୍ ଲଢ଼େଇ ପାଇଁ ରାଜ୍ୟବାସୀ ପ୍ରସ୍ତୁତ ରୁହନ୍ତୁ

ଭୁବନେଶ୍ୱର,୪।୭(ସମିସ): ଏ ଦେଶରେ ଜଳ-ଜଙ୍ଗଲ-ଜମି ପାଇଁ ବ୍ରିଟିଶ ବିରୋଧରେ ଲଢ଼ି ହଜାର ହଜାର ଆଦିବାସୀ ସହିଦ ହୋଇଛନ୍ତି। ସ୍ୱାଧୀନ ଭାରତରେ ପୁଣି ଆଦିବାସୀଙ୍କ ଜଳ-ଜଙ୍ଗଲ-ଜମିକୁ ଲୁଟ୍ କରୁଥିବା ପୁଞ୍ଜିପତି ଓ ବିଜେପିର ମିଳିତ ଶକ୍ତି ବିରୋଧରେ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଆଦିବାସୀମାନେ ପ୍ରସ୍ତୁତ ହେବା ଦରକାର ବୋଲି ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟସ୍ତରୀୟ ବୈଠକରେ ଯୋଗଦେଇ ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିକ୍ରାନ୍ତ ଭୂରିଆ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶାରେ ଶିଳ୍ପାୟନରେ ସବୁଠାରୁ ବେଶି ଆଦିବାସୀମାନେ କ୍ଷତିଗ୍ରସ୍ତ ହୋଇଥିବା କହିଥିଲେ। ଆଦିବାସୀମାନେ ଏକ ହୋଇ ବିସ୍ଥାପନ ବିରୋଧରେ ଲଢ଼େଇ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଜନତାଙ୍କୁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ସେହିପରି ଆଦିବାସୀଙ୍କ ହକ୍ ପାଇଁ ବିଧାନସଭା ଭିତରେ ଓ ବାହାରେ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ମତବ୍ୟକ୍ତ କରିଥିଲେ। ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗୋମାଙ୍ଗ, ପୂର୍ବତନ ମନ୍ତ୍ରୀ ହଳଧର କାର୍ଜି, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ପୂର୍ବତନ ସାଂସଦ ସଂକୁନ୍ତଳା ଲାଗୁରୀ, ହେମା ଗୋମାଙ୍ଗ, ଜୟରାମ ପାଙ୍ଗୀଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

## ଅଶୌଚ ବେଳେ ଶ୍ରୀମନ୍ଦିରକୁ ପ୍ରବେଶ ଘଟଣାକୁ ନେଇ ଗର୍ଜିଲା ଆପ୍

# 'ରଥଯାତ୍ରାର ସବୁ ବିଭ୍ରାଟ ପାଇଁ ବିଧାୟକ ଓମ୍‌ପ୍ରକାଶ ଦାୟୀ'

ପୁରୀ, ୪।୭ (ସମିସ): ଅଶୌଚ ଲାଗିଥିବା ବେଳେ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କୁ ଘେରିଛି ଆମ୍ ଆଦ୍‌ମୀ ପାର୍ଟି(ଆପ୍)। ରଥଯାତ୍ରାରେ ଯେଉଁ ସବୁ ବିଭ୍ରାଟ ଘଟିଛି, ସେଥିପାଇଁ ବିଧାୟକ ହିଁ ଦାୟୀ। ନୀତିକାନ୍ତିରେ ବିଭ୍ରାଟ, ରଥଟଣାରେ ବିଳମ୍ବ ଏବଂ ଧର୍ମୀୟ କାର୍ଯ୍ୟ ମାରା ହେବାରୁ ଶରଧାବାଲି ଦଳଚକଟାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ; ସବୁ ପାଇଁ ବିଧାୟକ ଓମ୍‌ପ୍ରକାଶ ଦାୟୀ ବୋଲି ଶୁକ୍ରବାର ନବକଳେବର ରୋଡ୍‌ସ୍ଥିତ ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି।

ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରର ପବିତ୍ରତା ଓ ପରମ୍ପରାକୁ ବିଧାୟକ ଶ୍ରୀ ମିଶ୍ର ନଷ୍ଟ କରିଛନ୍ତି। ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରଲ ହେଉଛି, ଯେଉଁଥିରେ ରଥଯାତ୍ରା ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଉତ୍ତରଦ୍ୱାର ଦେଇ ସେ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। କିନ୍ତୁ ଜୁନ୍ ୨୨ତାରିଖରେ ବିଧାୟକ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ତାଙ୍କ ବଡ଼ବାପା ଦେବବ୍ରତଙ୍କ ଦେହାନ୍ତ ହୋଇଛି ବୋଲି ପୋଷ୍ଟ କରିଥିଲେ। ହିନ୍ଦୁ ଓ ଓଡ଼ିଆ ଘରର ପରମ୍ପରା ଅନୁଯାୟୀ,

**■ ଲଣ୍ଡା ହୋଇ ପ୍ରାୟଶ୍ଚିତ୍ତ କରନ୍ତୁ**

**■ ମୁଖ୍ୟମନ୍ତ୍ରୀ ବିବୃତ୍ତି ରଖିବାକୁ ଦାବି କଲା ଆପ୍**

ପରିବାରରେ କୌଣସି ବ୍ୟକ୍ତିଙ୍କ ଦେହାନ୍ତ ହେଲେ, ୧୦ଦିନ କର୍ମ ନ ଗଲା ପର୍ଯ୍ୟନ୍ତ ସମ୍ପୃକ୍ତ ପରିବାର ସଦସ୍ୟ ଶୁଦ୍ଧି ହୋଇ ନଥାନ୍ତି। ସେଥିପାଇଁ ତାଙ୍କୁ ଅଶୌଚ ଲାଗିଥିଏ। ଯଦି ବିଧାୟକ ବଡ଼ବାପାଙ୍କର ଜୁନ୍ ୨୨ରେ ପରଲୋକ ହେଲା, ତେବେ ତାଙ୍କର ଶୁଦ୍ଧିକର୍ମ ସରି ନଥିବା ବେଳେ ଅର୍ଥାତ୍ ଜୁନ୍ ୨୭ରେ ସେ କିପରି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲେ? ହିନ୍ଦୁ ପରମ୍ପରା ଅନୁସାରେ ଅଶୌଚ ପରେ ଶୁଦ୍ଧି ନ ହେବା ପର୍ଯ୍ୟନ୍ତ କୌଣସି ମନ୍ଦିରକୁ ଯିବାର ବିଧି ନାହିଁ ଓ ସାଧାରଣତଃ ଆମ ପରମ୍ପରାରେ ୧୨ଦିନ ପର୍ଯ୍ୟନ୍ତ ଅଶୌଚ ଲାଗିଥାଏ। ହେଲେ ବିଧାୟକ କିପରି ଏହାକୁ ଭୁଲିଗଲେ ବୋଲି ସାଧାରଣରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କୋଟି ଓଡ଼ିଆଙ୍କ ଭାବର ଆବେଗକୁ କୁଠାରଘାତ କରି ମୁଖ୍ୟମନ୍ତ୍ରୀଙ୍କ ନିକଟତର ହେବା ପାଇଁ ଦଳୀୟ ନେତା ମନ୍ତ୍ରୀଙ୍କ ସହ ଶ୍ରୀ ମିଶ୍ର ଦାରୁବିଗ୍ରହଙ୍କ ପହଣ୍ଡି ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ କଲେ। ଏଥିସହ ଉପସ୍ଥିତ ମୁଖ୍ୟମନ୍ତ୍ରୀ, ନେତା ଓ ସେବାୟତଙ୍କୁ ଛୁଇଁ ସେମାନଙ୍କୁ ଅଶୁଦ୍ଧ କରିବା ସହ ମାରା କରିଥିଲେ। କେବଳ ମନ୍ଦିର ଯେ ଯାଇଛନ୍ତି, ତାହା ନୁହେଁ, ରଥଯାତ୍ରାରେ ଭିଆଇପିଙ୍କ ପାଇଁ ହୋଇଥିବା ସମସ୍ତ ବ୍ୟବସ୍ଥାରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ସହ ରଥ ଟାଣିଥିଲେ। ଏହାର ଭିଡିଓ ବି ସୋସିଆଲ ମିଡିଆରେ ଭାଇରାଲ ହେଉଛି ବୋଲି ସଞ୍ଜୀବ କହିଛନ୍ତି। ତେଣୁ ରଥଯାତ୍ରାରେ ଯାହା ସବୁ ଅଘଟଣ ଘଟିଛି, ସେଥିପାଇଁ ସମସ୍ତେ ତାଙ୍କୁ ଦୋଷାରୋପ କରିବା ସ୍ୱାଭାବିକ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଅପରପକ୍ଷେ, ଏଥିପାଇଁ ତାଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ। ବିଧାୟକ ଶ୍ରୀ ମିଶ୍ର ଲଣ୍ଡା ହୋଇ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟରେ କ୍ଷମା ପାର୍ଥନା କରିବା ସହ ସମସ୍ତ ୧୬ଶାସନୀ ବ୍ରାହ୍ମଣଙ୍କ ନିକଟରେ ଭୁଲ ମାଗନ୍ତୁ। ଯେହେତୁ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ବିବୃତ୍ତି ରଖନ୍ତୁ ବୋଲି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଦାବି କରିଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଉଥିବା ବିଜେପିର ଜଣେ ବିଧାୟକ କିପରି ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରାକୁ ଭୁଲିଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସମ୍ପାଦିକା କିରଣ ଦାଶ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ଚାଷୀ ମୃତ

ରାଇରଙ୍ଗପୁର, ୪।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣି ଥାନା ଅନ୍ତର୍ଗତ ହାତିଆ ପଞ୍ଚାୟତ କପିଳି ଗ୍ରାମର ଜଣେ ଚାଷୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ଜିତେନ୍ଦ୍ର ଲୋହାର(୪୫)। ସେ ଚାଷ କାମ ସାରି ଘରକୁ ଫେରି ଦାଣ୍ଡ ଦୁଆରେ ଠିଆ ହୋଇଥିବା ବେଳେ ଏକ ଗୋଖର ସାପ ହଠାତ୍ ତାଙ୍କୁ ଦଂଶନ କରିଥିଲା। ପରିବାରଲୋକ ତୁରନ୍ତ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ଲେଖାଶ୍ରୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ

# ବିଧାୟକଙ୍କ ବିରୋଧରେ ମହିଳା ବିଜେଡିର ଏତଲା



ଜଳେଶ୍ୱର ବ୍ଲକ୍, ୪।୭ (ସମିସ)

ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ସାମ୍ବାଦିକ ସମ୍ମିଳନୀ କରି ବାଲେଶ୍ୱର ଜିଲ୍ଲାର ବିଜେଡିର ଡ. ଲେଖା ଶ୍ରୀ ସାମନ୍ତ ସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ବିରୋଧରେ ଆଜି ଜଳେଶ୍ୱର ବିଜେଡି ମହିଳା ନେତ୍ରୀଙ୍କ ପକ୍ଷରୁ ଜଳେଶ୍ୱର ଥାନାରେ ଏତଲା ଦିଆଯାଇଛି । ଜଣେ ବିଧାୟକଙ୍କ ଠାରୁ ଏଭଳି ମନ୍ତବ୍ୟ ସାରା ରାଜ୍ୟରେ ମହିଳା ଜାତିଙ୍କୁ ଅସମ୍ମାନ ବୋଲି ମହିଳାମାନେ କହିଥିବଲେ । ଅଭିଯୋଗ ପ୍ରଦାନ ସମୟରେ ବିଜୁ ଜନତା ଦଳର ମହିଳା ବ୍ଲକ ମହିଳା ସଭାପତି ତଥା ଜଳେଶ୍ୱର ପଞ୍ଚାୟତ ସମିତିର ଉପଦକ୍ଷା ସଞ୍ଜିତା ସେନାପତି, ବିଜେଡି ଜିଲ୍ଲା ମହିଳା ଉପସଭାପତି ବିଦ୍ୟୁବାଳା ନନ୍ଦୀ, ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ୭ନମ୍ବର ଜୋନ୍ ଜିଲ୍ଲା ପରିଷଦ ତୁଳସୀ କିଷ୍କୁ, ସୁବିନିତା ଦତ୍ତ, ସସ୍ମିତା ପରିଡ଼ା, ସୁକାନ୍ତି ଜେନା, ସୁଷମା କର, ସଞ୍ଜିତା ଗିରି, ଜୟନ୍ତୀ ଅଣ୍ଡିଆ, ରାଧାରାଣୀ ଜେନା, କାଞ୍ଚନ ବାଳା ଦାସ, ମିନତି ଗିରି, ଜୟନ୍ତୀ ବେହେରା, ରେବତୀ ପ୍ରଧାନ, ସୁକାନ୍ତି ପ୍ରଧାନ ପ୍ରମୁଖ ଯୋଗ ଦେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ଖଇରା,୪।୭ (ସମିସ): ବିଜେଡି ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ପ୍ରତିବାଦରେ ଖଇରା ବ୍ଲକ ବିଜେଡି ମହିଳା ଗୋଷ୍ଠୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ପ୍ରଥମେ ୬ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ୪ନମ୍ବର ଜୋନ ସଦସ୍ୟା ରଶ୍ମିତା ମହାପାତ୍ର ଙ୍କ ନେତୃତ୍ୱରେ ବିଜେଡି ମହିଳା ଗୋଷ୍ଠୀର ସଦସ୍ୟାମାନେ ପ୍ଲାକାର୍ଡ ଧରି ଭାଜପା ସରକାରରେ ନାରୀ ସମ୍ମାନ ଉପରେ ପ୍ରଶ୍ନ ଉଠାଇ ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ସ୍ଲୋଗାନ ଦେଇ ଖଇରା ଥାନା ପର୍ଯ୍ୟନ୍ତ ଯାଇଥିଲେ । ପରେ ଶତାଧିକ ବିଜେଡି ସମର୍ଥକ ନିଳଗିରି ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ପର୍କୀତ ଦାବିପତ୍ର ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକଙ୍କୁ ପ୍ରଦାନ କରିଥିଲେ । ନନ୍ଦୁର ସରପଞ୍ଚ ଜୟନ୍ତୀ ପତି ଓ ସମିତିସଭ୍ୟ ଦମୟନ୍ତୀ ସିଂ,ଅମରିଆ ସରପଞ୍ଚ ସସ୍ମିତା ଧିନ୍ଦା, ଜଳଦା ସରପଞ୍ଚ ଗୀତାଞ୍ଜଳି ବେହେରା, ଶ୍ୟାମସୁନ୍ଦରପୁର ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତୀ ମହାନ୍ତି, ଗୋବିନ୍ଦପୁର ସରପଞ୍ଚ ରଶ୍ମିତା ବେହେରା, ଖଇରା ସରପଞ୍ଚ ମାଳତୀ ସେଠୀ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ଥିଲେ ।

## ଜଳେଶ୍ୱର ଆର୍‌ଏମ୍‌ସିରେ ଯୋଗଦେଲେ ନୂଆ ସମ୍ପାଦକ



ଜଳେଶ୍ୱର ବ୍ଲକ୍ ୪।୭(ସମିସ୍): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ନୂତନ ସମ୍ପାଦକ ଭାବେ ଡ. ସୁକାନ୍ତ ପାତ୍ର ଯୋଗ ଦେଇଛନ୍ତି । ସେ ପୂର୍ବରୁ ସେ ନୀଳଗିରି ନିୟନ୍ତ୍ରିତ ବଜାର କମିଟିରେ ସମ୍ପାଦକ ଭାବେ କାର୍ଯ୍ୟରତ ଥିଲେ । ଜଳେଶ୍ୱର ଆର୍‌ଏମ୍‌ସିରେ ସମ୍ପାଦକ ଭାବରେ କାର୍ଯ୍ୟକରୁଥିବା ବଳରାମ ଜେନାଙ୍କ ଅନ୍ୟତ୍ର ବଦଳି ହୋଇଛି । ତେଣୁ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ମନୋରଞ୍ଜନ ସାମଲ, ଅଭିମନ୍ୟୁ ଚାନ୍ଦ, ଗୋପାଳ ଚନ୍ଦ୍ର ସିଂ, ନାରାୟଣ ଚନ୍ଦ୍ର ଦେ, ଚକ୍ରଧର ଦାସ, ଅଜୟ କୁମାର ଦାସ, ନିତାଇ ଚରଣ ଗିରି ହିମାଂଶୁ କୁମାର ନାୟକ, ନିର୍ମଳ ଚନ୍ଦ୍ର ଘୋଷ, ଘନଶ୍ୟାମ ଦାସ, ରବୀନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ଯୋଗ ଦେଇଥିବା ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏଠାରେ ସମ୍ପାଦକ ଭାବେ କାର୍ଯ୍ୟରତ ଥିବା ବଳରାମ ଜେନାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ନୂତନ ସମ୍ପାଦକ କହିଥିଲେ କି ପ୍ରଥମେ ଜଳେଶ୍ୱର ଆର୍‌ଏମ୍‌ସି ଅଧୀନରେ ଥିବା ସମସ୍ତ ହାଟ ବଜାରର ଉନ୍ନତି ସାଙ୍ଗକୁ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ସମସ୍ତ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଥିବା ସମସ୍ତ ମଣ୍ଡିରେ କିପରି ଭାବରେ ଚାଷୀମାନେ ଧାନ ବିକ୍ରି ସମୟରେ ଅସୁବିଧାର ସମ୍ମୁଖୀନ ନ ହେବେ ସେ ଦିଗରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ ।

## ବନ ମହୋତ୍ସବରେ ଚାରାରୋପଣ କାର୍ଯ୍ୟକ୍ରମ



କାଳିପଦା,୪।୭(ସମିସ): ବାଲିଆପାଳ ବ୍ଲକ୍ ଦେଉଳା ପଞ୍ଚାୟତ ବାସୁଦେବପୁର ପଡ଼ିଆରେ ଶୁକ୍ରବାର ଦେଉଳା ପଞ୍ଚାୟତ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି । ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତହସିଲଦାର ଜ୍ୟୋସ୍ନା ରାଣୀ ନାୟକ ଏହାକୁ ଉଦ୍‌ଘାଟନ କରି ଏହାର ମହତ୍ୱ ସମ୍ପର୍କରେ କହିଥିଲେ । ଦେଉଳା ସରପଞ୍ଚ ସରୋଜ କୁମାର ପିଲା, ବାଘା ଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ପାଣ୍ଡା, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ସାମ୍ବାଦିକ ଗୋପାଳ କୃଷ୍ଣ ବିଶ୍ୱାଳ, ଅନନ୍ତ କୁମାର ରାଉଳ, ମନ୍ମଥ କୁମାର ନାୟକ, ଗୌରବ ଅଣ୍ଡିଆ, ସୁନୀଲ କୁମାର ପିଲା, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଜେନା, ପରମାନନ୍ଦ ଚଇନି, ସମିତି ସଦସ୍ୟା ଦିପ୍ତୀଲି ଦାସ, ପ୍ରମୋଦ କୁମାର ପାତ୍ର, ସୌମ୍ୟ କାନ୍ତ ଦାସ ପ୍ରମୁଖ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆମ୍ବ, ବଉଳ, ପଣସ, ନଡ଼ିଆ, ଶାଗୁଆନ, ଆକାଶିଆ, ନିମ୍ବ, ଜାମୁ ଆଦି ବୃକ୍ଷ ଚାରାକୁ ସ୍ୱେଚ୍ଛାସେବୀ ମାନେ ରୋପଣ କରିଥିଲେ ।

## ସହରର ବିଭିନ୍ନ ସ୍ଥାନରେ ଖାଦ୍ୟ, ପାନୀୟ ଯାଞ୍ଚ

ଜଳେଶ୍ୱର ବ୍ଲକ୍, ୪।୭ (ସମିସ): ଜଳେଶ୍ୱର ସହରର ବିଭିନ୍ନ ସ୍ଥାନରେ ଖାଦ୍ୟ ଓ ପାନୀୟ ଯାଞ୍ଚ କରାଯାଇଛି । ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଖାଦ୍ୟ ନିରାପତ୍ତା ଅଧିକାରୀ ଶଶିକାନ୍ତ ବେହେରା ଓ ଅନ୍ୟ ଅଧିକାରୀ ମିଶି ଜଳେଶ୍ୱର ପୌରପାଳିକା ୨ ନମ୍ବର ୱାର୍ଡର ଷ୍ଟେସନ ବଜାରରେ ଥିବା ଚନ୍ଦନ ସୁଇଟ୍‌ସ ଓ ପଙ୍କଜ ସୁଇଟ୍‌ସ ନାମକ ଦୁଇଟି ଦୋକାନରେ ଖାଦ୍ୟ ପଦାର୍ଥ ଯାଞ୍ଚ କରିଥିଲେ । ଏପରିକି କେତେକ ଖାଦ୍ୟଦ୍ରବ୍ୟ ନଷ୍ଟ କରିବା ସହିତ ଦୁଇ ହଜାର ଟଙ୍କା ଲେଖାଏ ଜରିମାନା କରିଥିବା ଜଣାପଡ଼ିଛି । ଏପରିକି ଉଭୟ ଦୋକାନକୁ ଟ୍ରେଡ୍ ଲାଇସେନ୍ସ ଓ ଫୁଡ୍ ଲାଇନ୍ସ ନ ମିଳିବା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି ।



## ଡଗରପଡ଼ା ପୀରହାଟ-ବରଗଡ଼ିଆ ରାସ୍ତାର ଭିତ୍ତିପ୍ରସ୍ତର



ଖଇରା,୪।୭(ସମିସ): ବହୁ ପ୍ରତିକ୍ଷିତ ବାଲେଶ୍ୱର ଜିଲା ଖଇରା ବ୍ଲକ୍ ଡଗରପଡ଼ାସ୍ଥିତ ପିରହାଟ-ବରଗଡିଆ-କମାରପାଳ ରାସ୍ତା ଓ ଜିପିଏଲଏଫ କେନ୍ଦ୍ରର ଭିତ୍ତିପ୍ରସ୍ତର ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଓ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ସ୍ଥାପିତ ହୋଇଛି । ଏହି ଅବସସରରେ ଡଗରପଡା ବଜାର ଠାରେ ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ବକ୍ତବ୍ୟ ରଖି ବର୍ତ୍ତମାନର ଭାଜପା ସରକାର ସାଧାରଣ ଲୋକଙ୍କ ନିର୍ବାଚନ ବେଳେ ଦେଇଥିବା ୨୧ ପ୍ରତିଶ୍ରୁତିରୁ ବର୍ଷକ ଭିତରେ ୧୧ ପ୍ରତିଶ୍ରୁତି ପୂରଣ କରିଛନ୍ତି । ଆଉ ୪ବର୍ଷ ଅପେକ୍ଷା କରନ୍ତୁ ସରକାର ଦେଇଥିବା ସବୁ ପ୍ରତିଶ୍ରୁତିକୁ ନିଶ୍ଚୟ ପୂରଣ କରି ଦେଖାଇବେ ବୋଲି କହିଥିଲେ । ବିଧାୟକ ପଣ୍ଡା ବର୍ଷକ ମଧ୍ୟରେ ହୋଇଥିବା ବିକାଶର ନମୁନା ଲୋକଙ୍କ ଆଗରେ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲ୍ଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ଯୁବନେତା ନିଳମାଧବ ପଣ୍ଡା ଓ ଅଣୁମାଧବ ପଣ୍ଡା,ଅଚ୍ୟୁତପୁର ସରପଞ୍ଚ ଅହଲ୍ୟା ପାତ୍ର ସମିତି ସଭ୍ୟ ଅହଲ୍ୟା ପାଢୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ରାସ୍ତା ପାଇଁ ୨କୋଟି ଓ ଜିପିଏଲଏଫ୍ କେନ୍ଦ୍ର ପାଇଁ ୩୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସମିତି ସଭ୍ୟ ବିମ୍ବାଧର ଦଳେଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୈଳାଶ ମାଝୀ ମଞ୍ଚ ପରିଚାଳନା ଓ କିଶୋର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ



ସିମୁଳିଆ,୪।୭(ସମିସ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି ସିମୁଳିଆ ଗସ୍ତରେ ଆସି ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଚାରୋଟି ମେଗା ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି । ଦୀର୍ଘ ଦିନର ଦାବି ଥିବା ଏହି ପ୍ରକଳ୍ପଗୁଡ଼ିକ ଶିଳାନ୍ୟାସ କରାଯିବା ପରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକମାନେ ଖୁସି ବ୍ୟକ୍ତ କରିଛନ୍ତି । ଯାହା ବିକଶିତ ଓଡ଼ିଶାର ଏକ ଉଦାହରଣ ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି । ମନ୍ତ୍ରୀ ପ୍ରଥମେ ବରି ଅଞ୍ଚଳରେ ପହଞ୍ଚିବା ପରେ ଦଳ ପକ୍ଷରୁ ବରିଷ୍ଠ ନେତା ରାଧାରମଣ ପଟ୍ଟନାୟକଙ୍କ ନେତୃତ୍ୱରେ ଅଞ୍ଚଳବାସୀଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ଏହାପରେ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ବରି-ଅବୁଝଣା ଆର୍‌ଡି ରାସ୍ତା ଉନ୍ନତିକରଣ ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ । ଏ ନେଇ ଆୟୋଜିତ ସଭାରେ ମନ୍ତ୍ରୀଙ୍କ ସମେତ ବିଧାୟକ ପଦ୍ମଲୋଚନ ପଣ୍ଡା ଉପସ୍ଥିତ ଲୋକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ପରେ ମନ୍ତ୍ରୀ ପୁରୁଷୋତ୍ତମପୁର ପଞ୍ଚାୟତ ବାଲିଖଣ୍ଡ ବଜାରଠାରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ । ଏହି ସ୍ଥାନରେ ଗଡ଼ିପୋଖରୀରୁ ଅଣ୍ଡରାଇ ଆର୍‌ଡି ରାସ୍ତା ପ୍ରକଳ୍ପ, କିଆପଡ଼ାରୁ ବାଲିଖଣ୍ଡ ଆର୍‌ଡି ରାସ୍ତା ପ୍ରକଳ୍ପ, ସାହୁଖୋର୍ଦ୍ଧାରୁ ତାଳପୋଖରୀ ଆର୍‌ଡି ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ସିସି ଦୁର୍ଯ୍ୟୋଧନ ବେହେରା, ଏସିଇ ଅମୀର କୁମାର ସେଠୀ ଏବଂ ସ୍ଥାନୀୟ ଏସ୍‌ଡିଓ ସଞ୍ଜୟ କୁମାର ସାହୁ ଯୋଗ ଦେଇଥିଲେ ।

## ଓଲମରା ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ



ଜଳେଶ୍ୱର ବ୍ଲକ, ୪।୭(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରାର ପ୍ରଧାନଶିକ୍ଷକ ମଙ୍ଗଲ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି । ଏହି ଅବସରରେ ଚାରା ରୋପଣ ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତାପସ କୁମାର ଦତ୍ତ, ଆଲୁମିନି କମିଟିର ସଭାପତି ଚଣ୍ଡୀ ପ୍ରସାଦ ଦାସ, ଆଲୁମିନି ସଭ୍ୟ ମୋତିଲାଲ ଅଧିକାରୀ, ପ୍ରଭାକର ଚାନ୍ଦ ଉପସ୍ଥିତ ଥିଲେ । ବିଦ୍ୟାଳୟର ରେଡକ୍ରସ୍ କାଉନସିଲର ନାରାୟଣ ପାଇକରାୟ ଓ ରେଡକ୍ରସର ଛାତ୍ରଛାତ୍ରୀଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣଶୈକ୍ଷିକ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ସ୍ୱାମୀ ବିବେକାନନ୍ଦଙ୍କ ମହାପ୍ରୟାଣ ଦିବସ



ସୋର,୪।୭(ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଂଘର ମାତା ଭୁବନେଶ୍ୱରୀ ଦେବୀ ସମ୍ମିଳନୀ କକ୍ଷରେ ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ୧୨୩ ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୁବକ ସଂଘର ସଭାପତି କମଳ ଲୋଚନ ବାରିକ ସ୍ୱାମୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏଥିସହିତ ଉପସ୍ଥିତ ସମସ୍ତେ ସ୍ୱାମୀଜୀଙ୍କୁ ଧ୍ୟାନ କରି ପାଞ୍ଚ ମିନିଟ୍ ପ୍ରାର୍ଥନା କରିବା ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥଲା । ସଭାରେ ସ୍ୱାମୀଜୀଙ୍କ ନୀତି ଆଦର୍ଶ ଏବଂ ରାଷ୍ଟ୍ର ନିର୍ମାଣ ରେ ଯୁବ ଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା । ଏଥିସହିତ ପୂର୍ବ ସନ୍ଧ୍ୟାରେ ଡଗରପଡ଼ାସ୍ଥିତ ବିବେକ ଭାରତୀ ଆଶ୍ରମରେ ପିଲାମାନଙ୍କୁ ପୋଷାକ ଏବଂ ଖାଦ୍ୟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୁବକ ସଂଘର ଉପସଭାପତି ପତିତପାବନ ମହାପାତ୍ର, ସମ୍ପାଦକ ସରୋଜ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ, ସ୍ଲୋଗାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଚେନ୍ନାଇରେ ପ୍ରାଣ ହରାଇଥିବା ଦାଦନ ଶ୍ରମିକଙ୍କ ଘରେ ପହଞ୍ଚିଲା 'ଆପଣ ଏକା ନୁହଁନ୍ତି ଟ୍ରଷ୍ଟ'



ସିମୁଳିଆ,୪।୭(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍ ମୁରୁଣୀ ପଞ୍ଚାୟତ ରାଉତପଡ଼ା ଗ୍ରାମର ମହେନ୍ଦ୍ର ମଲ୍ଲିକଙ୍କ ଏକମାତ୍ର ରୋଜଗାରିଆ ପୁଅ ସୁଶାନ୍ତ କୁମାର ମଲ୍ଲିକ ଦାଦନ ଶ୍ରମିକ ଭାବେ ଚେନ୍ନାଇରେ କାମ କରୁଥିବାବେଳେ ସେଠାରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଗାଁ ଲୋକେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ସାହାଯ୍ୟ କରିବାପାଇଁ ନିବେଦନ କରିଥିଲେ । ଏହି ଖବର ପାଇ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ "ଆପଣ ଏକା ନୁହଁନ୍ତି ଟ୍ରଷ୍ଟ'ର ପ୍ରତିଷ୍ଠାତା/ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ଗୋପମଣି ପଣ୍ଡା ଏବଂ ବରିଷ୍ଠ ଉପଦେଷ୍ଟା ଶିବାନନ୍ଦ ପାଢ଼ୀ ଓ ଗଦାଧର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ସୁଶାନ୍ତଙ୍କ ଘରେ ପହଞ୍ଚି ସଂଗଠନ ପକ୍ଷରୁ ସୁଶାନ୍ତଙ୍କ ଦଶାହକ୍ରିୟା ନିମନ୍ତେ କିଛି ଆର୍ଥିକ ସାହାଯ୍ୟ କରିଛନ୍ତି । ସୁଶାନ୍ତଙ୍କ ବଡ଼ ପୁଅ ଭଲ ପାଠ ପଢୁଥିବାରୁ ଘରେ ପାଠ ପଢ଼ାଇବାକୁ କେହି ନାହାନ୍ତି । ଏପଟେ ସ୍ତ୍ରୀ ସଂଗୀତା ସ୍ୱାମୀଙ୍କୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ସମୟରେ ମୁଣ୍ଡ ଉପରେ ଦୁଇ ଦୁଇଟି ପିଲାଙ୍କ ଭବିଷ୍ୟତ ସହିତ ଶାଶୁ ଶ୍ୱଶୁରଙ୍କ ସହିତ ପରିବାର କିପରି ଚଳାଇବେ ସେ ନେଇ ଚିନ୍ତାରେ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ସଂଗଠନର ସମ୍ପାଦକ ସୁଶାନ୍ତ ବେହେରା ବାଲେଶ୍ୱର ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ଶ୍ରୀଜଗନ୍ନାଥ ଯୁକ୍ତ +୨ ରେସିଡେନ୍‌ସୀ ସ୍କୁଲ ଓ କଲେଜର ପ୍ରତିଷ୍ଠାତା ଗଙ୍ଗାଧର ଜେନାଙ୍କ ସହିତ କଥା ହେବା ପରେ ପିଲାର ସମ୍ପୂର୍ଣ୍ଣ ପାଠ ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଛନ୍ତି ।

## ସ୍ମୃତି ପାଲଟିଛି ସୂତାକଳ; ପୁନରୁଦ୍ଧାର କେବେ







କାଳିପଦା,୪।୭(ସମିସ)

ବାଲିଆପାଳ ବ୍ଲକ୍ ଦେଭୋଗସ୍ଥିତ ଶ୍ରୀଗୋପୀନାଥ ବୁଣାକାର ସମବାୟ ସୂତାକଳ ଏବେ କେବଳ ଅତୀତର ସ୍ମୃତି ପାଲଟିଛି । ବିଜେଡି ସରକାର ଅମଳରେ ଏହାର ପୁନଃଉଦ୍ଧାର ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । ଏପରିକି ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା । ତେବେ ସରକାର ବଦଳିବା ପରେ ଏବେ ଏହି ଆଶା ଏବେ ମଉଳିବାରେ ଲାଗିଛି । ୫ ଟି ସଚିବଙ୍କ ଲଙ୍ଗଳେଶ୍ୱର ଗସ୍ତ ସମୟରେ ସୂତା କଳର ପ୍ରାକ୍ତନ କର୍ମଚାରୀ ଓ ସ୍ଥାନୀୟ ଲୋକ ତାହାର ପୁନଃଉଦ୍ଧାର ପାଇଁ ଦାବିପତ୍ର ଦେଇଥିଲେ । ଏହାପରେ ପୁନରୁଦ୍ଧାର ପାଇଁ ମଧ୍ୟ ଆଶା ସଞ୍ଚାର ହୋଇଥିଲା । ତେବେ ଏବେର ନୂଆ ସରକାର ଏ ଦିଗରେ ଉଦାସୀନ ରହିଛନ୍ତି ।

ଅଶି ଦଶକରେ ତତ୍କାଳୀନ କଂଗ୍ରେସ ସରକାର ବାଲିଆପାଳ କ୍ଷେପଣାସ୍ତ୍ର ଘାଟୀ ପରି ଯୋଜନାରେ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ଦେଭୋଗ ଠାରେ ଶ୍ରୀଗୋପୀନାଥ ବୁଣାକାର ସମବାୟ ସୂତାକଳ ପ୍ରତିଷ୍ଠା କରିଥିଲେ । ପ୍ରତିଷ୍ଠା ଦିନରୁ ୫/୭ ବର୍ଷ ପର୍ଯ୍ୟନ୍ତ ସୂତାକଳଟି ସୁରୁଖୁରୁରେ ଚାଲିଥିଲା । କଲିକତାର ପିକନ ନାମକ ଏକ କମ୍ପାନୀ ସୂତା ବଦଳରେ ତୁଳା ଦେଉଥିଲା । ତାହାଛଡ଼ା କର୍ମଚାରୀଙ୍କ ଦରମା, ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ବହନ କରୁଥିଲା । ମାତ୍ର ସରକାରଙ୍କ ଘରୋଇକରଣ ନୀତି ଯୋଗୁଁ ସୂତାକଳ ବିକ୍ରି ପାଇଁ ୨୦୦୨ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା । ଏହି ପ୍ରକ୍ରିୟା ଚାଲିଥିବା ବେଳେ ୨୦୦୫ ମସିହା ଡିସେମ୍ବର ମାସ ମଧ୍ୟ ରାତିରେ ସୂତା କଳରେ ଅଚାନକ ନିଆଁ ଲାଗିଗଲା । ନିଲାମ ନେବାକୁ ଥିବା କମ୍ପାନୀ ପଛ ଘୁଞ୍ଚା ଦେଲେ । ଶେଷରେ ପିକନ ଶାଗ ମାଛ ପରିବା ଦରରେ ନିଲାମ ନେଲା । ମାତ୍ର କର୍ମଚାରୀଙ୍କ ବକେୟା ଦରମା, ସେମାନଙ୍କ ଇପିଏଫ୍, ସୂତା କଳ ଉପରେ ବାକିଥିବା ବିଦ୍ୟୁତ ଦେୟ, ସ୍ପିନ୍ ଫେଡ୍‌ର ଅନ୍ୟାନ୍ୟ ବାକିର ପୈଠ ଓ ଦେୟ ପରିଶୋଧ ନେଇ ସରକାରଙ୍କ ଅନୁମତି ପତ୍ର ପିକନ ପାଇ ପାରିଲା ନାହିଁ । ଯାହା ଫଳରେ କମ୍ପାନୀ ପିକନ ଅଦ୍ୟାବଧି କୌଣସି କାମର ଅଗ୍ରଗତି କରି ପାରି ନାହିଁ । ଏବେ ସରକାରଙ୍କ ତରଫରୁ ଜଣେ କର୍ମଚାରୀ ଓ କେତେ ଜଣ ସୁରକ୍ଷା କର୍ମୀ ରହିଛନ୍ତି ସୂତା କଳକୁ ଜଗିବା ପାଇଁ । ସୂତା କଳ କାର୍ଯ୍ୟକ୍ଷମ ନ ହେବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଯନ୍ତ୍ର ପାତି, ଆସବାପତ୍ରକୁ ଚୋରି କରି ନେଇ ଗଲେଣି । ସୂତା କଳ ଅଧିକୃତ ଜାଗା ଓ ଜମିକୁ ଜମି ଦେଇଥିବା ଲୋକମାନେ ଏବେ ଦଖଲ କରି ନେଇଛନ୍ତି । ଆଉ ସୂତାକଳ ହେବାର ସମ୍ଭାବନା କ୍ଷୀଣ ବୋଲି କେତେକ କହିଲେଣି । ନୂଆ ସରକାର ତାର ପୁନରୁଦ୍ଧାର ନେଇ ପଦକ୍ଷେପ ନେବାକୁ ସୂତାକଳର ପୂର୍ବତନ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

## ଧାନ କିଣାରେ ଅବ୍ୟବସ୍ଥା; ଚାଷୀଙ୍କ ଧାରଣା



ବାଲେଶ୍ୱର/ବାଲିଆପାଳ,୪।୭ (ସମିସ): ରବି ଧାନ କିଣାରେ ସରକାରଙ୍କର ଅବ୍ୟବସ୍ଥା ଯୋଗୁଁ ଚାଷୀଭାଇ ମାନେ ହନ୍ତସନ୍ତ ହେଉଛନ୍ତି। କାହାର ଟୋକନ୍ ଲାପ୍ସ ହେବନାହିଁ ଏବଂ ଆବଶ୍ୟକସ୍ଥଳେ ଟୋକନ୍ ଅବଧି ବୃଦ୍ଧି କରାଯିବାକୁ ସରକାରଙ୍କ ଘୋଷଣା ଆଜି ପାଣିର ଗାର ପାଲଟିଛି। ସରକାର ପ୍ରତାରଣା କରିଛନ୍ତି। ସରକାରଙ୍କର ଧାନ କ୍ରୟ ଅବଧି ଜୁନ ୩୦ ତାରିଖରେ ସମାପ୍ତ ହୋଇଯାଇଥିବା ବେଳେ ପଞ୍ଜୀକରଣର ଶେଷ ଦିବସରେ ଆଇ ସ୍କାନ କରି ଧାନ କିଣିବାକୁ ସରକାର ଘୋଷଣା କଲେ। ଫଳରେ ବସ୍ତା ନିର୍ବାଚନ ମଣ୍ଡଳୀର ବହୁ ଚାଷୀ ଏଥିରେ ହଇରାଣ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଜଗତିପୁର ସେବା ସମବାୟ ସମିତିରେ ୬୦୯ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ଆହୁରି ୧୯୧ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି କରିପାରି ନାହାନ୍ତି। ଏହାର ପ୍ରତିବାଦ ସ୍ୱରୂପ ଜଗତିପୁର ସେବା ସମବାୟ ସମିତି ଆଗରେ ଧାରଣାରେ ବସିଥିଲେ। ଆଜି ସେଠାରେ ବସ୍ତା ବିଧାୟିକା ସୁବାସିନୀ ଜେନା ପହଞ୍ଚି ସେମାନଙ୍କ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ସେହିପରି ଜଗତିପୁର ସେବା ସମବାୟ ସମିତି ସହିତ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ସେବା ସମବାୟ ସମିତିର ପଞ୍ଜୀକୃତ ଚାଷୀ ଭାଇମାନଙ୍କ ବାକି ରହି ଯାଇଥିବା ଧାନକୁ ତୁରନ୍ତ କିଣିବା ନିମନ୍ତେ ଜିଲ୍ଲାପାଳ ଏବଂ ଯୋଗାଣ ଅଧିକାରୀଙ୍କ ସହିତ କଥା ହୋଇଥିଲେ। ବିଧାୟିକାଙ୍କ ସହ ଜଗତିପୁର ପଞ୍ଚାୟତ ବିଜେଡ଼ି ସଭାପତି ଶ୍ରୀଧର ଡାକୁଆ ଓ ବ୍ଲକ ଯୁବ ବିଜେଡି ସଭାପତି ସଂଗ୍ରାମ ପରିଡ଼ାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ଡାକ୍ତରଖାନା ବଡ଼, ମିଳୁନି ସେବା

ବାଲେଶ୍ୱର,୪।୭ (ସମିସ)

ଚିକିତ୍ସା ସେବା ପାଇଁ ନାକେଦମ ହେଉଛନ୍ତି ରୋଗୀ। ଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତ ପୁଣି ମେଡିକାଲ କଲେଜ। ଏପଟ ସେପଟ ହୋଇ ଖାଲି ବୁଲୁଛନ୍ତି, ତଥାପି ରୋଗୀ ନିରାଶ। ଜରୁରୀ ରୋଗ ତ ଦୂରର କଥା ସାମାନ୍ୟ କିଛି ସମସ୍ୟା ହେଲେ ତୁରନ୍ତ ଚିକିତ୍ସା ସେବା ପାଇବା କଷ୍ଟକର ହୋଇପଡୁଛି। ଏହାରି ଭିତରେ ପେଟ ଯନ୍ତ୍ରଣା ପାଇଁ ଡାକ୍ତର ଦେଖାଇବା ପରେ ଅଲଟ୍ରାସାଉଣ୍ଡ ପାଇଁ ଲମ୍ବା ସମୟ ଅପେକ୍ଷା କରିବାକୁ ପଡୁଛି। ଏପରିକି ଡାକ୍ତର ପରାମର୍ଶର ମାସକ ପରେ ପଡୁଛି ଅଲଟ୍ରାସାଉଣ୍ଡ ତାରିଖ।

ଜନୈକ ରୋଗୀ ସେଖ୍ ଅବଦୁଲ ଇରଫାନ୍‌ଙ୍କ ପେଟ ଯନ୍ତ୍ରଣା ହେବାରୁ ସେ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଦେଖାଇବା ପରେ ଡାକ୍ତର ଅଲଟ୍ରାସାଉଣ୍ଡ ପାଇଁ ପରାମର୍ଶ ଦେଇଥିଲେ। ହେଲେ ଅଲଟ୍ରାସାଉଣ୍ଡ ପାଇଁ ତାଙ୍କର ୨୮ ତାରିଖକୁ କଣ୍ଟ ଦିଆଯାଇଛି। ରୋଗୀ ଜଣଙ୍କ ଏତେଦିନ ପର୍ଯ୍ୟନ୍ତ କିଭଳି ପେଟଯନ୍ତ୍ରଣା ରୋଗ ପାଇଁ ଅପେକ୍ଷା କରିବେ ତାହା ଭାବି ଚିନ୍ତାରେ ପଡ଼ିଛନ୍ତି। ଏହିପରି ଅନେକ ରୋଗୀ ପେଟ ଯନ୍ତ୍ରଣା ପାଇଁ ହସପିଟାଲ୍ ଯାଉଥିଲେ ହେଁ ଠିକ୍ ସମୟରେ





ଅଲଟ୍ରାସାଉଣ୍ଡ ତାରିଖ ପାଉନଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ସହରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ବିଭାଗ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ କ୍ୟାମ୍ପସକୁ ସ୍ଥାନାନ୍ତର ହୋଇଯାଇଛି। ହଠାତ୍ ଏହି ସ୍ଥାନାନ୍ତର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ସମସ୍ୟା ଦେଖାଦେଇଛି। କାରଣ ସ୍ଥାନାନ୍ତର ପରେ ଡାକ୍ତର, ନର୍ସଠୁ ଆରମ୍ଭ କରି ଅନ୍ୟ ସମସ୍ତ କର୍ମଚାରୀ ଅଭାବ ହୋଇଛି। ଫଳରେ ନାହିଁ ନାହିଁରେ ଚାଲିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଏହାରି ଭିତରେ ଅନେକ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆସୁଥିଲେ ରେମୁଣାକୁ ପଠାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ମୁଖ୍ୟ ଚିକିତ୍ସାଳୟ ହେଉ କି ମେଡିକାଲ କଲେଜ, ରୋଗୀ ଠିକ୍ ସମୟରେ ଚିକିତ୍ସା ପାଉନଥିବା କହିଛନ୍ତି। ହନ୍ତସନ୍ତ ହେଉଛନ୍ତି। ପ୍ରକାଶ ଥାଉ କି, ସେଖ୍ ଅବଦୁଲ ଇରଫାନ୍ ଙ୍କ ପେଟ ଯନ୍ତ୍ରଣା ହେବାରୁ ସେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଦେଖିବା ପରେ ମେଡିସିନ ଓ ଇଞ୍ଜେକସନ ନେଇଥିଲେ। ମାତ୍ର ଏଥିରେ ତାଙ୍କର ପେଟ ଯନ୍ତ୍ରଣା ଭଲ ନହେବାରୁ ସେ ପୁଣି ଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କୁ ଦେଇଥିଲେ। ଏହାପରେ ଡାକ୍ତର ତାଙ୍କୁ ରେମୁଣା ମେଡିକାଲ କଲେଜ ଯିବା ପାଇଁ ପରାମର୍ଶ ଦେଇଥିଲେ। ଇରଫାନ୍ ମେଡିକାଲ କଲେଜରେ ଦେଖାଇବା ପରେ ଇଞ୍ଜେକସନ ନେଇଥିଲେ ଏବଂ ଅଲଟ୍ରାସାଉଣ୍ଡ ପାଇଁ ଡାକ୍ତର ତାଙ୍କୁ କହିଥିଲେ। ଅଲଟ୍ରାସାଉଣ୍ଡ ପାଇଁ ଇରଫାନ୍ ଗଲାବେଳେ ତାଙ୍କୁ ଚଳିତ ମାସ ୨୮ ତାରିଖ ଦିଆଯାଇଥିଲା। ଯେଉଁଥିପାଇଁ ସେ ଅଲଟ୍ରାସାଉଣ୍ଡ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିଥିଲେ। ହେଲେ କର୍ମଚାରୀ ଏ ବାବଦରେ ଡାକ୍ତରଙ୍କ ସହ କଥା ହେବା ପାଇଁ କହିଦେଇଥିଲେ। ଇରଫାନ ମଧ୍ୟ ଡାକ୍ତରଙ୍କୁ ଏବାବଦରେ ପଚାରିବାରୁ ସେ କିଛି କରିପାରିବେନି ଏବଂ ସୁପରିଟେଣ୍ଡେଣ୍ଟଙ୍କୁ ପଚାରିବାକୁ କହିଥିଲେ। ଇରଫାନ୍ ଓ ତାଙ୍କ ପରିବାର ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କୁ ପଚାରିବାରୁ ଏ ବାବଦରେ ସେ କିଛି କରିପାରିବେନି ଏବଂ ଏଡ଼ିଓଙ୍କୁ ଭେଟିବାକୁ କହିଥିଲେ ବୋଲି ଇରଫାନ୍ କହିଛନ୍ତି।

ଅଲଟ୍ରାସାଉଣ୍ଡ ପାଇଁ ରୋଗୀଙ୍କୁ ଗୋଟିଏ ମାସ ଅପେକ୍ଷା କରିବାକୁ ପଡୁଛି। ଫଳରେ

**ପରାମର୍ଶର ମାସେ ପରେ ପଡୁଛି ଅଲଟ୍ରାସାଉଣ୍ଡ ତାରିଖ**

ବାଧହୋଇ କିଛି ରୋଗୀ ଖର୍ଚ୍ଚାନ୍ତ ହୋଇ ପ୍ରାଇଭେଟ୍‌ରେ ଅଲଟ୍ରାସାଉଣ୍ଡ ବି କରାଉଛନ୍ତି। ବଡ ମେଡିକାଲ ତ ହୋଇଛି ହେଲେ ରୋଗୀ ଖାଲି ବୁଲୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମେଡିକାଲ କଲେଜ ଯାଉଛନ୍ତି। ହେଲେ ଚିକିତ୍ସା ସେବା ଠିକ୍ ପାଉନାହାନ୍ତି ବୋଲି ଇରଫାନ୍ କହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡା. ପ୍ରଭାତ ବେହେରାଙ୍କୁ ପଚାରିବାରୁ କହିଥିଲେ, ବର୍ତ୍ତମାନ ମେଡିକାଲ କଲେଜରେ ସେଠାରେ ଅଲଟ୍ରାସାଉଣ୍ଡ ହେଉଛି ଏବଂ ଆମର ଏଠାରେ ଡିଏଚ୍‌ଏଚ୍‌ରେ ଅଲଟ୍ରାସାଉଣ୍ଡ ହେଉଛି। ସ୍ୱତନ୍ତ୍ର ଭାବେ ଅଲଗା ଅଲଟ୍ରାସାଉଣ୍ଡ କରାଯାଉଛି। ତେଣୁ କିଛି ସମସ୍ୟା ନାହିଁ। ତେବେ ଏ ବାବଦରେ ବୁଝିବା ପାଇଁ ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉତ୍ତର ମିଳିନାହିଁ।

# ବିଦେଶ ମାଟିରେ ଗଡ଼ିଲା ‘ନନ୍ଦିଘୋଷ’







ବାଲେଶ୍ୱର,୪।୭ (ସମିସ): ବିଦେଶ ମାଟିରେ ଗଡ଼ିଲା ଶ୍ରୀଜଗନ୍ନାଥ ରଥ। ଦୂର ଦେଶରେ ଥାଇ ମଧ୍ୟ ରଥଯାତ୍ରା ପାଳନ କରିଛନ୍ତି ଜଗନ୍ନାଥ ପ୍ରେମୀ। ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଯୁକ୍ତରାଷ୍ଟ୍ର ଆମେରିକାର ଆଟ୍ଲାଣ୍ଟା। ଯୁକ୍ତରାଷ୍ଟ୍ର ଆମେରିକା ଅନ୍ତର୍ଗତ ଆଟ୍ଲାଣ୍ଟାର ହନୁମାନ ମନ୍ଦିର ପରିସରରେ ସ୍ଥାପିତ ଶ୍ରୀଶ୍ରୀ ଜଗନ୍ନାଥଙ୍କ ୧୪ତମ ଘୋଷଯାତ୍ରା ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟିର ପ୍ରମୁଖ ସେବାୟତ୍ ଅକ୍ଷୟ ଦାଶ ଓ ଚିନ୍ମୟ ଦାସମହାପାତ୍ରଙ୍କ ଦିଗଦର୍ଶନରେ ସୌଭାଗ୍ୟ ରାଉତ୍, ଶ୍ରୀକାନ୍ତ ସାହୁ ତଥା ସ୍ଥାୟୀ ସେବାୟତ ଗୋଷ୍ଠିର ସହଯୋଗରେ ଯଥାସମୟରେ ଶାନ୍ତିଶୃଙ୍ଖଳା ସହିତ ରଥ ଟଣାଯାଇଥିଲା। ଦିଅଁଙ୍କର ସମସ୍ତ ନୀତିକାନ୍ତିରେ ସହଯୋଗ କରିଥିଲେ ସେବାୟତ କ୍ୟୁ ରାୟ ଓ ଅଂଶୁମାନ ଆଚାର୍ଯ୍ୟ। ପୁଲିସ ଉପସ୍ଥିତିରେ ରଥଟଣା ପରେ ୫ହଜାର ଭକ୍ତ ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ନ ପ୍ରସାଦ ସେବନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ‘ନନ୍ଦିଘୋଷ’ ଶୀର୍ଷକ ସ୍ମରଣିକାର ଚତୁର୍ଥ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ରାମୋଜୀ ତଥା ବର୍ଷିଆନ୍ ସଂସ୍କୃତି ପ୍ରେମୀ ସୁରଞ୍ଜନ



ଦାସମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ଓ ସ୍ମରଣିକା କମିଟି ସଦସ୍ୟ ରାଜଲକ୍ଷ୍ମୀ ଜେନା, ରଞ୍ଜିତା ପଲେଇ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅନୁଷ୍ଠିତ ସାସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଓଡିଶୀ, କୁଚପୁଡି ନୃତ୍ୟ ସହିତ ଭଜନ, ତବଲା ବାଦନ ଇତ୍ୟାଦିକୁ ପରିଚାଳନା କରିଥିଲେ ଲିପି ରାୟ ଓ ମୋନାଲିସା ପାଲ୍। ରାଉରକେଲାରୁ ଆସିଥିବା ଅତିଥି ନୃତ୍ୟଗୁରୁ ଦେବାଶିଷ ପଟ୍ଟନାୟକଙ୍କ ଓଡିଶୀ ନୃତ୍ୟ ଏଥରର ମୁଖ୍ୟ ଆକର୍ଷଣ ଥିଲା। ସେବାୟତ ଯଜୁବେନ୍ଦ୍ର ବିଶ୍ୱାଳ ଓ ଜୀବନ୍ କାନୁନଗୋ ରଥ କାରିଗର ଥିଲେ।

## ପ୍ରସ୍ତୁତି ଶେଷ, ଆଜି ବାହୁଡ଼ା



ବାଲେଶ୍ୱର,୪।୭ (ସମିସ): ଆସନ୍ତା କାଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶ୍ରଦ୍ଧାଳୁମାନେ କିପରି ସୁରୁଖୁରୁରେ ଦର୍ଶନ ସହ ରଥ ଟାଣି ପାରିବେ ସେ ନେଇ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଜଗନ୍ନାଥ ମନ୍ଦିରରେ ଥିବା ଆରତି ମଣ୍ଡପରେ ଇମାମି ଗ୍ରୁପର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କାଙ୍କ ପୌରୋହିତ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାହୁଡ଼ା ଯାତ୍ରାରେ ସମସ୍ତ ଭକ୍ତମାନଙ୍କର ସୁରୁଖୁରୁରେ ଦର୍ଶନ, ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ବୟସାଧିକ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ଓ ରଥଟଣା ବ୍ୟବସ୍ଥା ନିମନ୍ତେ ବ୍ୟାପକ ପ୍ରସ୍ତୁତି ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ। ଏହି ବୈଠକରେ ଇମାମି କାଗଜ କଳର ବହୁ ପଦାଧିକାରୀ, କର୍ମଚାରୀ, ଶ୍ରମିକ, ସମସ୍ତ ଶ୍ରମିକ ୟୁନିୟନ୍‌ର ନେତୃମଣ୍ଡଳୀ, ମନ୍ଦିର ପ୍ରଶାସନର ସମସ୍ତ କର୍ମକର୍ତ୍ତା ତଥା ଇମାମି ଲେଡିଜ୍ କ୍ଲବ୍‌ର ସମସ୍ତ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। ଅନ୍ୟପଟେ ଇମାମି ନଗର ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆରେ ରଥ ଉତ୍ସବର ଷଷ୍ଠ ଦିନରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରାତଃରୁ ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ନୀତିକାନ୍ତି ସମାପନ ପରେ ୧୦.୩୦ ରୁ ୧୨ ଘଟିକା ତୁଳସୀ ଅଭିଷେକ, ୩.୩୦ ରୁ ୪.୩୦ ଘଟିକା ପର୍ଯ୍ୟନ୍ତ ବିଭିନ୍ନ କଳାକାରଙ୍କ ଦ୍ୱାରା କୀର୍ତ୍ତନ ହରିନାମ ସଙ୍କୀର୍ତ୍ତନ, ୪.୩୦ ରୁ ୬ ଟା ପର୍ଯ୍ୟନ୍ତ ମହିଳାମାନଙ୍କ ପୂଜାସ୍ଥଳୀ ସାଜସଜ୍ଜା, ସନ୍ଧ୍ୟା ୬ ରୁ ୬.୩୦ ଏକକ ନୃତ୍ୟ, ୬.୩୦ ରୁ ୮.୩୦ ସୁଦୂର ଋଷିକେଶରୁ ଆସିଥିବା କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାଧାକୃଷ୍ଣଙ୍କ ଚିତ୍ତାକର୍ଷକ ରାସଲୀଳା ଶ୍ରଦ୍ଧାଳୁଙ୍କ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିଥିଲା। ଅନୁରୂପ ଭାବେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରତ୍ୟହ ପ୍ରସାଦ ସେବନ, ନିଶୁଳ୍କ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳର ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ଓ ଚିତ୍ତାକର୍ଷକ ଆଲୋକମାଳା, ପୁଷ୍ପ, ସାଜସଜ୍ଜା ସହ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଇମାମି ନଗର ଗୁଣ୍ଡିଚା ମନ୍ଦିର।

## ନିଟ୍ ମେଡିକାଲ ପ୍ରବେଶିକା ପରୀକ୍ଷା ଫଳ

# ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ରାଜ୍ୟରେ ପ୍ରଥମ

ବାଲେଶ୍ୱର,୪।୭ (ସମିସ): ଚଳିତବର୍ଷ ସର୍ବ ଭାରତୀୟ ନିଟ୍ ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଏଥିରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ସରକାରୀ କନିଷ୍ଠ ମହାବିଦ୍ୟାଳୟସ୍ତରରେ ସର୍ବୋଚ୍ଚ ନମ୍ବର ଓ ସର୍ବାଧିକ ଛାତ୍ରଛାତ୍ରୀ କୃତିତ୍ୱ କ୍ଷେତ୍ରରେ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଚଳିତ ବର୍ଷ ଓ ପୂର୍ବ ବର୍ଷର ଛାତ୍ରଛାତ୍ରୀ କହ୍ନେଇ ଚରଣ ଗିରି ୯୯.୭୪ ପର୍ସେଣ୍ଟାଇଲ୍ ମାର୍କ, ପ୍ରଜ୍ଞା ପରମିତା ଗିରି ୯୯.୪୩ ପର୍ସେଣ୍ଟାଇଲ୍ ମାର୍କ, ପାର୍ଥ ସାରଥୀ ମିଶ୍ର ୯୯.୪୩ ପର୍ସେଣ୍ଟାଇଲ୍ ମାର୍କ, ବର୍ଷା ତ୍ରିପାଠୀ ୯୯.୨୫ ପର୍ସେଣ୍ଟାଇଲ୍ ମାର୍କ, ପଙ୍କଜ ସାସମଲ ୯୯.୨୫ ପର୍ସେଣ୍ଟାଇଲ୍ ମାର୍କ, ବିଭୂତି ବେହେରା ୯୮.୩୨ ପର୍ସେଣ୍ଟାଇଲ୍ ମାର୍କ, ବିବେକା ନନ୍ଦ ସାମଲ ୯୭.୮୬ ପର୍ସେଣ୍ଟାଇଲ୍ ମାର୍କ, ଅମ୍ରିତା ଧଳ ୯୭.୫୧ ପର୍ସେଣ୍ଟାଇଲ୍ ମାର୍କ, ଜେ ସି ଜିତାଂଶୁ ରାଉତ ୯୭.୧୮ ପର୍ସେଣ୍ଟାଇଲ୍ ମାର୍କ ରଖି ନିଜର କୃତିତ୍ୱକୁ ପ୍ରଦର୍ଶନ କରିଛନ୍ତି। ସେହିପରି ଯଶରାଜ୍ ନାୟକ, ରଶ୍ମି ରଞ୍ଜନ ପ୍ରଧାନ, ରଶ୍ମି ରଞ୍ଜନ ପାଣିଗ୍ରାହୀ, ଗୌରାଙ୍ଗ ଖମାରୀ ଏମାନଙ୍କ ଠାରୁ କମ୍ ମାର୍କ ରଖି ଅନେକ ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ନିଟ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନର ଗର୍ବ ଓ ଗୌରବ ବଜାୟ ରଖିଛନ୍ତି। ଚଳିତବର୍ଷ ଜେଇ ପରୀକ୍ଷାରେ ନବ ଜ୍ୟୋତି ଗିରି ୯୯.୧୪ ପର୍ସେଣ୍ଟାଇଲ୍ ମାର୍କ, ରଞ୍ଜନ କୁମାର ନନ୍ଦୀ ୯୭.୧୮ ପର୍ସେଣ୍ଟାଇଲ୍ ମାର୍କ, ଜନ୍ମଜୟ କବାଟ ୯୬.୮୬ ପର୍ସେଣ୍ଟାଇଲ୍ ମାର୍କ, ଗୌତମ କୁମାର ଜେନା ୯୫.୫୬ ପର୍ସେଣ୍ଟାଇଲ୍ ମାର୍କ, ରାମ ଚନ୍ଦ୍ର ସୋରେନ ୯୪.୦୩ ପର୍ସେଣ୍ଟାଇଲ୍ ମାର୍କ, ଅର୍ପ୍ୟାଶ୍ରୀ ଦେବପ୍ରିୟ ମହାନ୍ତି ୯୩.୫୩ ପର୍ସେଣ୍ଟାଇଲ୍ ମାର୍କ, ବିଭୁ କିଶୋର ବିଶ୍ୱାଳ ୮୩.୫୬ ପର୍ସେଣ୍ଟାଇଲ୍ ମାର୍କ, ଭବେଶ ପାଣିଗ୍ରାହୀ ୮୦.୦୦ ପର୍ସେଣ୍ଟାଇଲ୍ ମାର୍କ ରଖିଛନ୍ତି। ଏମାନଙ୍କ ଠାରୁ ସୁଦୀପା ଦାସ, ଦେବିଶ୍ରିତା ନାୟକଙ୍କ ଭଳି ଅନେକ ଚଳିତ ବର୍ଷ ଓ ପୂର୍ବ ବର୍ଷର ଛାତ୍ରଛାତ୍ରୀ କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ରାମଚନ୍ଦ୍ର ସୋରେନ ୯୪.୦୩ ପର୍ସେଣ୍ଟାଇଲ୍ ମାର୍କ ରଖି ଆଦିବାସୀ ବର୍ଗରେ ସମଗ୍ର ଦେଶରେ ୭୨୯ ତମ ସ୍ଥାନ ହାସଲ କରିଛନ୍ତି। ସେଥିପାଇଁ ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଶୁଭେଚ୍ଛା ସହ ଧନ୍ୟବାଦ ପ୍ରଦାନ କରିଛନ୍ତି। ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ଉପାଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରାଉତ, ଷ୍ଟାଫ କାଉନସିଲ୍ ଚେୟାରମେନ ଡକ୍ଟର ଭାଗବତ ଭୂୟାଁ, ଆକଡେମିକ୍ ବର୍ଷାର ଡକ୍ଟର ସୋନାଲିସା ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଅଞ୍ଜନା ବେହେରା, ନୋଡାଲ ନାମଲେଖା ଅଧିକାରୀ ଡକ୍ଟର ତପସ୍ୱିନୀ ନାଏକ, ସେକ୍ସନ ଅଧିକାରୀ ବଳରାମ ନାଏକଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମାଲବାହୀ ଟ୍ରେନ୍ ଧକ୍କାରେ ଯୁବକ ମୃତ

ବାଲେଶ୍ୱର,୪।୭ (ସମିସ): ଅରଡବଜାର ରେଲୱେ ଗେଟ୍‌ଠାରେ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଜଣକ ହେଉଛନ୍ତି ଅରଡ଼ବଜାର ଅଞ୍ଚଳର ଚନ୍ଦ୍ରକାନ୍ତ ଦଲେଇ। ଆଜି ଦିନ ପ୍ରାୟ ୧ ଘଟିକା ସମୟରେ ଚନ୍ଦ୍ରକାନ୍ତ ଅରଡ଼ବଜାର ରେଲୱେ ଗେଟ୍ ପାର ହେଉଥିଲେ। ସେହି ସମୟରେ ଡାଉନ୍ ଲାଇନରେ ଆସୁଥିବା ଏକ ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେଠାରେ ଚନ୍ଦ୍ରକାନ୍ତ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜିଆରପି ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ମୃତ ଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ କରାଯାଇ ଏବଂ ଏହି ଘଟଣାର ଅଧିକ ତଦନ୍ତ କରାଯିବ ବୋଲି କହିଛନ୍ତି।




# ବିଦ୍ୟୁତ୍ ସଂସ୍କାର ଓ ସୋଲାର ବିଜୁଳି ଉତ୍ପାଦନ ଗୁରୁତ୍ୱ ଦେଉଛି ଟିପିଏନଓଡିଏଲ୍




ବାଲେଶ୍ୱର,୪।୭ (ସମିସ)

ପିଏମ୍-ସୂର୍ଯ୍ୟଘର ଯୋଜନାରେ ସୋଲାର ବିଜୁଳି ଉତ୍ପାଦନକୁ ଗୁରୁତ୍ୱ ଦେବା ସହ ଉତ୍ତର ଓଡ଼ିଶାରେ ବିଦ୍ୟୁତ ଆବଣ୍ଟନରେ ଟିପିଏନ୍‌ଓଡିଏଲ୍ ସଂସ୍କାର ଆଣିଛି ବୋଲି କହିଛନ୍ତି ସିଇଓ ଗଜାନନ କାଲେ। ପିଏମ୍ ସୂର୍ଯ୍ୟ ଘର ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏନଓଡିଏଲ୍) ବିଶେଷ ଗୁରୁତ୍ୱ ଦେଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରଙ୍କ ତରଫରୁ ରିହାତି ସମସ୍ତ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଛି ଟିପିଏନଓଡିଏଲ୍। ଏକକାଳୀନ ସ୍ୱଳ୍ପ ବିନିଯୋଗରେ ଦୀର୍ଘକାଳୀନ ସୁବିଧାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ବେଶ୍ ଖୁସି ମଧ୍ୟ ଦେଖିବାକୁ ମିଳିଛି। ପିଏମ ସୂର୍ଯ୍ୟଘର ପୋର୍ଟାଲରେ ଉପଭୋକ୍ତା ଏହି ଯୋଜନା ପାଇଁ ଆବେଦନ କରୁଥିବା ବେଳେ ସବସିଡି ଓ ଋଣ ବ୍ୟବସ୍ଥା ରହିଛି। ଏହି ଯୋଜନା ପାଇଁ ସରକାର ଆକର୍ଷଣୀୟ ସବସିଡି ସୁବିଧା କରିଛନ୍ତି ବୋଲି କହିଛନ୍ତି। ଟିପିଏନଓଡିଏଲ ବିଦ୍ୟୁତ ଆବଣ୍ଟନର ଦାୟିତ୍ୱ ନେଇ ମାତ୍ର କେଇ ବର୍ଷ ମଧ୍ୟରେ ଉତ୍ତର ଓଡ଼ିଶାରେ ବିଦ୍ୟୁତ ସଂସ୍କାର କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ବିଦ୍ୟୁତ ଆବଣ୍ଟନ ଦାୟିତ୍ୱ ନେଇଥିବା ଟିପିଏନଓଡିଏଲ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଉତ୍ତମ ସେବା ଓ ନିରାପତ୍ତା ପ୍ରଦାନ କ୍ଷେତ୍ରରେ ଆଶାତୀତ ସଂସ୍କାର ଆସିଥିବା ପରିଲକ୍ଷିତ ହୋଇଛି। ଦାୟିତ୍ୱସମ୍ପନ୍ନ ଅଧିକାରୀ ଓ କର୍ତ୍ତବ୍ୟରତ କର୍ମଚାରୀଙ୍କ ନିଷ୍ଠାପରତା ଯୋଗୁ ସମ୍ପ୍ରତି ୫ ଜିଲ୍ଲାରେ ବିଦ୍ୟୁତ ଉପଭୋକ୍ତା ଆଶ୍ୱସ୍ତି ଅନୁଭବ କରୁଛନ୍ତି ଏଥିରେ ଦ୍ୱମତ ନାହିଁ।

ସିଏସଆର ବିନିଯୋଗ କ୍ଷେତ୍ରରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଟିପିଏନଓଡିଏଲ୍ ଗ୍ରହଣ କରିଛି। ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଟିପିଏନଓଡିଏଲର ଅପରେସନ୍ ମୁଖ୍ୟ ନୀଲେଶ ପୋଥୋଡେ, ବାଣିଜ୍ୟିକ ସେବା ଓ ସିଏସଆର ଜୟଦୀପ ରୟ, ମୁଖ୍ୟ ଆର୍ଥିକ ଅଧିକାରୀ ଶିଲାଦିତ୍ୟ ସେନଗୁପ୍ତା, ମୁଖ୍ୟ ଏଚ୍‌ଆର୍ ରମେନ୍ଦ୍ର ବନିକ, ଜନ ସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଅହିଂସା ସାହସିକତାର ପ୍ରତୀକ
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ମସ୍କ ଓ ମମଦାନି

ବିଂଶ ଶତାବ୍ଦୀର ଶେଷଭାଗରେ ସୋଭିଏତ ରୁଷର ବିଭାଜନ ଓ ବର୍ଲିନ ପ୍ରାଚୀରର ପତନ ସହ ଦୁଇ ଜର୍ମାନୀର ମିଶ୍ରଣ ପରେ କେବଳ ଶୀତଳ ଯୁଦ୍ଧର ଅବସାନ ଘଟିଲାନି ସମଗ୍ର ବିଶ୍ୱରେ ଉଦାର ଗଣତନ୍ତ୍ର ଓ ମୁକ୍ତ ବଜାର ବ୍ୟବସ୍ଥା ସପକ୍ଷରେ ଯେଉଁ ଅନୁକୂଳ ପରିବେଶ ସୃଷ୍ଟି ହେଲା ସେଥିରେ ମନେ ହେଲା ସମଗ୍ର ଜନସମୁଦାୟ ଉପଭୋକ୍ତା ଭାବେ ଜୀବନକୁ ସମ୍ମୁଖୀନ ହେବେ। ବିଦ୍ୱେଷ ଓ ବିବାଦରୁ ସୃଷ୍ଟି ଯୁଦ୍ଧ ଘନଘଟାର ଅବସାନ ଘଟିବ। କିନ୍ତୁ ଉଦାର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜାତୀୟତାବାଦର ପ୍ରବକ୍ତାମାନେ ଉଗ୍ର ଦକ୍ଷିଣପନ୍ଥୀ ଚିନ୍ତନ ଓ ଆଭିମୁଖ୍ୟର ନେତୃତ୍ୱ ନେଲେ। ତାହାର ପ୍ରତୀକ ହେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ। ଅପ୍ରତିଦ୍ୱନ୍ଦ୍ୱୀ ଓ ସର୍ବଶକ୍ତିମାନ ଆମେରିକା ସମ୍ପ୍ରତି ବିଶ୍ୱର ବଜାର ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବାରୁ ଯେଉଁ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି ତାହାର ନିୟାମକ ପାଲଟିଛନ୍ତି ନିଜେ ଟ୍ରମ୍ପ। ଆମେରିକାକୁ ପୁଣି ଥରେ ମହାନ କରି ଗଢ଼ିତୋଳିବାର ସ୍ୱପ୍ନ ଦେଖାଇ ସେ କ୍ଷମତାକୁ ଆସିଥିଲେ ହେଁ ତାଙ୍କର 'ବିଗ୍ ବିୟୁଟିଫୁଲ୍' ବିଲ୍ ତାଙ୍କ ନିର୍ବାଚନୀ ଘୋଷଣା ଓ ପ୍ରତିଶ୍ରୁତିର ପରିପନ୍ଥୀ। ନିର୍ବାଚନ ପାଇଁ ୨୫ କୋଟି ଡଲାର ଚାନ୍ଦା ଦେଇ ପ୍ରଚାର ଅଭିଯାନର. ନେତୃତ୍ୱ ନେଇଥିବା ତାଙ୍କ ନିକଟତମ ସହଯୋଗୀ ଏଲନ୍ ମସ୍କ ଆରମ୍ଭରୁ ହିଁ ବିଲ୍‌କୁ ବିରୋଧ କରିଛନ୍ତି। ଏହି ବିରୋଧରୁ ସୃଷ୍ଟି ହୋଇଥିବା ତିକ୍ତତା ଏତେ ନିମ୍ନସ୍ତରକୁ ଯାଇଛି ଯେ ଟ୍ରମ୍ପ ତାଙ୍କ ନାଗରିକତା ରଦ୍ଦ କରିବା ସହ ଦେଶରୁ ବହିଷ୍କାର କରିବାକୁ ଚେତାବନୀ ଦେଇଛନ୍ତି। ଏହାକୁ ବାଦଦେଲେ ୱାଶିଂଟନ ସହରର ମେୟର ନିର୍ବାଚନ ମଧ୍ୟ ଆଉ ଏକ ବିବଦମାନ ପରିସ୍ଥିତି ସୃଷ୍ଟି କରିଛି। ଟ୍ରମ୍ପଙ୍କ ସକାଶେ ବିରୋଧ ଓ ପ୍ରତିରୋଧର ଉତ୍ତର କେବଳ ଦେଶରୁ ବହିଷ୍କାର।

ଆସନ୍ତା ନଭେମ୍ବର ୫ ରେ ୱାଶିଂଟନରେ ମେୟର ନିର୍ବାଚନହେବ। ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦଳୀୟ ପ୍ରାର୍ଥୀ ଚୂଡ଼ାନ୍ତ ହେବା ପୂର୍ବରୁ ସେମାନଙ୍କ ଲୋକପ୍ରିୟତା ଆକଳନ ସକାଶେ ଦୁଇଟି ପର୍ଯ୍ୟାୟରେ ମତଦାନ କରାଯାଇଥାଏ। ଡେମୋକ୍ରାଟିକ ପାର୍ଟି ପକ୍ଷରୁ ଜୋହରନ୍ କ୍ୱାମେ ମମଦାନି ଜୁନ ୨୪ ତାରିଖ ମତଦାନରେ ୫୬ ପ୍ରତିଶତ ଭୋଟ ପାଇଥିବାରୁ ତାଙ୍କର ପ୍ରାର୍ଥିତ୍ୱ ଚୂଡ଼ାନ୍ତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଗଭର୍ଣ୍ଣର ଆଣ୍ଡ୍ରୁ କୁମୋ. ୪୪ ପ୍ରତିଶତ ଏବଂ ଏବେ ମେୟର ଥିବା ଏରିକ୍ ଆଡମସ୍ ୪୮ ପ୍ରତିଶତ ଭୋଟ ପାଇଛନ୍ତି। ତେବେ ମମଦାନିଙ୍କ ପାଇଁ ଟ୍ରମ୍ପଙ୍କ ଏତେ ଚିନ୍ତା କାହିଁକି? ସେ ପାଲେଷ୍ଟାଇନରେ ଚାଲିଥିବା ନରସଂହାରର ତୀବ୍ର ବିରୋଧୀ। ସହରରେ ଇହୁଦୀ ଲବିର. ପ୍ରାଧାନ୍ୟ ଓ ପ୍ରତିପତ୍ତି ସତ୍ତ୍ୱେ ତାଙ୍କ ସପକ୍ଷରେ ଏହି ବିପୁଳ ମତଦାନ ହ୍ୱାଇଟ ହାଉସ କ୍ଷମତା କରିଡରରେ ହଇଚଇ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ସହରର ମଧ୍ୟମ ଓ ନିମ୍ନ ବର୍ଗର ନାଗରିକଙ୍କୁ ସହଜ ଓ ସୁବିଧାରେ ଗୃହଯୋଗାଣ, ବ୍ୟୟ ବହୁଳ କମ୍ପାନୀ ଯୋଗାଉଥିବା ରେସନ୍ ସାମଗ୍ରୀ ବଦଳରେ ଶସ୍ତା ଓ ସୁବିଧାରେ ଯୋଗଣ ବ୍ୟବସ୍ଥା ପରିଚାଳନା ଏବଂ ମାଗଣା ପରିବହନ ବ୍ୟବସ୍ଥା ଭଳି କେତେକ ନାଗରିକଙ୍କ ସ୍ୱାର୍ଥ ସମ୍ବଳିତ ପ୍ରତିଶ୍ରୁତି ଆମେରିକା ରାଜତ୍ୱରେ ବିଦ୍ରୋହର ସ୍ୱର ଭଳି ମନେ କରାଯାଉଛି। ଏଠାରେ କୁହାଯାଇ ପାରେ କି ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟିକ ଦଳ ଆଦର୍ଶର ଏହାର ପରିପନ୍ଥୀ। ସବୁଠାରୁ ବଡ଼ କଥା ହେଲା, ବେଆଇନ ବହିରାଗତଙ୍କୁ ଦେଶରୁ ବହିଷ୍କାର କରିବା ସକାଶେ ଟ୍ରମ୍ପ ଯେଉଁ କଠୋର ନୀତି ପ୍ରଣୟନ କରିଛନ୍ତି ତାହାର ମମଦାନି. ବିରୋଧୀ। ସେ ମେୟର ନିର୍ବାଚିତ ହୋଇଗଲେ ଏହି ଆଇନକୁ ୱାଶିଂଟନରେ କାର୍ଯ୍ୟକାରୀ କାରିବାରେ ପ୍ରତିବନ୍ଧକ ସାଜି ପାରନ୍ତି। ତେଣୁ ଟ୍ରମ୍ପ ତାଙ୍କ ବିରୋଧରେ ଏବେ ଠାରୁ ଖୋଲା ଆହ୍ୱାନ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ମମଦାନିଙ୍କୁ ଗିରଫ କରି ତାଙ୍କ ନାଗରିକତ୍ୱ ରଦ୍ଦ କରାଯିବ। ପରିସ୍ଥିତି ଏପରି ହୋଇଛି ଯେ ସତେ ଯେପରି ସେ ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ।

ଜୋହରନ୍ ମାମଦାନିଙ୍କ ବୟସ ମାତ୍ର ୩୪ ବର୍ଷ। ତାଙ୍କ ପିତା ଓ ମାତା ଉଭୟ ଭାରତ ବଂଶୋଦ୍ଭବ। ପିତା ମହମ୍ମଦ ମମଦାନି ଗୁଜରାଟ ମୂଳ ବାସିନ୍ଦା। ସେ ଉଗାଣ୍ଡାରେ ଅବସ୍ଥାନ କରିବା ପରେ ପ୍ରତିକୂଳ ପରିସ୍ଥିତିର ଚାପରେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଛନ୍ତି। ଶିକ୍ଷାବିତ୍ ଭାବେ ତାଙ୍କର ବେଶ ସୁନାମ ମଧ୍ୟ ଅଛି। ମାତା ମୀରା ନାୟାର ଆନ୍ତର୍ଜାତିକ ସ୍ତରରେ ଜଣେ ସ୍ୱନାମଧନ୍ୟ ଚଳଚିତ୍ର ପ୍ରଯୋଜିକା ଓ ନିର୍ଦ୍ଦେଶିକା। ମମଦାନି ସଂପ୍ରତି ୱାଶିଂଟନ ଆସେମ୍ବ୍ଲିର ସଦସ୍ୟ ମଧ୍ୟ ଅଛନ୍ତି। ଆମେରିକାର ରାଜନୈତିକ ଆଦର୍ଶ ଓ ବିଚାରଗତ ବ୍ୟବସ୍ଥା ସହ ତାଳମେଳ ଖାଉନଥିବା ମମଦାନିଙ୍କ ପ୍ରଚାର ଓ ପ୍ରତିଶ୍ରୁତି 'ଲଙ୍କାରେ ହରିଶନ୍ଦ' ଭଳି ଅନେକଙ୍କୁ ମନେହେଉଥିଲେ ମଧ୍ୟ ମତଦାତାଙ୍କ ସହାନୁଭୂତି ଓ ସମର୍ଥନ ଯେ ତାଙ୍କ ପ୍ରତି ଅଛି ତାହା ମିଳିଥିବା ୫୬ ପ୍ରତିଶତ ଭୋଟରୁ ପ୍ରମାଣିତ ହେଉଛି। ସବୁଠାରୁ ବଡ଼କଥା ହେଉଛି ଦକ୍ଷିଣପନ୍ଥୀ ଚରିତ୍ର ଓ ଚିନ୍ତନର ସେ ଘୋର ବିରୋଧୀ। ସେ ମେୟର ନିର୍ବାଚିତ ହୋଇଗଲେ ଆମେରିକାର ପ୍ରଚଳିତ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଆମେରିକା ହେଉଛି ବିତ୍ତଶାଳୀ ଓ ପୁଞ୍ଜିପତିଙ୍କ ପ୍ରାଧାନ୍ୟ ଥିବା ରାଷ୍ଟ୍ର। ରାଷ୍ଟ୍ରନୀତି ସେମାନଙ୍କୁ ଦୃଷ୍ଟିରେ ରଖି ପ୍ରଣୟନ କରାଯାଇଥାଏ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ. ଓ ଟ୍ରମ୍ପଙ୍କ ସଂପର୍କକୁ ସେ ନିର୍ବାଚନ ସଭାରେ କଠୋର ସମାଲୋଚନା କରୁଥିବାରୁ ଇହୁଦୀ ଲବିର ପ୍ରାଧାନ୍ୟ ସତ୍ତ୍ୱେ ତାଙ୍କୁ ବିପୁଳ ସମର୍ଥନ ମିଳୁଛି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ରାଜନୀତି ଏବେ ଦୁଇ ବିରୋଧୀଙ୍କୁ ନେଇ ଚଳଚଞ୍ଚଳ। ଜଣେ ହେଲେ ବିଶ୍ୱର ସବୁଠାରୁ ଧନୀଶାଳୀ ବ୍ୟକ୍ତି ଏଲନ୍ ମସ୍କ ଏବଂ ଅନ୍ୟ ଜଣେ ହେଲେ ଜୋହରନ୍ ମମଦାନି, ଯେ କି ସମାଜବାଦୀ ଆଦର୍ଶର ଅନୁଗାମୀ। ନିକଟରେ ବେଆଇନ ବହିରାଗତଙ୍କୁ ବହିଷ୍କାର ନେଇ କାଲିଫର୍ଣ୍ଣିଆରେ ଯେଉଁ ପ୍ରତିରୋଧ ହୋଇଥିଲା ତାହାର ମୁକାବିଲା ପାଇଁ ଟ୍ରମ୍ପଙ୍କୁ ସେନା ମୁତାୟନ କରିବାକୁ ପଡ଼ିଥିଲା। ସେଠିକାର ଗଭର୍ଣ୍ଣର ଖୋଲାଖୋଲି ଭାବେ ତାଙ୍କୁ ବିରୋଧ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ରକ୍ତପାତ ନ ଘଟିଲେ ମଧ୍ୟ ଆମେରିକାରେ ଯେଉଁ ଗୃହଯୁଦ୍ଧ ଆରମ୍ଭ ହୋଇଯାଇଛି ଆଗାମୀ ଦିନରେ ଟ୍ରମ୍ପଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ। ●

## ହାତରେ ମୋ ମୁଠା ମୁଠା ଶରଧା ବାଲି

ମନୋରଞ୍ଜନ ମହାନ୍ତି

ଶ୍ରଦ୍ଧାରେ ମୁଠାଏ ବାଲି ଧରିପକାଇଲେ ଶ୍ରଦ୍ଧାରୁ ଝରିପଡ଼େ ଶୁଚିଶୀଳତା, ରମ୍ୟତା, ଧୀଶକ୍ତିଯୁକ୍ତ ଆବେଗ ଆଉ ବାଲିମୁଠାକ ରୂପାନ୍ତରିତ ହୋଇଯାଏ ବିଭୂତିରେ, ଯେଉଁଥିରୁ ଝରିପଡ଼େ ବରାଭୟ, ଆନନ୍ଦ, ଲାଳିତ୍ୟର ଈଶ୍ୱରୀୟ ଆଲୋକ। ନଈ ବା ସମୁଦ୍ର ପଠାରେ ବାଲି ଉପରେ ବସି ବା ଠିଆହୋଇ ଆକାଶ କି ନଈ କି ସମୁଦ୍ରକୁ ଚାହିଁଲେ ମନ ଭିତରେ ଚିନ୍ତନର ବିପୁଳ ଦିଗନ୍ତର ଉନ୍‌ମୋଚନ ହୁଏ। ଶୈଶବରେ ବାଲିଘର ଗଢ଼ିବା, ଭାଙ୍ଗିବା, ବାଲି ଉପରେ ଦୌଡ଼ିବା, ବସିବା, ଖେଳିବାର ବିବିଧ ପ୍ରକ୍ରିୟା ଶିଶୁ ମନରେ ବରାଭୟ, ଆନନ୍ଦ, ଲାଳିତ୍ୟ, ଈଶ୍ୱରୀୟ ଆଲୋକର ଧୀର ପ୍ରବେଶ କରାଉଥାଏ। ଅନନ୍ତ କୋଟି ପ୍ରଣିପାତ ଜଣାଇବା ସେହି ପୂର୍ବସୂରୀମାନଙ୍କୁ ଯେଉଁମାନେ ଐଶୀ ଆଶିଷ ବଳରେ ଶ୍ରୀମନ୍ଦିର, ପତିତପାବନ ବାନା, ନୀଳଶଇଳ, ରତ୍ନବେଦୀ, ଚତୁର୍ଦ୍ଧା ମୂର୍ତ୍ତି, ଆନନ୍ଦ ବଜାର, ବାଇଶି ପାହାଚ, ନରେନ୍ଦ୍ର ପୁଷ୍କରିଣୀ, ସ୍ନାନ ମଣ୍ଡପ, ବଡ଼ଦାଣ୍ଡ, ମହାପ୍ରସାଦ, ଘୋଷଯାତ୍ରା, ଗୁଣ୍ଡିଚା ମଣ୍ଡପ, ଶରଧାବାଲି ଭଳି ଦିବ୍ୟ ଶବ୍ଦଗୁଡ଼ିଏ ସର୍ଜନା କରିଗଲେ। ସଭକ୍ତି ପ୍ରଣାମ କରିବା ସେମାନଙ୍କୁ, ଯେଉଁମାନେ ପ୍ରାର୍ଥନା କରିଗଲେ, 'ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ' କିମ୍ବା ଆନନ୍ଦରେ ବିହ୍ୱଳ ହୋଇ ଗାଇଗଲେ 'ହାତରେ ମୋ ମୁଠା ମୁଠା ଶରଧା ବାଲି'।

ସତରେ ବଡ଼ଦାଣ୍ଡର ଧୂଳିରେ ଥାଏ କ'ଣ? ଶରଧା ବାଲିରେ ଥାଏ କ'ଣ ? ବଡ଼ଦାଣ୍ଡର ଧୂଳି ଦେହରେ ବୋଳି ହେଇଗଲେ ଦେହରୁ ଦିବ୍ୟ ଦୀପ୍ତି ଝରିଯାଏ, ଶରଧାବାଲିରୁ ମୁଠାଏ ଧରିପକେଇଲେ ହାତମୁଠାରେ ମମତାର ଅନନ୍ତ ଐଶ୍ୱର୍ଯ୍ୟ ଭରିଯାଏ। ବୋଧହୁଏ ସତେଯେପରି ହାତଦୁଇଟି ପ୍ରଲମ୍ବିତ ହୋଇଯାଉଛି ସମସ୍ତ ବିଶ୍ୱବାସୀଙ୍କୁ ଆଲିଙ୍ଗନ କରିବାକୁ। ଆଦିଶଙ୍କର କହିଲା ଭଳି, 'ପ୍ରଭୁ, ମୁଁ ରାଜ୍ୟ, କନକ, ମାଣିକ୍ୟ, ବିଭବ କିଛି ମାଗୁନାହିଁ', ସାଧାରଣ ଭକ୍ତଟିଏ କହେ, 'ଶରଧାବାଲିରୁ ହାତେ ମାଗୁଛି ପ୍ରଭୁ !'

ଶ୍ରୀଜଗନ୍ନାଥ-ସଂସ୍କୃତି ଧୂଳି, ବାଲିକୁ କରିଛି ଜୀବନମୟ, ଧୂଳିଧୂସରିତ ବଡ଼ଦାଣ୍ଡକୁ କରିଛି ବ୍ରହ୍ମମୟ, ବାଲିକୁ କରିଛି ଶ୍ରଦ୍ଧାମୟ, ଜୀବକୁ ପରମମୟ, ପରମକୁ ଜୀବମୟ, ଜୀବ ଓ ପରମର ସଂଯୋଗକୁ ଅମୃତମୟ। କ୍ଷୁଦ୍ର ବାଲିକଣାରେ ଭକ୍ତ ଅନୁଭବ କରିଛି ବ୍ରହ୍ମାଣ୍ଡର କର୍ଣ୍ଣଧାର ପରମ ପୁରୁଷ, ପୁରୁଷୋତ୍ତମଙ୍କ ବିପୁଳ ସତ୍ତାକୁ। ସାମାନ୍ୟ ଧୂଳିକଣାରେ ବି ନିହିତ ଅଛି ଅସାମାନ୍ୟ ବୈଶ୍ୱିକ ବୈଚିତ୍ର୍ୟ, ଯାହାର ଚୁମ୍ବକୀୟ ଆକର୍ଷଣରେ ସାଧୁସନ୍ଥମାନେ ସମବେତ ହୋଇଛନ୍ତି ବଡ଼ଦାଣ୍ଡର ବୈକୁଣ୍ଠ ଭୂମିରେ, ଧୂଳିବାଲିରେ ଅବଗାହିତ ହୋଇଛି ସେମାନଙ୍କ ସାଧନସିଦ୍ଧ ଅବୟବ। ନରେନ୍ଦ୍ର ପୁଷ୍କରିଣୀରେ ଅଙ୍ଗ ପ୍ରକ୍ଷାଳନ କରି ସେମାନଙ୍କ ବହୁଜନ୍ମର ଶ୍ରମ ସାର୍ଥକ ହୋଇଛି, କୃତାର୍ଥ ହୋଇଛନ୍ତି ସେମାନେ।

ତିନି ରଥ ବଡ଼ଦାଣ୍ଡରେ ଗଡ଼ିଗଡ଼ି ଗଲାବେଳେ ଦାଣ୍ଡର ଦୁଇ ପାର୍ଶ୍ୱରେ ତୁଙ୍ଗ ଅଟ୍ଟାଳିକାର ଛାତ ଉପରେ ଚିତ୍ରିତ ଚାନ୍ଦୁଆ ତଳେ ସମାଜର କିଛି ପ୍ରଭୁତ୍ୱସମ୍ପନ୍ନ ପ୍ରତିପତ୍ତିଶାଳୀ ଲୋକେ ଦେହରକ୍ଷୀଙ୍କ ଗହଣରେ ସୁକୋମଳ ଆସନରେ ବସି ମହାବାହୁଙ୍କ ଯାତ୍ରା ଦେଖୁଥାଆନ୍ତି ସିନା, ସାଧାରଣ ମଳିମୁଣ୍ଡିଆ ଭକ୍ତଟିଏ ଆକାଶ-ଚାନ୍ଦୁଆ ତଳେ ବଡ଼ଦାଣ୍ଡ-ଆସନରେ ଠିଆହୋଇ ଶ୍ରୀବିଗ୍ରହମାନଙ୍କ ଶ୍ରୀମନ୍ତ ରୂପକୁ ଦର୍ଶନ କରୁଥାଏ, ଆଉ ଆଖିରୁ ଲୁହ ଝରାଇ କହୁଥାଏ, 'ମହାପ୍ରଭୁ! ତୁମ ଆକାଶ ଭଳି ଚାନ୍ଦୁଆ ସଂସାରରେ ସବୁଠାରୁ କମନୀୟ, ତୁମ ବଡ଼ଦାଣ୍ଡ ଭଳି ଆସନ ସଂସାରରେ ସବୁଠାରୁ ସୁଖଦାୟୀ, ତୁମେ ହିଁ ଆମ ସମସ୍ତଙ୍କର ରକ୍ଷାକର୍ତ୍ତା, ମହାପ୍ରଭୁ! ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରଙ୍କର ସ୍ରଷ୍ଟା ତୁମେ, ସାରା ସଂସାରକୁ ଚଳାଉଛ ତୁମେ, ଅଥଚ କି ଆଶ୍ଚର୍ଯ୍ୟ କଥା ଇଏ ସତରେ! ଆଜି ତୁମ ରଥ-ଦଉଡ଼ିକୁ ଧରି ଆମେ ତୁମକୁ ଚଳାଇନେଉଛୁ ମାଉସୀ ମା' ଘରକୁ। ସେଠି ତୁମେ ସାତଦିନ ରହିବ। ଇହଲୋକ, ଭୂବର୍ଲୋକ, ସ୍ୱର୍ଲୋକ, ମହର୍ଲୋକ, ଜନଲୋକ, ତପଲୋକ, ସତ୍ୟଲୋକ ଏପରି ସପ୍ତଲୋକରେ ପରିକ୍ରମା କରିବ।' ଭକ୍ତମାନେ ଏହିପରି ପ୍ରେମ-ଭକ୍ତି ନିବେଦନ କରୁଥିବା ସମୟରେ ସତେଯେପରି ବୋଧହୁଏ ମହାଭାବର କମ୍ପନ ଖେଳିଯାଉଛି ବଡ଼ଦାଣ୍ଡର ବାୟୁମଣ୍ଡଳରେ। ଅନତିଦୂରସ୍ଥ ଶରଧାବାଲିର ଅଣୁ ପରମାଣୁରେ ସଂଚରି ଯାଉଛି ପୁରୁଷୋତ୍ତମଙ୍କ ଦିବ୍ୟଲୀଳାର ସୀମାହୀନ ଶକ୍ତି।

ଶରଧାବାଲିରୁ ଶ୍ରଦ୍ଧାର ଭାବ ସମ୍ପ୍ରସାରିତ ହୋଇଯାଉଛି ସମଗ୍ର ବିଶ୍ୱରେ। ମହାପ୍ରଭୁ ସତକୁ ସତ କହୁଛନ୍ତି, 'ପରସ୍ପର ପ୍ରତି ଶ୍ରଦ୍ଧାଳୁ ହୁଅ। ପରସ୍ପର ମଧ୍ୟରେ ଶ୍ରଦ୍ଧାର ଭାବ ବିନିମୟ କର। ଶ୍ରଦ୍ଧାରୁ ଶାନ୍ତି, ସଦ୍‌ଭାବର ସର୍ଜନା। ଶ୍ରଦ୍ଧା ହିଁ ଜୀବନର ଜ୍ୟୋସ୍ନା, ଜଗତ୍‌ର ଜ୍ୟୋତି, ଜାହ୍ନବୀର ଜଳ, ପଞ୍ଚଭୂତର ସଂଯୋଗ ସେତୁ, ବେଦର ବିଭୂତି, ଉପନିଷଦର ଉଚ୍ଚାରଣ, ଗୀତାର ଜ୍ଞାନ, ଭାଗବତର ଭାବ, ରାମାୟଣର ପାରାୟଣ, ମହାଭାରତର ସୈଦ୍ଧାନ୍ତିକ କଥନ, ସକଳ ବ୍ରହ୍ମାଣ୍ଡୀୟ ଶକ୍ତିର ଆଧାରଶିଳା, ସକଳ ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟର ପ୍ରୋଜ୍ଜ୍ୱଳ ପ୍ରତିଭୂ।'

ଶ୍ରୀଜଗନ୍ନାଥ-ସଂସ୍କୃତିର ମାନବୀୟ ଆବେଦନ, ଶ୍ରଦ୍ଧା ନିବେଦନ ପ୍ରତିଫଳିତ ହୋଇଛି ପୃଥିବୀର ସମସ୍ତ ଭାଷାର ସାହିତ୍ୟରେ, ଶାସ୍ତ୍ରରେ। ଭକ୍ତ ସାଲବେଗ କହନ୍ତି, 'ଜାତିରେ ମୁଁ ଯବନ / ଶ୍ରୀରଙ୍ଗାଚରଣ ତଳେ କରୁଅଛି ଜଣାଣ', କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ, 'ସ୍ୱପଚକରୁ ବ୍ରାହ୍ମଣ ତହିଁ ପାଇ ଅନ୍ନ'। ଏଭଳି ଉକ୍ତିଗୁଡ଼ିକରେ ସମଦର୍ଶିତା, ସମଭିବ୍ୟାହାର, ସହାବସ୍ଥାନର ଭାବ ସୁସ୍ପଷ୍ଟ। ପୁରୀ ଶ୍ରୀକ୍ଷେତ୍ରର 'ପାଥର୍‌ପୁରୀ' ବାସଭବନରେ ଅବସ୍ଥାନ କାଳରେ ବିଶ୍ୱକବି ରବୀନ୍ଦ୍ରନାଥ ଲେଖିଥିଲେ କେତୋଟି କବିତା, ଯାହା ସଂକଳିତ ହୋଇଛି ତାଙ୍କ 'ଗୀତାଞ୍ଜଳି' ପୁସ୍ତକରେ। ଗୋଟିଏ କବିତାରେ ସେ ଲେଖିଥିଲେ, 'ଯୁକ୍ତ କର୍‌ଦୋ ସବାୟ ସଙ୍ଗେ ମୁକ୍ତ କର୍‌ଦୋ ବନ୍ଧ୍/ ସଞ୍ଚାର୍ କର୍ ସକଲ୍ କର୍ମେ ଶାନ୍ତ ତୋମାୟ ଛନ୍ଦ୍', ଯେଉଁଥିରେ ରହିଛି ସବୁ ମଣିଷଙ୍କ ସହିତ ଯୁକ୍ତ ହୋଇ ରହିବାର ଆବେଗ ଓ ଆସ୍ପୃହା, ପ୍ରତ୍ୟୟ ଓ ପ୍ରାର୍ଥନା। ବୋଧ ହେଉଛି ସତେଯେପରି ଶରଧାବାଲିରୁ ସେହି ବିଶ୍ୱାସ ଓ ବରାଭୟର ସ୍ୱର ଊର୍ଦ୍ଧ୍ୱଗାମୀ ହୋଇ ସମଗ୍ର ବ୍ୟୋମମଣ୍ଡଳରେ ସଂଚରି ଯାଇଛି ସମଗ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତକୁ, ମାଟିରୁ ମହାକାଶକୁ ଏକ ମୁଗ୍ଧ ମଧୁର ଭାବରେ, ମହାଭାବରେ ଆଚ୍ଛନ୍ନ କରିଛି।

ଆଜି ଆମେ ଯେଉଁଠି ବଡ଼ଦାଣ୍ଡ ଦେଖୁଛନ୍ତି, ସୁଦୂର ଅତୀତରେ ସେଠି ମାଳିନୀ ନାମକ ଛୋଟ ନଈଟିଏ ଥିଲା। କ୍ରମଶଃ ନଈଟିକୁ ପୋତି ଦିଆଯାଇ ବଡ଼ଦାଣ୍ଡ ତିଆରି ହେଲା। ନଈରେ ଥିଲା ବାଲି, ଏବେ ବଡ଼ଦାଣ୍ଡରେ ଧୂଳି। ଶରଧାବାଲିରେ ଧୂଳି ଆଉ ବାଲି। ସମୁଦ୍ରରେ ବାଲି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ଜୀବନ ଏହି ବାଲି ଆଉ ଧୂଳିର ମହକରେ ଭରା। ପାଶ୍ଚାତ୍ୟ କବି ଟି.ଏସ୍.ଇଲିୟଟ୍ କହନ୍ତି, 'ନଈ ହେଉଛି ବ୍ରାଉନ୍ ରଙ୍ଗର ଦେବତା।' ନଈ-ବାଲିର ରଙ୍ଗକୁ ଦେଖି ଇଲିୟଟ୍ ଏପରି କହିଥିଲେ କି ସତେ! ଅନ୍ୟତ୍ର ସେ କହନ୍ତି, 'ଆମ ଭିତରେ ନଈ ଅଛି, ଆମ ଚାରିପଟରେ ସମୁଦ୍ର ଅଛି।' 'ନଈ' ଆତ୍ମାର, 'ସମୁଦ୍ର' ପରମାତ୍ମାର ପ୍ରତୀକ। ନଈ ଯେପରି ସମୁଦ୍ର ଅଭିମୁଖେ ପ୍ରବାହିତ ହେଉଛି, ଆତ୍ମା ସେପରି ପରମାତ୍ମା ଅଭିମୁଖେ ନିତ୍ୟ ଗତିଶୀଳ। ପୁଣି ବ୍ୟାସଦେବ କହନ୍ତି, 'ଆତ୍ମା ନଦୀ, ସଂଯମ ପୁଣ୍ୟତୀର୍ଥା, ସତ୍ୟୋଦକା, ଶୀଳତଟା, ଦୟୋର୍ମିଃ'। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ କି ଚମତ୍କାର ସାମଞ୍ଜସ୍ୟ ସତରେ! ଉଇଲିୟମ୍ ବଟ୍‌ଲର୍ ୟେଟ୍ସ୍, ହେନରୀ ଲଙ୍ଗ୍‌ଫେଲୋ, ମ୍ୟାକ୍ ନିସ୍, ଏଡ୍‌ୱାର୍ଡ୍ ଏଭେରେଟ୍ ହିଲ୍ ପ୍ରମୁଖଙ୍କ କବିତା ପଢ଼ିଲେ ଆମ ଅନ୍ତଃକରଣରେ ପରମେଶ୍ୱରଙ୍କ ସ୍ୱର ପ୍ରତିଧ୍ୱନିତ ହେଲା ଭଳି ବୋଧ ହୁଏ। ପ୍ରାଚ୍ୟ ଆଉ ପାଶ୍ଚାତ୍ୟରୁ ଭକ୍ତମାନେ ଆସି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ, ଶରଧାବାଲିରେ, ସମୁଦ୍ର ବେଳାଭୂମିରେ (ସିନ୍ଧୁତଟେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରାଜ - କବିସମ୍ରାଟ ଭଞ୍ଜ) ଘଡ଼ିଏ ଠିଆହେଲେ କି ବସିପଡ଼ିଲେ ସେମାନଙ୍କ ଅନ୍ତରର ଗହନ ଦେଶରେ ଜୀବ-ପରମର ସନ୍ଦେଶ ଶୁଣାଯାଉଥାଏ କି! ଏହିପରି ହିଁ ବୋଧ ହେଉଥାଏ।

ଭାବରେ ତଲ୍ଲୀନ ଭକ୍ତ ତେଣୁ ପ୍ରାର୍ଥନା କରୁଛି, 'ମହାପ୍ରଭୁ! ହାତରେ ମୋର ମୁଠାମୁଠା ଶରଧାବାଲି ଧରିଛି। ବାଲିକଣାର କ୍ଷୁଦ୍ରତା ମତେ ନିରହଂକାର ହେବାକୁ ଶିକ୍ଷା ଦେଉଛି। ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ କରିଛି। ଦେହରୁ ମୋର ବିନ୍ଦୁ ବିନ୍ଦୁ ହୋଇ ଜଳ ଝରିପଡୁଛି। ପୁଷ୍କରିଣୀ ଜଳରାଶିର ସମୋଚ୍ଚଶୀଳତା ମତେ ସମଦର୍ଶନ ଶିକ୍ଷା ଦେଉଛି। ବଡ଼ଦାଣ୍ଡର ଧୂଳି ଦେହରେ ବୋଳି ହେଇଛି। ଦାଣ୍ଡର ବ୍ୟାପ୍ତି ମତେ ପ୍ରଶସ୍ତ ହୃଦୟବତ୍ତା, ଧୂଳିର ଊର୍ଦ୍ଧ୍ୱ ଉଡ଼ାଣ ଚେତନାର ଊର୍ଦ୍ଧ୍ୱଗମନ ଶିକ୍ଷା ଦେଉଛି। ନିରହଂକାର ସ୍ୱଭାବ, ସମଦର୍ଶନ, ପ୍ରଶସ୍ତ ହୃଦୟବତ୍ତା, ଚେତନାର ଊର୍ଦ୍ଧ୍ୱଗମନ ଇତ୍ୟାଦିର ସମନ୍ୱୟ ମତେ ସମଗ୍ର ମନୁଷ୍ୟ-ଜାତି ପ୍ରତି ଶ୍ରଦ୍ଧାଶୀଳ କରିଛି। ତୁମେ ମୋର ଅତି ନିଜର, ଏକାନ୍ତ ଆପଣାର ବୋଲି ମନୁଷ୍ୟ-ସମୁଦାୟ ମୋର ଏତେ ପ୍ରିୟ ହୋଇପାରିଛି ସତରେ ମହାପ୍ରଭୁ!' ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୭୨

## ୟୁରାନିୟମ ସମୃଦ୍ଧିକରଣ

ଇଂ ମାୟାଧର ସ୍ୱାଇଁ

ଇସ୍ରାଏଲ ଗତ ଜୁନ ୧୩ ତାରିଖରେ ଇରାନର ତିନୋଟି ଆଣବିକ କେନ୍ଦ୍ର ଉପରେ ବୋମାମାଡ଼ କରି ଅନେକ କ୍ଷତି କରିବା ସହିତ କେତେଜଣ ପରମାଣୁ ବିଜ୍ଞାନୀଙ୍କୁ ହତ୍ୟା କରିଛି। ଏହି ତିନୋଟି କେନ୍ଦ୍ର ହେଉଛି ନାତାଞ୍ଜ, ଇସଫାନ ଓ ଫୋରଡ଼ୋ। ଏହାର ଦଶଦିନ ପରେ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ସେହି ତିନି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏହି କେନ୍ଦ୍ରଗୁଡ଼ିକ ଭୂମିତଳେ ନିର୍ମାଣ କରାଯାଇଥିବାରୁ ଆମେରିକାର ବି-୨ ବମ୍ବରରୁ ବଙ୍କରଭେଦୀ କ୍ଷେପଣାସ୍ତ୍ର ପ୍ରୟୋଗ କରାଯାଇଥିଲା। ତିନୋଟି କେନ୍ଦ୍ର ମଧ୍ୟରୁ ନାତାଞ୍ଜ ଓ ଫୋରଡୋଠାରେ ୟୁରାନିୟମର ସମୃଦ୍ଧିକରଣ(ଏନ୍‌ରିଚମେଣ୍ଟ) କରାଯାଉଛି ଏବଂ ଇସଫାନ ଏହି ଦୁଇ କେନ୍ଦ୍ରକୁ ୟୁରାନିୟମ କଞ୍ଚାମାଲ ଯୋଗାଉଛି। ଆକ୍ରମଣର ଉଦ୍ଦେଶ୍ୟ ହେଉଛି ଇରାନର ୟୁରାନିୟମ ସମୃଦ୍ଧିକରଣ ପ୍ରକ୍ରିୟାକୁ ନଷ୍ଟ କରିଦେବା, ଯାହାଫଳରେ ଇରାନ ପରମାଣୁ ବୋମା ନିର୍ମାଣ କରିବାକୁ ସକ୍ଷମ ହେବ ନାହିଁ। ୟୁରାନିୟମ ସମୃଦ୍ଧିକରଣ କ'ଣ ଏବଂ ଏହା ପରମାଣୁ ବୋମା ନିର୍ମାଣ ପାଇଁ କାହିଁକି ଅବଶ୍ୟକ ତାହା ଦେଖିବା।

ୟୁରାନିୟମର ଏକ ସମସ୍ଥାନିକ ବା ଆଇସୋଟୋପ ହେଉଛି ୟୁରାନିୟମ-୨୩୫ ଯାହା ବିଭାଜନୀୟ। ଅର୍ଥାତ୍ ଏହା ସହିତ ନିଉଟ୍ରନ ସଂଘର୍ଷ କରି ଏହାକୁ ଦୁଇଟି ଛୋଟ ମୌଳିକ ପଦାର୍ଥରେ ପରିଣତ କରିହୁଏ ଏବଂ ଏହି ପ୍ରକ୍ରିୟାରେ ପ୍ରଚୁର ଶକ୍ତି ଉତ୍ପନ୍ନ ହୋଇଥାଏ। ଗୋଟିଏ ପରମାଣୁର କେନ୍ଦ୍ରରେ ନାଭିକ ଥାଏ ଏବଂ ନାଭିକରେ ଧନିକ କଣିକା ପ୍ରୋଟୋନ ଓ ଚାର୍ଜ ନିରପେକ୍ଷ ନିଉଟ୍ରନ ଥାଏ। ନାଭିକ ଚାରିପଟେ ବିଭିନ୍ନ କକ୍ଷରେ ଇଲେକ୍ଟ୍ରୋନଗୁଡ଼ିକ ଘୂରିଥାଆନ୍ତି। ଗୋଟିଏ ପରମାଣୁରେ ପ୍ରୋଟୋନ ଓ ଇଲେକଟ୍ରନ ସଂଖ୍ୟା ସମାନ ଥାଏ। ଏହି ସଂଖ୍ୟା ବିଭିନ୍ନ ମୌଳିକ ପଦାର୍ଥକୁ ଅଲଗା କରିଥାଏ ଏବଂ ପରମାଣୁକୁ ଏହାର ରାସାୟନିକ ଗୁଣ ଦେଇଥାଏ। ଉଦାହରଣ ସ୍ୱରୂପ ୟୁରାନିୟମର ୯୨ ଟି ପ୍ରୋଟୋନ ଥିବା ବେଳେ କାର୍ବନର ପ୍ରୋଟୋନ ସଂଖ୍ୟା ହେଉଛି ଛଅ। କିନ୍ତୁ ଗୋଟିଏ ମୌଳିକ ପଦାର୍ଥର ସମାନ ପ୍ରୋଟୋନ ଥାଇ ଅଲଗା ଅଲଗା ନିଉଟ୍ରନ ରହିପାରିବ। ଏଗୁଡ଼ିକୁ ସେହି ମୌଳିକ ପଦାର୍ଥର ସମସ୍ଥାନିକ କୁହାଯାଏ। ରାସାୟନିକ ପ୍ରତିକ୍ରିୟାରେ ଏଗୁଡ଼ିକର ବିଶେଷ ଭୂମିକା ନାହିଁ, କିନ୍ତୁ ନାଭିକୀୟ ପ୍ରତିକ୍ରିୟାକୁ ଏଗୁଡ଼ିକ ବହୁଳ ଭାବେ ପ୍ରଭାବିତ କରିଥାଆନ୍ତି।

ପ୍ରକୃତିରେ ୟୁରାନିୟମର ତିନୋଟି ସମସ୍ଥାନିକ ଉପଲବ୍ଧ ହୋଇଥାଏ। ସେଗୁଡ଼ିକ ହେଉଛି ୟୁରାନିୟମ-୨୩୮, ୟୁରାନିୟମ -୨୩୫ ଓ ୟୁରାନିୟମ -୨୩୪। ପ୍ରକୃତିରେ ଏଗୁଡିକର ଅଂଶ ଯଥାକ୍ରମେ ହେଉଛି ୯୯.୨୮, ୦.୭୧ ଓ ୦.୦୦୬ ପ୍ରତିଶତ। ଆଣବିକ ରିଆକ୍ଟରରେ ୟୁରାନିୟମ ୨୩୫ ସହିତ ନିଉଟ୍ରନର ସଂଘର୍ଷ କରାଯାଇ ଶକ୍ତି ଉତ୍ପନ୍ନ ହୁଏ ଏବଂ ଏହି ପ୍ରକ୍ରିୟାରେ ଅନ୍ୟ କେତୋଟି ନିଉଟ୍ରନ ନିର୍ଗତ ହୋଇଥାଏ। ଏହି ନିର୍ଗତ ନିଉଟ୍ରନ ପୁଣି ଅନ୍ୟ ୟୁରାନିୟମ ୨୩୫ ସହିତ ସଂଘର୍ଷ କରି ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହିପରି ଏକ ଶୃଙ୍ଖଳ ପ୍ରତିକ୍ରିୟା ହୋଇ ପ୍ରଚୁର ଶକ୍ତି ଉତ୍ପନ୍ନ ହୁଏ। ପରମାଣୁ ବିଦ୍ୟୁତ୍ କେନ୍ଦ୍ରରେ ଏହାକୁ ନିୟନ୍ତ୍ରଣ କରାଯାଇଥାଏ, ମାତ୍ର ପରମାଣୁ ବୋମାରେ ଏହା ଅନିୟନ୍ତ୍ରିତ ହୋଇ ପ୍ରଚୁର ଶକ୍ତି ନିର୍ଗତ ସହ ବିସ୍ଫୋରଣ କରିଥାଏ।

ୟୁରାନିୟମ୨୩୮ ବିଭାଜନୀୟନୁହେଁ। ବିଭାଜନୀୟ ୟୁରାନିୟମ୨୩୫ର ଅଂଶ ହେଉଛି ମାତ୍ର ୦.୭୧ ପ୍ରତିଶତ। ଫଳରେ ଶୃଙ୍ଖଳ ପ୍ରତିକ୍ରିୟା ଠିକ୍ ଭାବେ ହୋଇ ପାରେ ନାହିଁ। ଏଣୁ ପ୍ରକୃତିରେ ମିଳୁଥିବା ୟୁରାନିୟମକୁ ବିଭିନ୍ନ ପ୍ରକ୍ରିୟା କରି ଏଥିରେ ୟୁରାନିୟମ-୨୩୫ର ଅଂଶକୁ ବୃଦ୍ଧି କରାଯାଏ। ଏହା ହେଉଛି 'ୟୁରାନିୟମ ସମୃଦ୍ଧିକରଣ'। ଏଥିପାଇଁ କେତୋଟି ଉପାୟ ଆବିଷ୍କାର କରାଯାଇଥିଲେ ସୁଦ୍ଧା ବ୍ୟବସାୟିକ ଭାବେ ଏହାକୁ ଗୋଟିଏ ସେଣ୍ଟ୍ରିଫ୍ୟୁଜ ଦ୍ୱାରା କରାଯାଉଛି। ଏଥିରେ ୟୁରାନିୟମକୁ ଗ୍ୟାସୀୟ ଅବସ୍ଥାରେ ଅଧିକ ଜୋରରେ ଘୂର୍ଣ୍ଣନ କରାଯାଏ। ୟୁରାନିୟମ-୨୩୮ ହେଉଛି ୟୁରାନିୟମ ୨୩୫ ଅପେକ୍ଷା ଅଧିକ ଭାରୀ। ଏଣୁ ଘୂର୍ଣ୍ଣନ ଫଳରେ ୟୁରାନିୟମ ୨୩୮ ସେଣ୍ଟ୍ରିଫ୍ୟୁଜର ଧାରଆଡ଼କୁ ଆସିଯାଏ ଏବଂ ସେଠାରୁ ଏହାକୁ ବାହାର କରିଦିଆଯାଏ। ଏହିପରି ଅନେକ ଥର ଘୂର୍ଣ୍ଣନ ପରେ ୟୁରାନିୟମରୁ ଅଧିକାଂଶ ୟୁରାନିୟମ ୨୩୮ ବାହାରିଯାଏ ଏବଂ ସେଥିରେ ୟୁରାନିୟମ ୨୩୫ର ଅଂଶ ବୃଦ୍ଧି ପାଇଥାଏ। ପରମାଣୁ ବିଦ୍ୟୁତ୍ କେନ୍ଦ୍ର ପାଇଁ ତିନିରୁ ପାଞ୍ଚ ପ୍ରତିଶତ ୟୁରାନିୟମ ସମୃଦ୍ଧିକରଣ ଆବଶ୍ୟକ ହୋଇଥାଏ। ଏହାକୁ 'ଯୁଦ୍ଧାସ୍ତ୍ର-ଶ୍ରେଣୀ ୟୁରାନିୟମ' କୁହାଯାଏ। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଅନୁଯାୟୀ, ଇରାନ ବହୁଳ ପରିମାଣର ୟୁରାନିୟମକୁ ୬୦ ପ୍ରତିଶତ ସମୃଦ୍ଧିକରଣ କରିଛି। ଏହାପରେ ଏହାକୁ ୯୦ ପ୍ରତିଶତକୁ ବୃଦ୍ଧି କରିବା କଷ୍ଟକର ନୁହେଁ। ଏହି କାରଣରୁ ଇରାନ ପରମାଣୁ ବୋମା ନିର୍ମାଣର ନିକଟତର ହୋଇ ପାରିଛି ବୋଲି ମନେ କରି ଆମେରିକା ଏହାର ୟୁରାନିୟମ ସମୃଦ୍ଧିକରଣ କାରଖାନାଗୁଡ଼ିକୁ ନଷ୍ଟ କରିଦେବା ପାଇଁ କ୍ଷେପଣାସ୍ତ୍ର ପ୍ରୟୋଗ କରିଥିଲା। ଇରାନ ପରମାଣୁ ବୋମା ଅଧିକାରୀ ହେଲେ ଏହା ଇସ୍ରାଇଏଲ ପ୍ରତି ବିପଦ। କାରଣ ଦୁଇ ଦେଶ ହେଉଛନ୍ତି ପରସ୍ପରର ଶତ୍ରୁ। ଏହି କାରଣରୁ ଇସ୍ରାଇଏଲ ଏହାର ୟୁରାନିୟମ ସମୃଦ୍ଧିକରଣ କରାଖାନାଗୁଡ଼ିକ ଉପରେ ବୋମାମାଡ଼ କରିବା ସହିତ ଏହାର କେତେ ଜଣ ମୁଖ୍ୟ ପରମାଣୁ ବିଜ୍ଞାନୀଙ୍କୁ ମଧ୍ୟ ହତ୍ୟା କରିଛି।

ଇସ୍ରାଏଲ ଓ ଆମେରିକାର ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକରେ ଅନେକ କ୍ଷତି ହୋଇଥିବାର ଇରାନ ସ୍ୱୀକାର କରିଛି। କିନ୍ତୁ ଏହା ପ୍ରକାଶ କରିଛି ଯେ ଆମେରିକା ଆକ୍ରମଣ ପୂର୍ବରୁ ଏହାର ଆଶଙ୍କା କରି ଏହା ସମୃଦ୍ଧିକରଣ ହୋଇଥିବା ୟୁରାନିୟମଗୁଡ଼ିକୁ ସ୍ଥାନାନ୍ତରିତ କରି ଦେଇଥିଲା ଏବଂ ଫଳରେ ଏହା ସୁରକ୍ଷିତ ଅଛି। ପୁନଶ୍ଚ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଏହା ଘୋଷଣା କରିଛି। ଗୋଟିଏ ଦେଶ ଯଦି ୟୁରାନିୟମ ସମୃଦ୍ଧିକରଣର ଜ୍ଞାନ ହାସଲ କରିଥାଏ, ତାକୁ ଏଥିରୁ ଜବରଦସ୍ତ ନିବୃତ୍ତ କରିବା ସମ୍ଭବ ନୁହେଁ। ଏହାର ମାନସିକତାରେ ପରିବର୍ତ୍ତନ ହେବା ଜରୁରୀ। ଏଣୁ ମାନବ ସମାଜକୁ ପରମାଣୁ ଶକ୍ତିର ଭୟଙ୍କର ପରିଣାମରୁ ରକ୍ଷା କରିବାକୁ ହେଲେ ପ୍ରତ୍ୟେକ ଦେଶ ଏଥିରୁ ନିବୃତ୍ତ ରହିବା ଉଚିତ୍। ନିଜେ ପରମାଣୁ ଅସ୍ତ୍ର ନିର୍ମାଣ କରି ଅନ୍ୟ ଦେଶକୁ ବାରଣ କଲେ କିଛି ଲାଭ ହେବ ନାହିଁ। ●

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ତିବ୍ବତରେ ବୌଦ୍ଧ ଧର୍ମ

ପ୍ରବୀର କୁମାର ପଟ୍ଟନାୟକ

(ପୂର୍ବପ୍ରକଶିତ ଉତ୍ତାରୁ...)

ତିବ୍ବତୀୟ କିମ୍ବଦନ୍ତୀ ସୂଚାଇଥାଏ ଯେ ଭଗବାନ ବୁଦ୍ଧଙ୍କ ଜନ୍ମ ପୂର୍ବରୁ ମହାଭାରତ ଯୁଦ୍ଧ ସମୟରେ ରୂପତି ନାମକ ଜଣେ ରାଜପୁତ୍ର ଯୁଦ୍ଧକ୍ଷେତ୍ରରୁ ମହିଳା ବେଶରେ ପ୍ରାୟ ଏକହଜାର ଅନୁଗାମୀଙ୍କ ସହ ପଳାୟନ କରି ପୁଗ୍ୟାଲ (ତିବ୍ବତର ପ୍ରାଚୀନ ନାମ) ରେ ଆଶ୍ରୟ ନେଲେ। ସ୍ଥାନୀୟ ଆଦିମ ପ୍ରଜାତିର ଲୋକମାନେ ରୂପତତିଙ୍କୁ ରାଜା ଭାବେ ଗ୍ରହଣ କଲେ। ଶାନ୍ତ ସରଳ ସ୍ୱଭାବ ଓ ସ୍ନେହୀ ପ୍ରକୃତି ସହିତ ସୁଶାସନ ଯୋଗୁଁ ରୂପତି ଜଣେ ପ୍ରଜାବତ୍ସଳ ରାଜା ରୂପେ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କର ଉତ୍ତରାଧିକାରୀମାନେ ମଧ୍ୟ ସୁଶାସକ ଥିବାରୁ ତିବ୍ବତ ସମୃଦ୍ଧିଶାଳୀ ହୋଇ ପାରିଥିଲା। ରୂପତିଙ୍କ ପରଠାରୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଏବଂ ତିବ୍ବତରେ ନା-ଥି-ସାନପୋ ନାମକ ରାଜାଙ୍କ ଆବିର୍ଭାବ ପର୍ଯ୍ୟନ୍ତ ତିବ୍ବତର ଇତିହାସ ଏକ ପ୍ରକାର ଅନ୍ଧକାରାଚ୍ଛନ୍ନ। ଏହି ସମୟରେ ତିବ୍ବତ ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭାଜିତ ହୋଇ ଯାଇଥିବା ଜଣାଯାଏ।

ଭାରତବର୍ଷର କୋଶଳ ପ୍ରଦେଶର ରାଜା ପ୍ରସେନଜିତଙ୍କ ପଞ୍ଚମ ସନ୍ତାନ ପରବର୍ତ୍ତୀ ସମୟରେ ନା-ଥି-ସାନପୋ ନାମରେ ତିବ୍ବତରେ ଖ୍ରୀ.ପୂ. ୪୧୬ରେ ରାଜତନ୍ତ୍ରର ପ୍ରତିଷ୍ଠା କଲେ। ତାଙ୍କ ଜନ୍ମବୃତ୍ତାନ୍ତ ଅନୁସାରେ ଜନ୍ମ ସମୟରେ ତାଙ୍କ ନିକଟରେ ବହୁ ଅଶୁଭ ସଙ୍କେତମାନ ଦେଖି ଭବିଷ୍ୟତରେ ଏହି ସନ୍ତାନଠାରୁ ବହୁ ବିପଦ ଆଶଙ୍କା କରି ପିଲାବେଳୁ ହିଁ ତାଙ୍କୁ ଗୋଟିଏ ତମ୍ବା ପାତ୍ରରେ ପୁରାଇ ରାଜା ଗଙ୍ଗା ନଦୀରେ ଭସାଇ ଦେଲେ। ଜଣେ କୃଷକ ତାଙ୍କୁ ଉଦ୍ଧାର କରି ଲାଳନପାଳନ କରିବାକୁ ଲାଗିଲେ। ସେ ବଡ଼ ହେବା

### ଦ୍ୱିତୀୟ-ବୁଦ୍ଧ କଥା

ପରେ କୃଷକ ରାଜପୁତ୍ରଙ୍କୁ ପୂର୍ବ ଘଟି ଯାଇଥିବା କଥା କହିଲେ। କିଛିଦିନ ଅନ୍ତରାଳେ ରାଜପୁତ୍ର ଉତ୍ତର ଦିଗରେ ହିମାଳୟ ପର୍ବତ୍ୟାଞ୍ଚଳକୁ ଯାତ୍ରା କରି ତିବ୍ବତର ସାନ୍-ଥାନ୍ ନାମକ କ୍ଷେତ୍ରରେ ପହଞ୍ଚିଲେ। ସ୍ଥାନୀୟ ଅଧିବାସୀମାନେ ତାଙ୍କୁ ଈଶ୍ୱର ପ୍ରେରିତ ଜଣେ ଦୈବ-ପୁରୁଷ ଭାବେ ସେମାନଙ୍କର ରାଜା ରୂପରେ ବରଣ କଲେ। ରାଜ୍ୟର ୟୁମ୍ବୁ ଲଗନ ନାମକ ସ୍ଥାନରେ ଏକ ରାଜପ୍ରାସାଦ ନିର୍ମାଣ କରି ତାଙ୍କୁ ସେଠାରେ ରଖାଇଲେ। ଏହି ସ୍ଥାନଟି ପରବର୍ତ୍ତୀ କାଳରେ 'ଲାସା' ନାମରେ ପରିଚିତ ହେଲା। ତାଙ୍କ ଶାସନ କାଳରେ ହିଁ ତିବ୍ବତରେ 'ବନ୍' ଧର୍ମ ପ୍ରସାର ଲାଭ କରି ରାଜାଙ୍କର ସପ୍ତବଂଶ ପିଢ଼ି ବେଳକୁ ପ୍ରଭାବ ବିସ୍ତାର କରିଥିଲା। ବୌଦ୍ଧ ଧର୍ମ ଯେତେବେଳେ ସମଗ୍ର ଜମ୍ବୁଦ୍ୱୀପକୁ ଆଲୋକିତ କରି ସାରିଥିଲା ସେତେବେଳକୁ ତିବ୍ବତ 'ବନ' ଧର୍ମ ରହସ୍ୟାବୃତ୍ତ ଅନ୍ଧକାର ମଧ୍ୟରେ ଢାଙ୍କି ହୋଇ ରହିଥିଲା।

ଖ୍ରୀ ୪୪୧ ରେ ତିବ୍ବତର ପ୍ରସିଦ୍ଧ ରାଜା ଲା-ଥୋ-ଥୁରୀ ଜନ୍ମଗ୍ରହଣ କଲେ। ତାଙ୍କୁ 'ବନ୍' ଧର୍ମର ପ୍ରଧାନ ଆରାଧ୍ୟ ଦେବତା ଖୁଣ୍ଟୁ ସାନ୍‌ପୋଙ୍କର ଅବତାର ଭାବରେ ଗ୍ରହଣ କରାଯାଏ। ଏକବିଂଶ ବର୍ଷ ବୟସରେ ଏହି ରାଜା ସିଂହାସନ ଆରୋହଣ କଲେ। ତିବ୍ବତୀୟ କିମ୍ବଦନ୍ତୀ ଅନୁଯାୟୀ ଖ୍ରୀ ୫୨୧ରେ ସେ ଅଶୀ ବର୍ଷ ବୟସରେ ପଦାର୍ପଣ କରିଥିବା ବେଳେ ୟୁମ୍ବୁ ଲଗନ ରାଜପ୍ରସାଦ ଉପରେ ଏକ ମହାର୍ଘ ପେଟିକା ସ୍ୱର୍ଗରୁ ଖସି ପଡ଼ିଲା। ସେଥିରେ ଥିଲା ବୌଦ୍ଧ ଗ୍ରନ୍ଥ ସୂତ୍ରାନ୍ତ ପିଟକ, ଏକ କ୍ଷୁଦ୍ର ଦେବାଳୟର କ୍ଷୁଦ୍ର ଅନୁକୃତି, ସାମୁଦ୍ରିକ ବିଦ୍ୟା ତଥା ରହସ୍ୟବାଦ ସଂପର୍କିତ ଗୋଟିଏ ଶାସ୍ତ୍ରଗ୍ରନ୍ଥ, ଚିନ୍ତାମଣି ରତ୍ନ ଓ ଗୋଟିଏ ପାନ-ପାତ୍ର। ସ୍ୱର୍ଗରୁ ଏପରି ଅମୂଲ୍ୟ ପବିତ୍ର ଦୁର୍ଲଭ ବସ୍ତୁ ହାସଲ କରିଥିବା ପ୍ରଥମ ରାଜା ହୋଇଥିବାରୁ ତିବ୍ବତୀୟମାନେ ତାଙ୍କୁ ଦିବ୍ୟପୁରୁଷ ଭାବେ ଗ୍ରହଣ କରିଥିଲେ। ରାଜା ସେ ଦିବ୍ୟବସ୍ତୁ ସବୁକୁ ନାନ୍‌ପା ସାନ୍‌ୱା ନାମ ଦେଇ ରାଜପ୍ରସାଦରେ ରଖି ଦୈନନ୍ଦିନ ପୂଜାର୍ଚ୍ଚନାର ବ୍ୟବସ୍ଥା କରିଥିଲେ। ରାଜା ୧୨୦ ବର୍ଷ ବୟସରେ ଖ୍ରୀ ୫୬୧ରେ ଧାରାଧାମ ତ୍ୟାଗ କରିଥିଲେ।

ତାଙ୍କର ଜଣେ ବଂଶଧରଙ୍କ ପୁତ୍ର ଆଜନ୍ମ ଅନ୍ଧ ଥିଲେ। ତାଙ୍କର ରାଜ୍ୟାଭିଷେକ ସମୟରେ ସିଂହାସନ ସ୍ଥଳରେ 'ନାନ୍‌ପା ସାନ୍‌ୱା'ଙ୍କୁ ପୂଜାର୍ଚ୍ଚନା କରାଯିବା ସମୟରେ ହଠାତ୍ ତାଙ୍କର ଦୃଷ୍ଟି ଶକ୍ତି ଫେରି ଆସିଥିଲା। ତାଙ୍କ ପୁତ୍ର ନାମ୍ରି-ସ୍ରନ୍-ସାନଙ୍କ ଶାସନ କାଳରେ ତିବ୍ବତ ପ୍ରଥମ କରି ଚୀନରୁ ପାଟିଗଣିତ ଓ ଚିକିତ୍ସା ବିଦ୍ୟା ହାସଲ କରିଥିଲା। ସେ ଖ୍ରୀ. ୬୩୦ରେ ଦେହତ୍ୟାଗ କରିଥିଲେ। ତାଙ୍କର ମହାନ୍ କୃତିତ୍ୱ ସଂପନ୍ନ ପୁତ୍ର ସ୍ରନ୍-ସାନ୍-ଗାମ୍ପୋ ଗାଦିନସୀନ ହେବା ପରେ ତିବ୍ବତ ଏକ ନୂତନ ଯୁଗରେ ପଦାର୍ପଣ କଲା। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ପାକିସ୍ତାନ ଛାଡ଼ିଲା...

ରହିଛି। ମାଇକ୍ରୋସଫ୍ଟ ପାକିସ୍ତାନର ଉଚ୍ଚଶିକ୍ଷା ଆୟୋଗ (ଏଚ୍‌ଇସି) ଓ ପଞ୍ଜାବ ଗ୍ରୁପ ଅଫ କଲେଜ (ପିଜିସି) ଭଳି ସଂସ୍ଥାଙ୍କ ସହ ମିଶି ଡିଜିଟାଲ ସ୍କିଲ୍ ଟ୍ରେନିଂ, ମାଇକ୍ରୋସଫ୍ଟ ଟିମ୍ ମାଧ୍ୟମରେ ରିମୋଟ ଲର୍ଣ୍ଣିଂ ଓ ଟେକ୍ନୋଲଜି ସଲ୍ୟୁସନ ସୁବିଧା ପ୍ରଦାନ କରିଛି। କମ୍ପାନୀ ଦେଶର ୨୦୦ରୁ ଅଧିକ ଉଚ୍ଚଶିକ୍ଷା ସଂସ୍ଥାନଙ୍କୁ ବୈଷୟିକ ସେବା ମଧ୍ୟ ଉପଲବ୍ଧ କରୁଛି। ପାକିସ୍ତାନରେ ମାଇକ୍ରୋସଫ୍ଟର ପୂର୍ବତନ କଣ୍ଟ୍ରି ମ୍ୟାନେଜର ଜଭାଦ ରହେମାନ କହିଛନ୍ତି ଯେ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ବ୍ୟବସାୟ ଓ ରଣନୀତି ସମ୍ପର୍କିତ।

### ପାଣିପାଗ ସୂଚନା...

ବର୍ତ୍ତମାନ ରାଜ୍ୟ ସରକାର ଓ ଆଇଏମ୍‌ଡିର ମିଳିତ ସହଯୋଗୀତାରେ ରାଜ୍ୟର ସମସ୍ତ ବ୍ଲକ୍‌କୁ ମିଶାଇ ମୋଟ୍ ୩୧୭ ମାନବ ଚାଳିତ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ର ରହିଛି। ଏହାସହିତ କିଛି କିଛି ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ମଧ୍ୟ ରହିଛି। ଏହି ସମସ୍ତ କେନ୍ଦ୍ରର ତଥ୍ୟକୁ ଅନୁଧ୍ୟାନ କରିବା ପରେ ଚୂଡ଼ାନ୍ତ ତଥ୍ୟ ଆଇଏମ୍‌ଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥାଏ। ହେଲେ ସ୍କାଇମେଟ୍ ଏହି କାମ କରିବ କି ରାଜ୍ୟ ସରକାର କେବଳ ସଂସ୍ଥାଠାରୁ ତଥ୍ୟ ଆଣି ଅନ୍ୟ କାହାଦ୍ୱାରା ଆନାଲିସିସ୍ କରାଇବେ, ତାକୁ ନେଇ ପ୍ରଶ୍ନ ଉଠିଛି। ବଡ଼ କଥା ହେଉଛି ପୂର୍ବରୁ ଅନେକ ସମୟରେ ଆଇଏମ୍‌ଡି ଓ ସ୍କାଇମେଟ୍‌ର ଆକଳନ ଭିନ୍ନ ଭିନ୍ନ ରହିଛି। ଏପରି ସ୍ଥିତିରେ ରାଜ୍ୟ ସରକାର କାହାର ଆକଳନକୁ ଗୁରୁତ୍ୱ ଦେବେ ତାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ସ୍ଥିତି କେବଳ ରାଜ୍ୟ ସରକାରଙ୍କ ପାଇଁ ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି କରିବ ନାହିଁ ବରଂ ଚାଷୀମାନଙ୍କୁ ମଧ୍ୟ ଅଡୁଆରେ ପକାଇବାର ଆଶଙ୍କା ସୃଷ୍ଟି କରିଛି। ସାରା ଦେଶରେ ବର୍ତ୍ତମାନ ଆଇଏମ୍‌ଡି ରାଜ୍ୟ ସରକାରମାନଙ୍କୁ ପାଣିପାଗ ତଥ୍ୟ ଯେମିତି କି ବର୍ଷା, ଆର୍ଦ୍ରତା ଓ ତାପମାତ୍ରା ଭଳି ତଥ୍ୟ ପ୍ରଦାନ କରୁଛି। ଏହାକୁ କୃଷିପାଣିପାଗ କେନ୍ଦ୍ରର ବୈଜ୍ଞାନିକ ମାନେ ଅନୁଧ୍ୟାନ କରି ଚାଷୀମାନଙ୍କ ପାଇଁ ପରାମର୍ଶ ଜାରି କରୁଛନ୍ତି। ଓଡ଼ିଶାରେ ମଧ୍ୟ ଏହି ଧାରା ଜାରି ରହିଛି। ହେଲେ ଏବେଠାରୁ ଏଥିରେ ବିଲକ୍ଷଣ ଦେଖାଯିବା ନେଇ ଆଶଙ୍କା ପ୍ରକାଶ ପାଇଛି।

### ଆଜି ବାହୁଡ଼ା...

କରାଯାଇଥିଲା। ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୁଙ୍କ ବାହୁଟକଣ୍ଟି, ଚାରବନ୍ଧା ଓ କୁସୁମି ଲାଗି ନୀତି ପାଇଁ ଆରମ୍ଭ ହୋଇଥିଲା ପ୍ରସ୍ତୁତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶନିବାର ଭୋର୍ ୪ଟାରେ ମଙ୍ଗଳ ଆଳତି ହେବ। ଠାକୁର ଖେଚୁଡ଼ି ଭୋଗ ଖାଇସାରି ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ପୂର୍ବାହ୍ନ ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ମଧ୍ୟାହ୍ନ ୧୨ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହେବ। ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରାଯିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏହା ପରଦିନ ଅର୍ଥାତ୍ ରବିବାର ରଥ ଉପରେ ସୁନାବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦାରୁବିଗ୍ରହଙ୍କ ବାହୁଡ଼ା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପୁଲିସ୍ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ପଞ୍ଚସ୍ତରୀୟ ସୁରକ୍ଷାବଳୟରେ ରହିଛି ପୁରୀ ସହର।

### ୧୪ ଯାଏଁ ବର୍ଷା...

ଘୂର୍ଣ୍ଣିବଳୟ ଆଶଙ୍କା ରହିଛି। ଏହା ପ୍ରଭାବରେ ରାଜ୍ୟରେ ୧୨-୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ରହିବ ବୋଲି ଅନୁମାନ କରାଯାଉଛି।

ଅନ୍ୟପଟେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ। ସୁବର୍ଣ୍ଣରେଖାରେ ପାଣି କମିଛି। କେଉଁ ବେସିନ୍ (ନଦୀ)ରେ ପାଣି ଅଧିକ ନାହିଁ। ତେଣୁ ସତର୍କ ସୂଚନା କେଉଁଠି ନାହିଁ ବୋଲ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ କହିଛନ୍ତି ଛତିଶଗଡ଼ରେ ବର୍ଷା ହେଉଛି। ଛତିଶଗଡ଼ ପାଣି ଛାଡିବାକୁ ଆମେ ଅପେକ୍ଷା କରିଛୁ। ସ୍ୱାଭାବିକ ପ୍ରକ୍ରିୟାରେ ଏସ୍‌ଓପି ଅନୁସାରେ ହୀରାକୁଦର ୬ ଗେଟ ଖୋଲା ହେବ। ହେଲେ ସତର୍କ ସ୍ଥିତି ନାହିଁ। ୬୩୦ ଫୁଟ ହୀରାକୁଦ ଜଳ ଧାରଣ କ୍ଷମତା ରହିଛି। ଏବେ ୬୦୫ ଫୁଟ ପାଣି ଅଛି। ମହାନଦୀ ଉପରମୁଣ୍ଡ ସୁନ୍ଦରଗଡ଼ ଓ ଛତିଶଗଡ ଛଡ଼ା ଆଉ କେଉଁଠି ବର୍ଷା ନାହିଁ ବୋଲି ସେ କହିଛନ୍ତି।

### ପୁରୀ ହେବ ମହାନଗର...

ଆଣିବାକୁ ପଡିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଆମ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣା ବେକ୍ଷଣର ଅବଶ୍ୟକତା ରହିଛି। ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନର ଏକ ଅଂଶ ବିଶେଷ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟ ଏକ ବଡ଼ ଘୋଷଣା ପୂର୍ବକ ପୁରୀରେ ଏକ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗୋଟିଏ ପରିସରରେ ଏହା ନିର୍ମିତ ହେବ। ଶ୍ରୀ ଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ ଯେପରିକି ଏହାର ପୌରାଣିକ ମହତ୍ତ୍ୱ, ନୀଳବଧବଙ୍କ ଠାରୁ ମନ୍ଦିର ନିର୍ମାଣର ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ। ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, ଝସଭସବଗ୍ମଙ୍କସ୍ବର ପ୍ରତିମୂର୍ତ୍ତି, ପଟ୍ଟଚିତ୍ର ଇତ୍ୟାଦି ମଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ। ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ। ଏହି ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ। ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇ ପାରିବେ। ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ। ଏଥି ସହିତ ଏହି ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ ନିର୍ମାଣ କରାଯିବ ବୋଲି ମୁଖମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି। ଏହି ଅଡିଟରିଅମରେ ପ୍ରତି ଦିନ ଲାଇଟ ଓ ସାଉଣ୍ଡ ଶୋ ପ୍ରସ୍ତୁତ କରାଯିବ। ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି। ଏହି ସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଅଧ୍ୟାୟ (ଏପିସୋଡ) ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରିକି ଓଡ଼ିଆ, ହିନ୍ଦୀ, ଇଂରେଜୀ ଏବଂ ବଙ୍ଗାଳୀ ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ। ଏହା' ଛଡା ଏହି ପରିସର ମଧ୍ୟରେ ଏକ ମୁକ୍ତାକାଶ ରଙ୍ଗମଞ୍ଚ ବି ନିର୍ମିତ ହେବ ଯେଉଁଠି ରାଜ୍ୟର କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ। ଏହି ପ୍ରକଳ୍ପ ଜଗନ୍ନାଥ ସଂସ୍କୃତି, ପରମ୍ପରା ଏବଂ ସାହିତ୍ୟକୁ ସୁଦୃଢ ଏବଂ ପରିପୁଷ୍ଟ କରିବା ସହିତ ପୁରୀ ଜଗନ୍ନାଥ ଧାମକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ଉତ୍କୃଷ୍ଟ ସମୟ ବ୍ୟତୀତ କରିବା ପାଇଁ ସୁଯୋଗ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ରାଜ୍ୟ ବିଜେପିକୁ...

ଜଗନ୍ନାଥପ୍ରେମୀଙ୍କୁ ବଡ଼ ଆଘାତ ଦେଇଥିଲା। ଯେନେତେନ ପ୍ରକାରେ ଏହି ଅଘଟଣକୁ ଚାପିବାକୁ ସରକାର ଉଦ୍ୟମ କରୁଥିବା ବେଳେ ଉଭୟ ସରକାର ଏବଂ ସଂଗଠନ ପାଇଁ ନୂଆ ସମସ୍ୟା ଆଣିଥିଲା ବିଏମ୍‌ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣ।

ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନାରେ ଏପରି ଆକ୍ରମଣ ହୋଇଥିବା ଅଭିଯୋଗ କରି ଓଏଏସ ଅଧିକାରୀମାନେ ସମୂହ ଛୁଟିରେ ଯିବା କାରଣରୁ ରାଜ୍ୟ ଏକ ବଡ଼ ପ୍ରଶାସନିକ ସଂକଟର ସାମ୍ନା କରିଥିଲା। ସରକାର ଘଟଣାରେ ୫ ଜଣଙ୍କୁ ଗିରଫ କରି ମାମଲାର ସମାଧାନ ପାଇଁ ତାଲିପକା ଉଦ୍ୟମ କରିଥିଲେ ହେଁ ଓଏଏସ ସଂଘ ନଛୋଡ଼ବନ୍ଧା ଥିଲେ। ଶେଷରେ ୩ ଦିନର କାର୍ଯ୍ୟବନ୍ଦ ପରେ ଜଗନ୍ନାଥ ପ୍ରଧାନ ପୁଲିସ ନିକଟରେ ଆତ୍ମ ସମର୍ପଣ କଲେ। ରାଜ୍ୟ ସରକାର ଓ ବିଜେପି ରାଜ୍ୟ ନେତୃତ୍ୱ ଏହାପରେ ଶାନ୍ତିରେ ଟିକେ ନିଃଶ୍ୱାସ ମାରୁଥିବା ବେଳେ ବିଜେଡି ନେତ୍ରୀ ଲେଖାଶ୍ରୀଙ୍କ ପ୍ରତି ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅରୁଚିକର ଟିପ୍ପଣୀ ଦଳ ପାଇଁ ନୂଆ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଲେଖାଶ୍ରୀଙ୍କ ପ୍ରତି ସନ୍ତୋଷ ଯେଉଁପ୍ରକାର ଶବ୍ଦ ବ୍ୟବହାର କରିଛନ୍ତି ତାହା ଅତ୍ୟନ୍ତ ସମ୍ବେଦନଶୀଳ। କୌଣସି ସାଧାରଣ ଲୋକ ମଧ୍ୟ ଏହାକୁ ସହ୍ୟ କରିପାରିବ ନାହିଁ। ମାତ୍ର ରାଜ୍ୟ ବିଜେପି ପକ୍ଷରୁ ଏ ନେଇ କେହିଁ ମୁହଁ ଖୋଲୁନାହାନ୍ତି। ରାଜ୍ୟବ୍ୟାପୀ ସାଧାରଣ ଲୋକେ, ବୁଦ୍ଧିଜୀବୀ ଏହାକୁ କଡ଼ା ସମାଲୋଚନା କରିଥିବା ବେଳେ ନିଜେ ଲେଖାଶ୍ରୀ ଶୁକ୍ରବାର ଭୁବନେଶ୍ୱର ମହିଳା ଥାନାରେ ଏଫଆଇଆର ଦେଇଛନ୍ତି। ଏପରିକି ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମହିଳା ବିରୋଧୀ ସନ୍ତୋଷଙ୍କୁ ବିଧାନସଭା ମଧ୍ୟରେ ପୂରାଇ ଦିଆଯିବ ନାହିଁ ବୋଲି ବିଜେଡି ଚେତାବନୀ ଦେଇଛି।

ଗତ ୯ ଦିନ ମଧ୍ୟରେ ଏତେସଂଖ୍ୟକ ଅଘଟଣ, ବିବାଦ ଏବଂ ବିଭ୍ରାଟକୁ ସାଧାରଣରେ ବିଜେପିର ଚେହେରାକୁ ଧୂଆଁଳିଆ କରି ଦେଇଛି। ଦଳ ଏବଂ ସରକାର ମଧ୍ୟରେ ସମନ୍ୱୟ ଏବଂ ଶୃଙ୍ଖଳାର ଅଭାବ ରାଜ୍ୟରେ ଏକ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଛି। ବିଜେପିରେ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଦଳ ମଧ୍ୟରେ ଏକାଧିକ ଗୋଷ୍ଠୀଙ୍କ ସକ୍ରିୟତା ମଧ୍ୟ ବିଶୃଙ୍ଖଳାକୁ ଇନ୍ଧନ ଯୋଗାଇ ଚାଲିଛି। ଏପରିସ୍ଥଳେ ଆଗାମୀ ଦିନରେ ବିଶୃଙ୍ଖଳା ଦଳ ପାଇଁ ଏକାଧିକ ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ମହଲରେ ସନ୍ଦେହ ପ୍ରକାଶ ପାଉଛି।

# ପ୍ଲଟ୍ ପଞ୍ଜୀକରଣ ବନ୍ଦ ପାଇଁ ସବ୍‌ରେଜିଷ୍ଟ୍ରାର୍‌ଙ୍କୁ ନିର୍ଦ୍ଦେଶ ପ୍ରଦାନ ଜିଲ୍ଲା ନିବନ୍ଧକଙ୍କ କ୍ଷମତା ବହିର୍ଭୂତ: ହାଇକୋର୍ଟ

କଟକ, ୪।୭ (ସମିସ): କୌଣସି ଦଲିଲ ତଥା ପ୍ଲଟ୍ ପଞ୍ଜୀକରଣକୁ ବନ୍ଦ କରିବା ପାଇଁ ଉପ-ନିବନ୍ଧକ (ସବ୍‌ରେଜିଷ୍ଟ୍ରାର୍)ଙ୍କୁ ନିର୍ଦ୍ଦେଶ ପ୍ରଦାନ ଏଡିଏମ୍ (ଅତିରିକ୍ତ ଜିଲ୍ଲାପାଳ) ତଥା ଜିଲ୍ଲା ନିବନ୍ଧକଙ୍କ କ୍ଷମତା ବହିର୍ଭୂତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପଞ୍ଜୀକରଣ ଆଇନ ୧୯୦୮ର ଧାରା ୬୮ ଅନୁସାରେ କେବଳ ଏଡିଏମ ତଥା ଜିଲ୍ଲା ନିବନ୍ଧକଙ୍କୁ ତାଙ୍କ ଅଧୀନ ଜିଲ୍ଲାର ଉପନିବନ୍ଧକମାନଙ୍କ ଉପରେ ପ୍ରଶାସନିକ ନିୟନ୍ତ୍ରଣର କ୍ଷମତା ପ୍ରଦାନ କରାଯାଇଛି। ହେଲେ ଏହି ଆଇନ ଯେକୌଣସି ଦଲିଲର ପଞ୍ଜୀକରଣ ନକରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କ୍ଷମତା ଜିଲ୍ଲା ନିବନ୍ଧକଙ୍କୁ ଦିଆଯାଇନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ଏସ୍.ଅଗ୍ରୱାଲଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ପ୍ରତିପକ୍ଷ ବୌଦ୍ଧ ଏଡିଏମ୍ ତଥା-ଜିଲ୍ଲା ନିବନ୍ଧକଙ୍କ ଗତ ୨୦୨୪ ଡିସେମ୍ବର୧୬ରେ ଜିଲ୍ଲା ଉପ ନିବନ୍ଧକଙ୍କୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ସମ୍ବଳିତ ଚିଠିକୁ ରଦ୍ଦ କରି ଦେଇଛନ୍ତି ହାଇକୋର୍ଟ। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଥିବା ପ୍ଲଟ୍ ଏବଂ ପରବର୍ତ୍ତୀ ବିଭାଜିତ ପ୍ଲଟ୍‌ର ପଞ୍ଜୀକରଣକୁ ଅସ୍ଥାୟୀ ଭାବରେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଯାହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାରୁ ପ୍ରକାଶ ଯେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କର ଆଇନଗତ ଉତ୍ତରାଧିକାରୀଙ୍କଠାରୁ ବିଭିନ୍ନ ପ୍ଲଟ୍ କିଣିଥିଲେ ଯାହାର ଆରଓଆର ତାଙ୍କ ନାମରେ ହୋଇଥିଲା। ସେଥିରୁ କିଛି ପ୍ଲଟକୁ ଆବେଦନକାରୀ ତାଙ୍କର କେତେଜଣଙ୍କ ନାମରେ ବିକ୍ରି ଦଲିଲ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ତେବେ ବୌଦ୍ଧ ଅତିରିକ୍ତ ତହସିଲଦାରଙ୍କ ପକ୍ଷରୁ ଏହା ବିରୋଧରେ ବୌଦ୍ଧ ଉପ-ଜିଲ୍ଲାପାଳଙ୍କ ନିକଟରେ ଏକ ଆବେଦନ କରାଯାଇଥିଲା। ଅନ୍ୟପଟରେ ମାମଲା ବିଚାରାଧୀନ ଥିବା ବେଳେ ଏଡିଏମ୍ ତଥା ଜିଲ୍ଲା ନିବନ୍ଧକଙ୍କ ପକ୍ଷରୁ ବୌଦ୍ଧ ଉପନିବନ୍ଧକଙ୍କୁ ଉକ୍ତ ନିର୍ଦ୍ଦିଷ୍ଟ ପ୍ଲଟ୍‌ଗୁଡ଼ିକର ପଞ୍ଜୀକରଣ ଅସ୍ଥାୟୀ ଭାବେ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଅନୁସୂଚିତ ଜାତି ଆୟୋଗ ଗଠନ କରାଯାଉ

# ଧରାକୋଟ ପୀଡ଼ିତଙ୍କୁ ୧୫ ଲକ୍ଷ କ୍ଷତିପୂରଣ ପାଇଁ ସାମାଜିକ ନ୍ୟାୟ ସାମ୍ମୁଖ୍ୟର ଦାବି

ଭୁବନେଶ୍ୱର, ୪।୭(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧରାକୋଟ ବ୍ଲକର ସିଙ୍ଗିପୁର ଗ୍ରାମର ଦୁଇ ଜଣ ଅନୁସୂଚିତ ଜାତି ବର୍ଗର ବ୍ୟକ୍ତି(ବାବୁଲା ନାଇକ, ବୁଲୁ ନାଇକ)ଙ୍କୁ ଆକ୍ରମଣ ଅମାନବୀୟ, ଘୃଣ୍ୟ ଏବଂ ଅତ୍ୟନ୍ତ ଜଘନ୍ୟ ବୋଲି ଅଭିହିତ କରିଛି ସାମାଜିକ ନ୍ୟାୟ ସାମ୍ମୁଖ୍ୟ।

ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ ନିଜ ଝିଅକୁ ଯୌତୁକ ଦେବା ପାଇଁ ଗାଇ ଆଣିଥିବା ବାପାକୁ ଗୋରୁ ଚାଲାଣକାରୀମାନେ ରାଜା ସାମଲ ଏବଂ ସହଯୋଗୀ ୩୦ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେବାରୁ ସେମାନଙ୍କୁ ଖାରିଗୁମ୍ମା ଗାଁରେ ପ୍ରାୟ ଦୁଇ କିଲୋମିଟର ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ ଓ ଲଣ୍ଡା କରି ଦେଇଥିଲେ। ଶୋଷ ବିକଳରେ ପାଣି ମାଗିବାରୁ ତାଙ୍କୁ ନର୍ଦ୍ଦମା ପାଣି ପିଆ ଗଲା ଓ ଘାସ ଖୁଆଇ ଦିଆଗଲା। ମାତ୍ର ଏହି ଘଟଣାରେ ସରକାରଙ୍କ ମୌନତା, ଅଭିଯୁକ୍ତଙ୍କୁ ଆଶ୍ୱସନା ଦେଲାଭଳି ଅନୁଭବ ହେଉଛି। ସମ୍ବିଧାନର ଅନୁଚ୍ଛେଦ (୧୭-୨୩) ମଧ୍ୟରେ ଅନୁସୂଚିତ ଜାତି/ଜନଜାତି ମାନଙ୍କୁ ସମସ୍ତ ପ୍ରକାର ଶୋଷଣରୁ ରକ୍ଷାପାଇଁ ଉଦ୍ଦିଷ୍ଟ ଥିବାବେଳେ ବର୍ତମାନ ବଞ୍ଚିତ ବର୍ଗଙ୍କ ଉପରେ ରୀତିମତ ଆକ୍ରମଣ ହୋଇଛି। ସରକାରରେ ମନ୍ତ୍ରୀଥିବା ଦୁଇ ଦଳିତ ନେତା ସୂର୍ଯ୍ୟବଂଶୀ ସୁରଜ ଏବଂ ମୁକେଶ ମହାଲିଙ୍ଗ ଏହି ଘଟଣାରେ ନିରବତା ଅବଲମ୍ବନ କରିଛନ୍ତି। ଏଭଳି ପାଶବିକ ଆଚରଣ ଓଡ଼ିଶାକୁ ବିଶ୍ୱ ଦରବାରରେ ଲଜ୍ଜିତ ଚରିଛି ବୋଲି ସାମ୍ମୁଖ୍ୟ କହିଛି।

ତେଣୁ ଦୁଇ ପୀଡିତ ବାବୁଲା ନାଇକ ଏବଂ ବୁଲୁ ନାଇକଙ୍କୁ ସମ୍ମାନ ହାନି ସ୍ୱରୂପ ୧୫ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଆଯାଉ। ଦୋଷୀ ଯେପରି କଠୋର ଦଣ୍ଡ ପାଇବେ ସେନେଇ ସମସ୍ତ ପଦକ୍ଷେପ ନିଅନ୍ତୁ ବୋଲି ସାମାଜିକ ନ୍ୟାୟ ସାମ୍ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ବାରମ୍ବାର ଓଡ଼ିଶାକୁ ଲଜ୍ଜିତ କରୁଥିବା ବଜରଙ୍ଗ ଦଳର ଏତାଦୃଶ କାର୍ଯ୍ୟଗୁଡିକ ଉପରେ ପ୍ରତିବନ୍ଧକ ଲଗାଯାଉ ସାମୁଖ୍ୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଓଡ଼ିଶାରେ ତୁରନ୍ତ ଅନୁସୂଚିତ ଜାତି ଆୟୋଗ ଗଠନ କରିବା ନେଇ ପ୍ରକ୍ରିୟା ଆରମ୍ଭ କରି ବା ସହ ଆଗାମୀ ବିଧାନସଭା ଅଧିବେଶନରେ ଅନୁସୂଚିତ ଜାତି ଆୟୋଗ ଗଠନ ନେଇ ସ୍ୱତନ୍ତ୍ର ବିଧେୟକ ଆଗତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାମାଜିକ ନ୍ୟାୟ ସାମ୍ମୁଖ୍ୟର ଚିଦାନନ୍ଦ ଜେନା, ଅଜୟ ମହାପାତ୍ର, ଶୋଭେନ ବିଶ୍ୱାଳ, ପ୍ରସନ୍ନ ବିଶୋଇ, ବାସୁଦେବ ଭଟ୍ଟ, ଅଶୋକ ପାଇକରାୟ, ବଦ୍ରିନାଥ ଜେନା, ଅବିନାଶ ପ୍ରଧାନ, ଦିବ୍ୟ ସିଂ, ସୋଲାର ମିଶ୍ର, ସାହିଲ ସାହାଣୀ, ସତ୍ୟପ୍ରଜ୍ଞ ଗୌଡ଼, ଲିପୁନ ପରିଡ଼ା, ଶୁଭମ ସାହୁ, ଅଭିଷେକ ମହାପାତ୍ର, ଯୁବରାଜ ମହାନନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି।

## ରେଳ ଲାଇନ୍‌ରେ ବିପଦପୂର୍ଣ୍ଣ ଷ୍ଟଣ୍ଟ

ଶଗଡ଼ା, ୪।୭ (ସମିସ): ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ୍‌ରେ ଜଣେ ନାବାଳକ ବିପଦପୂର୍ଣ୍ଣ ଷ୍ଟଣ୍ଟ କରିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ବୌଦ୍ଧ ଜିଲ୍ଲା ପୁରୁଣାପାଣି ଓ ମଣିଣାପଡ଼ା ମଧ୍ୟରେ ଥିବା ଟ୍ରେନ୍ ଲାଇନ୍‌ରେ ଜଣେ ନାବାଳକ ଜୀବନକୁ ବାଜି ଲଗାଇ ଏହି ଷ୍ଟଣ୍ଟ କରିଛନ୍ତି। ଟ୍ରେନ୍ ଯାଉଥିବା ସମୟରେ ସେ ଶୋଇ ରହିଛନ୍ତି। ଏହି ସମୟରେ ଅନ୍ୟ ଜଣେ ସାଥୀ ତାଙ୍କ ଭିଡିଓ କରୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି। ନାବାଳକଜଣଙ୍କ ଟ୍ରାକ୍‌ରେ ଶୋଇଥିବା ବେଳେ ସାଥୀ ନାବାଳକମାନେ ଖୁସିରେ ଚିତ୍କାର କରୁଛନ୍ତି।

## AFFIDAVIT

I, Gitanjali Pradhan, W/o.: Sridhar Mahatwo, Resident of Chhakadipur, PO.: Biribadi, P.S.: Tangi, PIN-752027, Dist.: Khordha, Odisha, declare by this affidavit No.: 15 dtd 02.07.2025 that now onwards I shall be known as **GITANJALI MAHATWA** for all future purposes.

## ଶପଥ ପାଠ

ମୁଁ ଶ୍ରୀ ସଞ୍ଜୟ କୁମାର ଦାସ, ପିତା-ଜଗନ୍ନାଥ ଦାସ, ସା- ହଳଦିଆ, ପୋ-ତୀରଣ, ଥାନା-ତିର୍ତ୍ତୋଲ, ପିନ୍-**754138**, ଜିଲ୍ଲା-ଜଗତସିଂହପୁର, ମାନ୍ୟବର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ତିର୍ତ୍ତୋଲ ନିକଟରେ ଶପଥ ପାଠ ଦ୍ୱାରା ଘୋଷଣା କରୁଅଛି ଯେ ମୋର ନାବାଳିକା କନ୍ୟା ସୁଚିସ୍ମିତା ଦାସ ର ନାମ ଭୁଲରେ ଆଧାରକାର୍ଡ ରେ ସୁଚିତ୍ରା ଦାସ ହୋଇ ଯାଇଛି, ସତ୍ୟପାଠ ନମ୍ବର-**5048**, ତା-**01/07/2025** ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି ଯେ ମୋର ଝିଅ ସୁଚିତ୍ରା ଦାସ ହିଁ ସୁଚିସ୍ମିତା ଦାସ, ଏଣିକି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ରେ ମୋ ଝିଅ ସୁଚିସ୍ମିତା ଦାସ ଭାବେ ପରିଚୟ ହେବ।

ସଞ୍ଜୟ କୁମାର ଦାସ

## NOTICE (for Minor)

By virtue of an affidavit sworn before Notary Public, Udala, Mayurbhanj, dated 01-07-2025 I,Madanram Ganeshprasad Hansdah Address At- Anlasuli, PO- Bahanada, PS- Khunta, Dist.- Mayurbhanj, PIN- 757104 declare that I have changed the name of my daughter Fullamani Hansda to Anjali Hansdah . Henceforth, she shall be known as Anjali Hansdah for all purposes.

**Madanram Ganeshprasad Hansdah**

## NOTICE (above 18 years of age)

By virtue of an affidavit sworn before Notary Public, Udala, Mayurbhanj, dated 26-06-2025, I, Lili Sing, Address At- Nahara, PO- Banakati, PS- Khunta, Dist- Mayurbhanj, Odisha, Pin-757019 declare that I have changed my name from Lulu Sing to Lili Sing Henceforth, I shall be known as Lili Sing for all purposes.

**Lili Sing**

## AFFIDAVIT

I, Bela Ameet Gandhi, W/o.: Ameet Chandrakant Gandhi, Resident of 5/A, Girnar Palace, Bomikhal, Cuttack Puri Road, Bhubaneswar. PIN-751010, Dist.: Khordha, Odisha, declare by this affidavit No.: 364 dtd 03.07.2025 that now onwards I shall be known as **BELA GANDHI** for all future purposes.

## AFFIDAVIT

By virtue of an affidavit No.: 59 dt 04/07/2025 sworn before the Executive Magistrate, Bhubaneswar, I Rakesh Kumar Sahoo, S/o.: Late Rabindra Kumar Sahoo, resident of Plot No.: 2223, Jagannath Matha Lane, Old Town, P.S.: Shree Lingaraj, Bhubaneswar, PIN-751002, Odisha declare that I have changed my name from Kapilendra Sahoo to Rakesh Kumar Sahoo. Henceforth I shall be known as **Rakesh Kumar Sahoo** for all purposes.

## AFFIDAVIT

I Chita Ranjan Mohanty, S/o- Kedar Nath Mohanty, resident of at- Bairagi Villa, Flat no-305,3rd floor, Near UCO Bank Colony, Jharapada, P.S- Laxmi Sagar, Bhubaneswer Pin-751006, Odisha are declared by this affidavit No-39, dated06/05/25, that now onwards I shall be known as **CHITTA RANJAN MOHANTY** for all future purposes.

## AFFIDAVIT

By virtue of an affidavit before the Notary Public, Kesinga, I, Sarita Devi Agarwal, W/o- Subash Chandra Agrawal Resident of Kesinga, Ward No.9, Po/Ps: Kesinga, Dist.: Kalahandi, Odisha declare by this affidavit no-51, Dated 02/07/2025 that now onwards I shall be known as **Sarita Agrawal** for all future purposes.

**Sarita Agrawal**

## AFFIDAVIT

By virtue of an affidavit sworn before The Notary Public, Swampatna, Keonjhar on dated- 04/01/2025. I, **Chhotaray Mahanta**, aged about 32 years, S/o Dibakar Mahanta, resident of At-Musanali, PO- Mushakhori, PS-Patna, Dist- Keonjhar, Odisha declare that I have changed my minor daughter's name from **Damayanti Mahanta** (old name) To **Debasmita Mahanta** (new name). Henceforth, she shall be known as **Debasmita Mahanata** (new name) for all future purposes.

**Sd/- Chhotaray Mahanta**

## AFFIDAVIT

I, Madhusudan Agrawal, H/o- Pushpa Devi Singhania , resident of Ward No. 20, Main Road, Marwaripara, PO/PS/Dist- Jharsuguda, Odisha, PIN- 768201 declared by this affidavit No. 01, dtd- 03/07/2025 that now onwards I shall be known as **MADHUSUDAN SINGHANIA** for all future purposes.

---

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, , ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡିଶା

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax office, Berhampur-760011, Ganjam, Odisha)

O-377

(E-Mail): serwbcpr2004@yahoo.com, Tel No.: 0680-2404287

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/09-2025-26/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2025-26/BPR | Road Works under MMSY-TRIP & MMSY-IMPROVEMENT TO EXISTING RD ROADS | 03 Nos | From Rs. 107.07 Lakhs to Rs. 719.33 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/09-2025-26/BPR | 08.07.2025 at 10.00 A.M. | 22.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

Sd/- Chief Construction Engineer
R.W. Circle, Berhampur

OIPR-25071/11/0100/2526

---

**SDCCB** | **THE SAMBALPUR DISTRICTCO-OPERATIVE CENTRAL BANK LIMITED**
**Quotation Call Notice**
**Lett.No:**

The Sambalpur District Co-operative Central Bank (SDCCB) invites Quotation call notice from the intending IRDAI Certified Agencies, fulfilling the IRDAI norms, for entering into floater group health insurance policy covering employees of the Bank along with their spouse, Children up to three and dependent parents for a period of one year.

For details please visit Bank's website: www.sambalpurdccb.com. The last date for receipt of proposal is 15.07.2025, 3:00P.M.

SDCCB reserves the right to accept/reject any/all Quotation without assigning any reason thereof.

Sd/-
Chief Executive Officer

**THE SAMBALPUR DISTRICT CO-OPERATIVE CENTRAL BANK**
**HEADOFFICE:BARGARH-768028**
**Email:headoffice@sambalpurdccb.com**

---

A-364

**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
E-mail ID: midvmalkangiri@gmail.com

**NOTICE INVITING TENDER**
E-Procurement Notice
Bid Identification No. SEMDIMKG - 01/2025-26
Letter No. 1061 / Dt. 02.07.2025

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids through e-procurement to be received in Online Mode only for the works as detailed in the table below.

1. Name of the work : Survey Investigation works as mentioned in the website.
2. Total Number of work : 01 (One) No.
3. Estimated cost : Approximately Rs. 13.75 lakh.
4. Period of completion : 02 (Two) Calendar Months
5. Class of Contractor : Detail list of work (Annexed) As mentioned against work
6. Date and time of availability of bid documents in the portal : From 10.00 A.M of 08.07.2025 to 5.00 P.M of 17.07.2025
7. Last date/time for receipt of bids in the portal : 5.00 P.M on 17.07.2025
8. Date of opening of bid : At 11.00 A.M on 18.07.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Website: www.tendersorissa.gov.in

Sd/- Superintending Engineer
M.I. Division, Malkangiri

OIPR-32285/11/0003/2526

---

A-363

**OFFICE OF THE EXECUTIVE ENGINEER**
**BRUTANG IRRIGATION DIVISION: DASAPALLA, NAYAGARH**
Email: eebiddasapalla@gmail.com
No. 614 / dt. 26.06.2025

**NOTICE INVITING TENDER**
Bid Identification No.EE-BID-BIP-02(01) of 2025-26, Dt.26.06.2025
'e' Procurement Notice No. EE-BID-02(01)/2025-26, Dt.26.06.2025

Invites online percentage rate tender in single cover through e-procurement for execution of the Electrical works. The bid should be submitted by eligible class of contractors obtained from Electrical Licensing Board of Odisha .

1. Type of Work : Electrification of Administrative building for Chief Construction Engineer, Brutang & Hadua Irrigation Project, At-Dasapalla Irrigation Colony,District-Nayagarh
2. Total No. of Works : 01 nos.
3. Approximate value of work : Rs. 30.85 lakh/- (Excluding GST)
4. Tender Paper Cost : Rs. 6,000/-
5.Bid Security/E.M.D : Rs.30,900/-
5. Period of Completion : 04 (four calendar months).
6. Class of Contractor : Electrical Contractor License Class HT

| | e-procurement Notice No. | | Availability of online viewing of Tender prior to Bidding | | Submission &Availability bid on-line | Date & time of opening of Bid |
|---|---|---|---|---|---|---|
| | | | From | To | | |
| 1 | 2 | | 3 | 4 | 6 | 7 |
| EXECUTIVE ENGINEER, BRUTANG IRRIGATION DIVISION, AT/PO-DASAPALLA, DIST-NAYAGARH, ODISHA, PIN-752084. | EE,BID – 02(01)/2025-26 | Rs. 30.85/- (Excluding GST) | 07.07.2025 (10.00 AM) | 21.07.2025 (up to 5.00 PM) | 07.07.2025 (10.00 AM) to 21.07.2025 (up to 5.00 PM) | 22.07.2025 at 11:00 AM |

Date of opening of bid :Dt-22.07.2025 at 11.00 AM in the O/O the Executive Engineer, Brutang Irrigation Division, Dasapalla, Nayagarh, Odisha, PIN-752084.
Further details can be seen from the Govt. Website www.tendersorissa.gov.in
The Corrigendum/ cancellation of Tender, if any, will be uploaded and can be seen from the above website only.

Executive Engineer
Brutang Irrigation Division
Dasapalla

OIPR-32553/11/0001/2526

---

## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/E-Tender/36 ତା.30.06.2025ରିଖ

1) ଟେଣ୍ଡର ସଂ. eTender-CENTKUR-130-2025, ତା.24-06-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଢେଙ୍କାନାଳ ଅଧିକାର କ୍ଷେତ୍ର ଅଧୀନରେ ଗୁରୁଡ଼ିଝାଟିଆ ଠାରୁ ସଦାଶିବପୁର ଷ୍ଟେସନ ପର୍ଯ୍ୟନ୍ତ ଷ୍ଟାଫ୍ କ୍ୱାର୍ଟର ପାଇଁ ପ୍ରସ୍ତାବିତ ବିବିଧ ମରାମତି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 269.90 ଲକ୍ଷ, EMD (₹) : 2,85,000.00 ।

2) ଟେଣ୍ଡର ସଂ. eTender-CENTKUR-132-2025, ତା.24-06-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଭୁବନେଶ୍ୱର ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 180.90 ଲକ୍ଷ, EMD (₹) : 2,40,500.00 ।

3) ଟେଣ୍ଡର ସଂ. eTender-CENTKUR-133-2025, ତା.24-06-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଅନୁଗୁଳ ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 130.79 ଲକ୍ଷ, EMD (₹) : 2,15,400.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.16.07.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-322/Q/25-26

# ହାତୀ ଭାଙ୍ଗିଦେଲା ଘର; ବର୍ତ୍ତିଗଲେ ପରିବାର ଲୋକେ

ବସ୍ତା ବ୍ଲକ୍,୪।୭ (ସମିସ)

ବାଲେଶ୍ୱର ମୟୂରଭଞ୍ଜ ସୀମାନ୍ତରେ ହାତୀ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହା ସୀମାନ୍ତ ଅଞ୍ଚଳବାସୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଏକ ହାତୀ ଆସି ବସ୍ତା ବ୍ଲକର ପତ୍ରଝଡ଼ା ଗ୍ରାମରେ ଦୁଇଟି ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷତି କରିଥିବା ଜଣା ପଡ଼ିଛି। ଅଭିଯୋଗ ଅନୁସାରେ ଗୁରୁବାର ରାତି ୨ ଟା ସମୟରେ ସମସ୍ତେ ଶୋଇ ଥିବା ବେଳେ ରାସଗୋବିନ୍ଦପୁର ବାନାଞ୍ଚଳରେ ଦୀର୍ଘ ଦିନ ଧରି ରହି ଆସୁଥିବା ହାତୀଟି ପତ୍ରଝଡ଼ା ଗ୍ରାମ ଭିତରକୁ ପଶି ଆସି ଏହି ଗ୍ରାମର କିରଣ ବେହେରାଙ୍କ ଘର ଭାଙ୍ଗି ୫୦ କିଲୋରୁ ଊର୍ଦ୍ଧ୍ୱ ଚାଉଳ, ୧୫ କିଲୋରୁ ଊର୍ଦ୍ଧ୍ୱ ଧାନ ବିହନ



ଖାଇ ଦେଇଥିଲା। ତାପରେ ପୀତାମ୍ବର ବେହେରାଙ୍କ ଘର ଭାଙ୍ଗି ୮ଟି କୁକୁଡ଼ାକୁ ଦଳି ମାରିବା ସହିତ ଧାନ ଖାଇ ଘରର କାନ୍ଥ ଭାଙ୍ଗି ପକାଇ ଥିଲା। ଘର ଭିତରକୁ ପଶି ନପରିବାରୁ କୌଣସି ବଡ଼ଧରଣର କ୍ଷତି ହୋଇନଥିଲା। ଶୁକ୍ରବାର ସକାଳେ ଖବର ପାଇ ସରପଞ୍ଚ ପ୍ରତିନିଧି ପ୍ରଦୀପ ବେହେରା କ୍ଷତଗ୍ରସ୍ତ ପରିବାରଙ୍କୁ ଭେଟି ବସ୍ତା ରାଜସ୍ୱ ଅଧିକାରୀଙ୍କୁ ନେଇ କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସାହାଯ୍ୟ ପାଇଁ ଦାବି ହୋଇଛି।

# ମହରମ ଲାଗି ଶାନ୍ତି କମିଟି ବୈଠକ

ଜଳେଶ୍ୱର ବ୍ଲକ୍, ୪।୭ (ସମିସ): ଭାଇଚାରର ସହର ଜଳେଶ୍ୱରରେ ମହରମ ପର୍ବ ପାଳନ ଓ ଶୃଙ୍ଖଳିତ ତାଜିଆ ପ୍ରଦର୍ଶନ ଲାଗି ଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅପରାହ୍ନ ରେ ବୈଠକ ଆଲୋଚନା ରେ ଥାନାଧିକାରୀ ଜୟନ୍ତ ବେହାରା ସଭାପତିତ୍ୱ କରି ଉପସ୍ଥିତ ବୁଦ୍ଧିଜୀବୀଙ୍କ ସୁଚିନ୍ତିତ ମତାମତ ଲୋଡ଼ିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟୁତ୍ ବିଭାଗର ଏସଡିଓ ବିଦ୍ୟାଧର ପଣ୍ଡା, ଜଳେଶ୍ୱର ସଦର ଜେଇ ତୁଷାର ରଞ୍ଜନ ସାହୁ,ବ୍ଲକ ଉପାଧକ୍ଷା ସଞ୍ଚିତା ସେନାପତି, ଏଏସଆଇ ଚିରଞ୍ଜିବୀ ବିଶ୍ୱାଳ ମଞ୍ଚାସୀନ ହୋଇ ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ପାଳନ ସମ୍ପର୍କରେ କହିଥିଲେ। ଆସନ୍ତା ୬ତାରିଖରେ ସହରରେ ୪ଟି ସୁସଜ୍ଜିତ ତାଜିଆ ଓ ଏକ ମାନସିକ ତାଜିଆ ପ୍ରଦର୍ଶନ ଲାଗି ବ୍ୟାପକ ପ୍ରସ୍ତୁତି ନିଆଯାଇଥିଲା। ରାଜପୁର, ଝାଡେଶ୍ୱରପୁର, ଶାସନ ବାର୍ଡ, ଶେଖ୍ ବାର୍ଡ ଓ ମାନସିକ ତାଡ଼ିଆ ପ୍ରଦର୍ଶନ ହେବ ବୋଲି ତାଜିଆ କମିଟି ସ୍ୱତ୍ତାଧିକାରୀ ସୂଚନା ଦେଇଛନ୍ତି। ସନ୍ଧ୍ୟା ୭ଟାରୁ ତାଜିଆ ଶୋଭାଯାତ୍ରା ବାହାରି ରାତ୍ରି ୧୦ ଟା ବେଳକୁ ଥାନା ସମ୍ମୁଖରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ଜଳେଶ୍ୱର ଥାନା ପକ୍ଷରୁ ପ୍ରତିଯୋଗିତା ଆୟୋଜିନ, ତାଜିଆ ଚୟନ, ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ରହିଛି। ବୈଠକରେ ବରିଷ୍ଠ ଆଇନଜୀବୀ ସତ୍ୟ ସୁନ୍ଦର ଦାସ, କମଳ କୁମାର ଚକ୍ରବର୍ତ୍ତୀ, କାଉନସିଲର ଗୋବିନ୍ଦ ସାହୁ, ଆଇନଜୀବୀ ଫରଦି ଅହମଦ, ଦେବ କାନ୍ତ କାସ୍ତ, ଜଗଦିଶ ନନ୍ଦୀ, କାଉନସିଲର ଚନ୍ଦନ ଦାସ, ଶେଖ୍ ସାଜନ, ଶେଖ୍ ସମିର,ଜୈନାଲ୍ ଶାହା,କହିନୂର ଇସ୍ମାଇଲ ଖାଁ,ମମତାଜ ଖାଁ, ଶେଖ୍ ଗରିବ, ଅବଦୁଲ୍ ସତ୍ତାର, ଶେଖ୍ ସାବୁଦ୍ଦିନ୍, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ମଧୁ ସେନାପତି, କାଉନସିଲର ସୁରଜ ଚୌରାସିଆ ପ୍ରମୁଖ ଉପସ୍ଥିତ ଥିଲେ। ଶାଶନବାର୍ଡ ଠାରେ ସଡ଼କ ମରଣଯନ୍ତା ହୋଇଥିବା ବେଳେ ମରାମତି ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି।

# ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେଲେ ବିଧାୟକ

ଭୋଗରାଇ,୪।୭ (ସମିସ): ମାନବିକତା ଦେଖାଇଲେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ। ଆଜି ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥରେ ଘଟିଥିବା ଦୁର୍ଘଟଣାରେ ଆହତ ହୋଇଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ୫୭ ନମ୍ବର ରାଜ୍ୟ ରାଜପଥ ବାଉଁଶଡିହା ଛକ ନିକଟରେ ନାଫରାଇ ଗ୍ରାମର ଅସିତ୍ ସ୍ୱାଇଁ ଓ ଅଜୟ ନାୟକ ଦୁଇଜଣ ବାଇକ୍ ଯୋଗେ କୌଣସି କାମ ସାରି ଘରକୁ ଫେରୁଥିବା ବେଳେ ବାଇକ୍ ଆରୋହୀ ଜଣକ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡା ହେଇଥିବା ତିନୋଟି ବାଇକ୍‌କୁ ଧକ୍କା



ଦେଇଥିଲା। ଫଳରେ ରାସ୍ତା ଉପରେ ଦୁଇଜଣ ପଡ଼ିଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାବେଳେ ସେହି ବାଟ ଦେଇ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଫେରୁଥିବା ବେଳେ ଦୁର୍ଘଟଣା ସ୍ଥଳରୁ ଦୁଇ ଜଣଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମାତ୍ର ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ।

## ମାଙ୍କଡ ଆକ୍ରମଣରେ ୨ ଆହତ

ସୋର,୪।୭ (ସମିସ): ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ଦିଗି ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ମାଙ୍କଡ଼ କାମୁଡ଼ାରେ ଦୁଇଜଣ ଆହତ ହୋଇଛନ୍ତି। ଏହି ଗ୍ରାମର ସୂର୍ଯ୍ୟସ୍ମିତା ନାୟକ ଘରେ ଥିବାବେଳେ ଏକ ମଙ୍କଡ଼କୁ ଦେଖି ବିସ୍କୁଟ ଖାଇବାକୁ ଦେଇଥିଲେ। ଏହି ସମୟରେ ମାଙ୍କଡ଼ଟି ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରେ ତାଙ୍କ ଶାଶୂ ମାଳତୀ ନାୟକ (୬୨) ଘରେ ଥିବା ବେଳେ ତାଙ୍କ ହାତକୁ ମଧ ମାଙ୍କଡ଼ଟି ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ପ୍ରଥମେ ବାଗୁଡ଼ି ଓ ପରେ ସୋର ଡାକ୍ତରଖାନାରେ ଚିକିତ୍ସା କରାଇବା ସହିତ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ମାଙ୍କଡ଼ଙ୍କୁ ଉଦ୍ଧାର କରି ନପାରି ଫେରିଯାଇଥିଲେ।

# ଯକୃତ ରୋଗୀଙ୍କୁ ସହାୟତାର ହାତ ବଢ଼ାଇଲା ସମାଜସେବୀ ମହାସଂଘ

ବାଲେଶ୍ୱର,୪।୭ (ସମିସ): ଯକୃତ ରୋଗରେ ପୀଡ଼ିତ ଜଣେ ବ୍ୟକ୍ତିଙ୍କୁ ସହାୟତାର ହାତ ବଢ଼ାଇଛି ବାଲେଶ୍ୱର ସମାଜସେବୀ ମହାସଂଘ। ବଡ଼ପାଳ ପଞ୍ଚାୟତ ମୟୂର ଗ୍ରାମର ଯୁବ ସମାଜସେବୀ କମଳାକାନ୍ତ ବେହେରା ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇବା ପରେ ଏବେ ତାଙ୍କର ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଛି। ଗରିବ ଅସହାୟ ବାପା ଛେଉଣ୍ଡ ୩୦ ବର୍ଷୀୟ କମଳାକାନ୍ତ ଚିକିତ୍ସା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଖବର ପାଇ ବାଲେଶ୍ୱର ସମାଜସେବୀ ମହାସଂଘ ସହିତ ଜଡ଼ିତ ସମସ୍ତ ସମାଜସେବୀ ସଂଗଠନ ପକ୍ଷରୁ ମିଳିତ ଭାବେ କୋଡ଼ିଏ ହଜାର ଟଙ୍କାର ଏକ ଚେକ୍ ମହାସଂଘର ସଦସ୍ୟମାନେ ତାଙ୍କ ଘରକୁ ଯାଇ ପ୍ରଦାନ କରିଛନ୍ତି। ଏଥିସହିତ




ଆଗାମୀ ଦିନରେ ମହାସଂଘ କମଳାକାନ୍ତ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାରର ସୁବିଧା ଯୋଗାଇଦେବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯକୃତ ରୋଗରେ ପୀଡ଼ିତ କମଳାକାନ୍ତ ମହାସଂଘକୁ କୃତଜ୍ଞତା ଜଣାଇବା ସହିତ ଓଡ଼ିଶାବାସୀ ନିଜର ସକ୍ଷମ ଅନୁଯାୟୀ ଆର୍ଥିକ ରାଶି ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

## 'ବୃକ୍ଷ ମିତ୍ର ସମ୍ମାନ'ରେ ସମ୍ମାନିତ ହେଲେ ଭବାନୀ

ବାଲେଶ୍ୱର,୪।୭ (ସମିସ): ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ବୃକ୍ଷ ମିତ୍ର ସମ୍ମାନରେ ସମ୍ମାନିତ ହେଲେ ଭବାନୀ ଶଙ୍କର ବେହେରା। ରେମୁଣା ଗଣେଶ୍ୱରପୁରରେ ଥିବା ଅଙ୍କୁର ତଥା ଜଗଦମ୍ବା ପୋଲିମୋରସ ଲିମିଟେଡ୍ ତରଫରୁ ରେମୁଣା ବ୍ଲକ ଅନ୍ତର୍ଗତ ଉଥୁଳି ଗ୍ରାମର ଭବାନୀ ଶଙ୍କର ବେହେରାଙ୍କୁ ବିଭିନ୍ନ ସ୍ଥାନରେ ୫ ଶହରୁ ଅଧିକ ଗଛ ଲଗେଇ ତାର ଯତ୍ନ ନେଇ ବଡ କରି ସବୁଜିମା ସୃଷ୍ଟି କରିବା ଓ ଅନ୍ୟାନ୍ୟ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏମଡି ସିପି ଭରତିଆ ଉତ୍ତରୀୟ ସହ ସମ୍ବର୍ଦ୍ଧନା ପତ୍ର ଦେଇ ବୃକ୍ଷ ମିତ୍ର ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ



କମ୍ପାନୀର ଏଚ୍ ଆର୍ ସତ୍ୟନାରାୟଣ ଦାସ, ଇନଚାର୍ଜ ଜୟଦେବ ମିଶ୍ର ଏବଂ ଅନ୍ୟ ସିନିଅର କର୍ମଚାରୀ ଏବଂ ଭବାନୀଙ୍କ ମା ଓ ସହଧର୍ମିଣୀ ଉପସ୍ଥିତ ଥିଲେ।

## ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅପରୂପାଙ୍କୁ ୨ ପଦକ

ସୋର, ୩।୭ (ସମିସ): ଦେବଭୂମି ଉତ୍ତରାଖଣ୍ଡ ହରିଦ୍ୱାରରେ ଆୟୋଜିତ ୪୨ ତମ ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ ଓଡ଼ିଶାର ସମ୍ପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ସର୍ବମୋଟ ୨୮ ଟି ପଦକ ଜିତିଥିବା ବେଳେ ସୋରର ଝିଅ ଅପରୂପା ଜେନା ୨ଟି ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ସେ ଖେରୋଗିରେ କ୍ୟାଡେଟ ବର୍ଗର ଅଣ୍ଡର ୪୯ କେଜି ବିଭାଗରେ ଗୋଟିଏ କାଂସ୍ୟ ପଦକ ଜିତିଥିବାବେଳେ ପୋମସି ହ୍ୱାଇଟ୍ ବେଲ୍ଟ ବିଭାଗରେ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ଦୀର୍ଘ ୨ ବର୍ଷର ନିରନ୍ତର ପ୍ରଚେଷ୍ଟା ସହିତ ପ୍ରଥମ ପ୍ରୟାସରେ ସେ ଏହି ସଫଳତା ପାଇଛନ୍ତି। ଏହି ଅବସରରେ ସୋର ତହସିଲଦାର ଦୈତାରି ମଲ୍ଲିକ, ଦେବେନ୍ଦ୍ର ପ୍ରସାଦ ଟ୍ରଷ୍ଟର ସଭାପତି ଅଞ୍ଜଳୀ ଦାସ ଓ ଉକ୍ତ ଟ୍ରଷ୍ଟର ସମ୍ପାଦକ ଚିନ୍ମୟନନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ଅପରୂପାକୁ ସମ୍ବର୍ଦ୍ଧିତ କରିଛନ୍ତି। ସେ ତାଙ୍କର ଏହି ସଫଳତା ର ଶ୍ରେୟ ତାଙ୍କର ଜେଜେବାପା ଏବଂ ବ୍ରାଭୋ ତାଏକ୍ୱୋଣ୍ଡୋ ଏକାଡେମୀର କୋଚ୍ ଓ ସମସ୍ତ ସହ ପ୍ରତିଯୋଗୀଙ୍କୁ ଦେଇଛନ୍ତି।

# ବନମହୋତ୍ସବରେ ଚାରା ରୋପଣ



କୁଆମରା,୪।୭ (ସମିସ): ଖୁଣ୍ଟା ବ୍ଲକ୍ ବାସିପିଠା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଡୁକୁରା ବନ ବିଭାଗ ମିଳିତ ଆନୁକୂଲ୍ୟରେ ୭୬ ତମ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ କଟୁଆଳଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଅତିଥି ଭାବେ ଡୁକୁରା ବନ ପାଳ ଖଗେଶ୍ୱର ସେଠୀ ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ। ବନ ରକ୍ଷକ ରଇଦନ ସିଂ ତଥା ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ ସହଯୋଗରେ ଛାତ୍ରଛାତ୍ରୀ ଜାମୁ, ପଣସ, ଅଶୋକ, ଦେବଦାରୁ, ଚମ୍ପା, ଅଁଳା, ପିଆଶାଳ, ବଉଳ ପ୍ରଭୃତି ବୃକ୍ଷ ରୋପଣ କରିଥିଲେ। ଏଥିସହ ବିଦ୍ୟାଳୟ ପରିଚାଳନା କମିଟି ସହଯୋଗରେ ଗ୍ରାମରେ ବୃକ୍ଷରୋପଣ ସଚେତନ କରାଯାଇଥିଲା।

# ପୂର୍ବତନ ସରପଞ୍ଚ ହରେକୃଷ୍ଣ ବେଜଙ୍କ ପରଲୋକ

ଭୋଗରାଇ,୪।୭ (ସମିସ): ଭୋଗରାଇ ବ୍ଲକ୍ ସୋହରିଆ ପଞ୍ଚାୟତ ରାଇପୁର ଗ୍ରାମର ପୂର୍ବତନ ସରପଞ୍ଚ ହରେକୃଷ୍ଣ ବେହେରାଙ୍କ ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ପ୍ରଥମେ ଅବିଭକ୍ତ ମନ୍ଦାରସାହି ପଞ୍ଚାୟତରେ ସରପଞ୍ଚ ରୁପେ କାର୍ଯ୍ୟ ତୁଲାଇଥିଲେ। ପରେ ସୋହରିଆ ପଞ୍ଚାୟତରେ ଦ୍ୱିତୀୟଥର ସରପଞ୍ଚ ହୋଇ କାର୍ଯ୍ୟତୁଲାଇ ବା ପରେ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେ ଜଣେ ଭଲ ପଞ୍ଚାୟତଦାର (ବିଚାରକ) ଭାବେ ଭୋଗରାଇ ସମେତ ପଶ୍ଚିମବଙ୍ଗ ଝାଡ଼ଖଣ୍ଡ ଆଦି ଜିଲ୍ଲାକୁ ଯାଇ ଗ୍ରାମୀଣ ବିଚାର କରି ଲୋକମାନଙ୍କ ଭିତରେ ଶୃଙ୍ଖଳା ଆଣି ଭାଇଚାରାରେ ବିବାଦ ସମାଧାନ କରୁଥିଲେ। ତାଙ୍କର ମରଶରୀରକୁ ଏକ ବିଦାୟକାଳୀନ ଶୋଭାଯାତ୍ରାରେ ଶହ ଶହ ଲୋକମାନେ ରାଇପୁର ଠାରୁ ଚୈକି, ଜଳସୋହରିଆ, ସୋହରିଆ ଆଦି ଭ୍ରମଣ



କରି ଗ୍ରାମର ଶ୍ମଶାନରେ ସତ୍କାର କରାଯାଇଥିଲା। ଏକମାତ୍ର ପୁଅ ପୂର୍ଣ୍ଣେନ୍ଦୁ କୁମାର ବେଜ ମୁଖା ଅଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁ ସମୟରେ ପୁଅ ପୁର୍ଣ୍ଣେନ୍ଦୁ ବେଜ ବୋହୂ ସସ୍ମିତା, ଝିଅ ରୀନାରାଣୀ, ଝିଲି ରାଣୀ ବେହେରା ନାତିନାତୁଣି ସ୍ତ୍ରୀ ଉପସ୍ଥିତ ଥିଲେ। ତାଙ୍କର ମର ଶରୀର ଦେଖିବା ପାଇଁ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ସୋହରିଆ ସରପଞ୍ଚ ଜଗନ୍ନାଥ ସେଠୀ, ଅନୀଲ ସାହୁ, ସରୋଜ ବେହେରା ପ୍ରମୁଖ ପହଞ୍ଚିଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର ଅଞ୍ଚଳରେ ସକର ଛାୟା ଖେଳିଯାଇଛି।

## ବନ୍ୟା ପୀଡ଼ିତଙ୍କ ପାଇଁ ଘରେ ଘରେ ରାସନ କାର୍ଯ୍ୟକ୍ରମ

**● ୫୦ ରୁ ଅଧିକ ପୀଡ଼ିତଙ୍କୁ ରାସନ କିଟ୍ ପ୍ରଦାନ**


ବାଲେଶ୍ୱର,୪।୭ (ସମିସ): ବନ୍ୟା ପୀଡ଼ିତଙ୍କ ପାଇଁ 'ଘରେ ଘରେ ଶୁଖିଲା ଖାଦ୍ୟସାମଗ୍ରୀ ବଣ୍ଟନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚଳିତ ବନ୍ୟାର ବନ୍ୟା ପୀଡ଼ିତଙ୍କ ପାଖରେ ସହଯୋଗ ପହଞ୍ଚାଇବାର କାର୍ଯ୍ୟ ଆରମ୍ଭ କରିଛି ଯୁବ ବିକାଶ। ପନ୍ଦର ଦିନରେ ଦୁଇ ଦୁଇ ଥର ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଏ ଅସୁବିଧା ସମୟରେ ଶୁଖିଲା ଖାଦ୍ୟ ସାମଗ୍ରୀ ପହଞ୍ଚାଇବା ଯୁବ ବିକାଶ ଏହି ପ୍ରୟାସ ଆରମ୍ଭ କରିଛି। ଦୀର୍ଘ ଦିନ ଧରି ଘର ପାଣିରେ ବୁଡ଼ିଥିବା ହେତୁ ଲୋକଙ୍କ ପାଖରେ ଯଥେଷ୍ଟ ଖାଦ୍ୟ ସାମଗ୍ରୀ ନଥିଲା। ତେଣୁ ଚୂଡ଼ା, ଗୁଡ଼ ଏବଂ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ପ୍ରଥମ ଦିନ ୧୭ ଜଣ ବ୍ୟକ୍ତି ୫୬ ପରିବାରକୁ ସହଯୋଗ ପହଞ୍ଚାଇବାର ହାତ ବଢ଼ାଇଥିଲେ। ବିଷ୍ଣୁପୁର ପଞ୍ଚାୟତର



ନୟାବାଲି ଆଉ ଆରୁହାବୃତ୍ତି ପଞ୍ଚାୟତରେ ଭିନ୍ନକ୍ଷମ ପରିବାରଙ୍କ ପାଖରେ ଏହି ଶୁଖିଲା ରାସନ ସାମଗ୍ରୀ ପହଞ୍ଚାଯାଇଛି।

# ବନ୍ୟା ସ୍ଥିତିର ସମୀକ୍ଷା କଲେ ବସ୍ତା ବିଧାୟିକା

ବାଲିଆପାଳ,୪।୭ (ସମିସ): ସୁବର୍ଣ୍ଣରେଖାରେ ଦୁଇଥର ବନ୍ୟାଆସି ବାଲିଆପାଳ ବ୍ଲକ୍ ନଦୀକୂଳିଆ ଗ୍ରାମ ଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି କରିଛି। କିଛି ଗ୍ରାମରେ ବନ୍ୟା ଜଳ କମିବା ପରେ ବନ୍ୟା ପରବର୍ତ୍ତୀ ଅବସ୍ଥାର ଅନୁଧ୍ୟାନ ପାଇଁ ବସ୍ତା ବିଧାୟିକା ସୁବାସିନୀ ଜେନା ଶୁକ୍ରବାର ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତର ଚଡପାଳପଡ଼ାରେ ପହଞ୍ଚି ଜନସାଧାରଣଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ କ୍ଷୟକ୍ଷତି ବାବଦରେ ପ୍ରଶାସନକୁ ତୁରନ୍ତ ସମାଧାନ ପାଇଁ କହିଥିଲେ। ବିଧାୟିକାଙ୍କ ସହ ସପନ ଦାସ, ବଂଶୀଧର ମାଝୀ ଓ ଦିବାକର ଦଳାଇଙ୍କ ସମେତ ବହୁ ବିଜେଡ଼ି ନେତା ଉପସ୍ଥିତ ଥିଲେ।



## ଅବକାରୀ ବିଭାଗର ଚଡଉ; ୩ ଗିରଫ

ମୋରଡା, ୪।୭ (ସମିସ): ମୋରଡା ଅବକାରୀ ବିଭାଗ ସାନମୁଣ୍ଡାବଣି ପଞ୍ଚାୟତର ବିଭିନ୍ନ ଗାଁରେ ତିନିଜଣ ଚୋରା ବେପାରୀଙ୍କୁ ଗିରଫ କରିଛି। ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ ଶୁକ୍ରବାର ସକାଳ ୮ଟାରେ ଶ୍ରୀ ରାଉତ ଏବଂ ତାଙ୍କ ଟିମ ଖୁଣ୍ଟାପାଳ, ସାନମୁଣ୍ଡାବଣି ଏବଂ ପାରିଆକୁଲି ଗ୍ରାମରେ ଚଢ଼ଉ କରି ୧୫, ୧୮ ଏବଂ ୨୦ ଲିଟର ବେଆଇନ ଦେଶୀ ମଦ ଜବତ କରିବା ସହିତ ମଦ ବେପାରୀ ରଜନୀ ସରେନ, ଯୋଗେନ ମାର୍ଣ୍ଡି ଏବଂ ଚିତ୍ତ ହାଁସଦାଙ୍କୁ ଗିରଫ କରିଛନ୍ତି।

## ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସମୟ ବୃଦ୍ଧି

ବାରିପଦା, ୪।୭ (ସମିସ): ଭଞ୍ଜପୁର-ପୁରୀ ଓ ଭଞ୍ଜପୁର-ଶାଳିମାରକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସମୟକୁ ବୃଦ୍ଧି କରାଯାଇଛି। ଏନେଇ ଦକ୍ଷିଣ ପୂର୍ବ ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭଞ୍ଜପୁର-ଶାଳିମାର ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଏବଂ ଭଞ୍ଜପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବ ସମୟ ସାରଣୀ ଅନୁଯାୟୀ ଦୁଇଟି ଟ୍ରେନ ଚଳାଚଳ କରିବ। ପୁରୀ ରେଳରୁଟର ଭାୟା ବାରିପଦା, ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଜଙ୍କସନ, ପିପିଲି ହୋଇ ପୁରୀ ରେଳ ଷ୍ଟେସନ ଷ୍ଟେସନରେ ପହଞ୍ଚିବ। ଜିଲ୍ଲାର ସମସ୍ତ ସ୍ଥାନୀୟ ରେଳ ଷ୍ଟେସନରେ ଟ୍ରେନଟି ରହିବ ବୋଲି ଉଲ୍ଲେଖ ଥିବା ସୂଚନା ମିଳିଛି।

## ଜୁଲାଇର ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ

ବାରିପଦା, ୪।୭ (ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ମାସର ପ୍ରଥମ ସୋମବାର ୭ ତାରିଖ ଜିଲ୍ଲା ମୁଖ୍ୟାଳୟ ତଥା ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଶୁଣାଣି ହେବ। ସେହିପରି ଦ୍ୱିତୀୟ ସୋମବାର ତାରିଖ ବାମନଘାଟି ଉପଖଣ୍ଡ ପାଇଁ ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ୨୧ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁଣାଣି ହେବ ଏବଂ ଚତୁର୍ଥ ସୋମବାର ୨୮ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ ଉପଜିଲ୍ଲାପାଳଙ୍କ ଉଦଳା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ଯାଏ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା/ ଉପଖଣ୍ଡସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଇଓ ଓ ସିଡିପିଓଙ୍କ ଉପସ୍ଥିତି ଏବଂ ଆପତ୍ତି ଅଭିଯୋଗପତ୍ରଗୁଡ଼ିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ।

# ଏକଲବ୍ୟ ବିଦ୍ୟାଳୟରେ ବନ ମହୋତ୍ସବ

ବହଳଦା,୪।୬ (ସମିସ): ବହଳଦା ବ୍ଲକ କାଦୁଆଣୀସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅଥିତି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାୟକ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ମା' ପାଇଁ ଗଛଟିଏ ଅଭିଯାନରେ ବ୍ୟାପକ ଭାବେ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଏଡିଡବ୍ଲୁଓ ଜ୍ଞାନେନ୍ଦ୍ର ସାମଲ , ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବ ପ୍ରସାଦ ରଥ ଏବଂ ବନ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ବାରିକଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପରିସରରେ ସାଂସଦ, ବିଧାୟକ ଓ ବନଖଣ୍ଡ ଅଧିକାରୀଙ୍କ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ବିଭିନ୍ନ ପ୍ରଜାତିର ଗଛର ଚାରା ରୋପଣ କରିଥିଲେ।



# ନୀଳଗିରି ବିଧାୟକଙ୍କ ନାମରେ ଏତଲା

ଭୋଗରାଇ,୪।୭ (ସମିସ)

ଭୋଗରାଇ ମହିଳା ବିଜୁ ଦଳ ପକ୍ଷରୁ ଆଜି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ଭୋଗରାଇ ଥାନାରେ ଏତଲା ଦିଆଯାଇଛି। ସୂଚନାଯୋଗ୍ୟ ଯେ ନୀଳଗିରି ବିଧାୟକ ଶ୍ରୀ ଖଟୁଆ ଗତ କିଛିଦିନ ତଳେ ବିଜେଡି ନାରୀ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଯାହା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ସମଗ୍ର ରାଜ୍ୟରେ ବିଧାୟକଙ୍କ ଏତାଦୃଶ ମନ୍ତବ୍ୟକୁ ନେଇ ନିନ୍ଦା କରାଯାଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରୁ ଏହା ଜଣା ପଡ଼ିଲା ପରେ ଭୋଗରାଇ ମହିଳା ବିଜୁ ଜନତା ଦଳ ତରଫରୁ ଏହା ମଧ ତୀବ୍ର ନିନ୍ଦା କରିବା ସହ ବିଧାୟକ ଶ୍ରୀ ଖଟୁଆଙ୍କ




ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭୋଗରାଇ ମହିଳା ବିଜେଡିର ସଭାନେତ୍ରୀ ନିବେଦିତା ମହାନ୍ତିଙ୍କ ସହିତ ଉପାଧକ୍ଷା ମୀନାରାଣୀ ସାସମଲ, ଜିଲ୍ଲା ପରିଷଦ ସଭ୍ୟା କବିତା ମହାନ୍ତି, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ, ସମିତି ସଭ୍ୟା ସସ୍ମିତା ଜେନା, ପୂର୍ବତନ ବ୍ଲକ୍ ଅଧକ୍ଷା ମଞ୍ଜୁରାଣୀ ବେହେରା, ପୂର୍ବତନ ସମିତି ସଭ୍ୟା ନମିତା ପାଳ ପ୍ରମୁଖ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଡବଲ ଇଂଜିନ ସରକାର ମହିଳାଙ୍କୁ ସର୍ବାଧିକ ଅଧିକାର ଦେଉଥିବା ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ତୃଣମୂଳସ୍ତରରେ ମହିଳାଙ୍କୁ ହୀନ ଆଖିରେ ଦେଖିବା ଏହା ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅଭିଯୋଗ କରିଛନ୍ତି। ଦଳର ନେତ୍ରୀମାନେ ଭୋଗରାଇ ଥାନା ଅଧିକାରୀ ରୋହିତ ବଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କଲା ସମୟରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି, ଜଳେଶ୍ୱରପୁର ପଞ୍ଚାୟତର ସରପଞ୍ଚ ବିରୁପାକ୍ଷ ଜେନା, ଦେହୁର୍ଦ୍ଦା ବିଜେଡି ସଭାପତି ମାନସ ଗାଙ୍ଗୁଲି, ହେମନ୍ତ ବେହେରା, ସନ୍ତୋଷ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜୀଉଙ୍କ ରାଜା ରାଜେଶ୍ୱର ବେଶ



**ରାଇରଙ୍ଗପୁର,୪।୭(ସମିସ):** ରାଇରଙ୍ଗପୁର ମା' ମାଉସୀ ମନ୍ଦିର ଆଡ଼ପ ମଣ୍ଡପରେ ଆଜି ନବମୀ ସଂଧ୍ୟା ଦର୍ଶନ ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଶୁକ୍ରବାର ମହାପ୍ରଭୁ କାଞ୍ଚି ଅଭିଯାନ ରାଜା ରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ପ୍ରବଳ ବର୍ଷାକୁ ଖାତିର ନ କରି ଭକ୍ତ ଠାକୁରଙ୍କ ଦର୍ଶନ ପାଇଁ ସକାଳେ ମଙ୍ଗଳ ଆଳତୀ ଏବଂ ସନ୍ଧ୍ୟାରେ ଆଳତୀ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭିଡ଼ ଲଗାଇଛନ୍ତି। ମହାପ୍ରଭୁଙ୍କ ପାଖରେ ଭୋଗ, ରାଗ, ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ନେଉଛନ୍ତି। ଶନିବାର ପୂର୍ବାହ୍ନରେ ପହଣ୍ଡି ବିଜେ ହେବେ ଏବଂ ଅପରାହ୍ନରେ ଛେରା ପହଁରା ପରେ ପୁରୁଷମାନେ ରଥକୁ ସାହୁ ଲଜ୍ ପର୍ଯ୍ୟନ୍ତ ଟାଣିକି ନେଇ ରବିବାର ମହିଳାମାନେ ଜଗନ୍ନାଥ ମାର୍କେଟ ପର୍ଯ୍ୟନ୍ତ ରଥକୁ ଟାଣି ପହଞ୍ଚାଇବେ। ରାତିରେ ସୁନାବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବେ।

## କରଞ୍ଜିଆ ବନଖଣ୍ଡରେ ୭୬ତମ ବନ ମହୋତ୍ସବ

**କରଞ୍ଜିଆ,୪।୭(ସମିସ):** କରଞ୍ଜିଆ ରେଞ୍ଜ ଅଧୀନ ସଂରକ୍ଷିତ ଜଙ୍ଗଲ ଶରଧା ଗ୍ରାମ ରାସ୍ତା ପାଶ୍ୱର୍ରେ ଆଜି ୭୬ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ୨୫୦ରୁ ଉର୍ଦ୍ଧ୍ୱ ଲିମ୍ବ, ପିଆଶାଳ, ପିଜୁଳି, କରଞ୍ଜ, ପନପଣିଆ ବାହାଡା, ଜାମୁ ଚାରାରୋପଣ କରାଯାଇଛି। ଡିଏଫଓ ପ୍ରଶାନ୍ତ ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜଙ୍ଗଲ ମନ୍ତ୍ରୀ ଇଂ ଗଣେଶରାମ ସିଂ ଖୁଣ୍ଟି ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ। ଏ.ସି.ଏଫ. ମଦନ ମହନ ମହାନ୍ତ, ରେଞ୍ଜ ଅଫିସର ପ୍ରଶାନ୍ତ ସ୍ୱାଇଁ, ପ୍ରଭାତ କୁଅଁର ଜୟ ସିଂ ମହାନ୍ତ, ସୁଜିତ ମହାନ୍ତ ଖୁଲଣା ଦେଓ ରଶ୍ମିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସହଯୋଗ କରିଥିଲେ। ଆଗାମୀ ଦିନରେ ୧୦ହଜାର ଚାରା ରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି।

## ସରଗଡା ସେକ୍ସନରେ ବନ ମହୋତ୍ସବ



**ରାଇରଙ୍ଗପୁର,୪।୭(ସମିସ):** ରାଇରଙ୍ଗପୁର ବନାଞ୍ଚଳ ଅଧୀନ ବିଭିନ୍ନ ଅଞ୍ଚଳରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ସ୍ୱୟଂସହାୟିକା ଗୋଷ୍ଠୀର ମହିଳାଙ୍କୁ ନେଇ ସରଗଡାର ବାଡୁଆ କଚ୍ଛା ଜଙ୍ଗଲରେ ଶହେରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ବନପାଳ ସୁକାନ୍ତି ମାର୍ଣ୍ଡି, ତରଙ୍ଗିଣୀ ମହାନ୍ତ, ଫରେଷ୍ଟ ଗାର୍ଡ ମୌସୁମି ମହାନ୍ତ, ପାରାଷ୍ଟପ୍ ଶିବଚରଣ ମୁର୍ମୁ, ଗ୍ରାମ ସାଥୀ ମେଘରାୟ ମାର୍ଣ୍ଡି ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଗ୍ରାମର ଅଙ୍ଗନବାଡି କେନ୍ଦ୍ରରେ ମଧ୍ୟ ଚାରାରୋପଣ କରାଯାଇଥିଲା।

### ମଦ ଦୋକାନ କର୍ମଚାରୀଙ୍କୁ ଗୁଳିକାଣ୍ଡ ଘଟଣା

# ୬ ଗିରଫ; ଦେଶୀ ବନ୍ଧୁକ, ବାଇକ୍, ମୋବାଇଲ ଜବତ



**ବାରିପଦା/କୁଳିଅଣା, ୪।୭(ସମିସ):** ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟରାଜପଥରବାଇଗଣବାଡିଆ ନିକଟରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ପୁଲିସକୁ ସଫଳତା ମିଳିଛି। ଘଟଣାରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ପାଖରୁ ଏକ ଦେଶୀ ବନ୍ଧୁକ, ୨ଟି ବାଇକ, ୫ଟି ମୋବାଇଲ ଓ ୧୫ଟି ସିମ କାର୍ଡ ଜବତ କରିଛି ପୁଲିସ। ଏନେଇ ଶୁକ୍ରବାର କୁଳିଅଣା ଥାନା ପରିସରରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲାର ବସ୍ତା ଥାନା ଅନ୍ତର୍ଗତ ମାନୁଡିହା ଗ୍ରାମର ଦେବେନ୍ଦ୍ର ଦାସ (୩୪) ଓ ମାନସ ଗିରି (୧୯), ଗଞ୍ଜାମ ଜିଲ୍ଲା ବୁଗୁଡା ଥାନା ଅନ୍ତର୍ଗତ କଞ୍ଚୁରୁ ଗ୍ରାମର ନାରାୟଣ ବେହେରା (୩୧), ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଗ୍ରାମର ଦେବବ୍ରତ ସାହୁ (୨୬), ଆସ୍କା ଥାନା ଅନ୍ତର୍ଗତ ଗୁଳାସାହି ଗ୍ରାମର ଦିଲ୍ଲୀପ କୁମାର ରାଓ (୫୫), ଭଞ୍ଜପୁର ଥାନା ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ଶିବଶଙ୍କର ବାରିକ (୨୯)। ଅନ୍ୟଜଣେ ଅଭିଯୁକ୍ତ ଆସ୍କା ଥାନା ଅନ୍ତର୍ଗତ ଡେଙ୍ଗାପଦରା ଗ୍ରାମର କୁନା ବାରିକ ଫେରାର ରହିଛି। ଘଟଣାରୁ ପ୍ରକାଶ ଯେ ଗତ ଜୁନ ୨୩ ତାରିଖରେ ଦିନ ଦ୍ୱିପ୍ରହରରେ ଘଟିଥିବା ଘଟଣାରେ ବିଦେଶୀ ମଦ ଦୋକାନରେ କାର୍ଯ୍ୟ କରୁଥିବା କୁଳିଅଣା ଥାନା ଅନ୍ତର୍ଗତ କାମତା ଗ୍ରାମର ଶିବାନନ୍ଦ ବାରିକଙ୍କ ଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡାଇବା ଉଦ୍ଦେଶ୍ୟରେ ଉପରୋକ୍ତ ଅଭିଯୁକ୍ତ ଗଣ ଆକ୍ରମଣ କରିବା ସହିତ ଗୁଳି ମାରିଥିଲେ। ଶିବାନନ୍ଦ ବାରିପଦାର ମାଲିକଙ୍କ ପାଖକୁ ବାଙ୍ଗିରିପୋଷି, ବୁଢାମରା ଓ କୁଳିଅଣା ବିଦେଶୀ ମଦ ଦୋକାନର

**● ୮ ଲକ୍ଷ ଟଙ୍କା ଲୁଟ ଉଦ୍ୟମ ବିଫଳ ହେବାରୁ କରିଥିଲେ ଗୁଳିକାଣ୍ଡ**

ବିକ୍ରି ହୋଇଥିବା ସମୁଦାୟ ୮ ଲକ୍ଷ ଟଙ୍କା ନେଇ ଦେବାକୁ ଆସୁଥିଲେ। ଉକ୍ତ ସମୟରେ ଲୁଟ ଉଦ୍ୟମ ବିଫଳ ହେବାରୁ ଗୁଳିକାଣ୍ଡ କରିଥିଲେ। ଘଟଣାର ମାଷ୍ଟର ମାଇଣ୍ଡ ଦେବବ୍ରତ ସାହୁ ଓରଫ ସାନୁ ବୁଢାମରା ସ୍ଥିତ ଜାତୀୟ ରାଜପଥ କଡ଼ରେ ଏକ ହୋଟେଲ ପରିସରରେ ଥିବା ବିଦେଶୀ ମଦ ଦୋକାନରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ସମ୍ପୃକ୍ତ ମାଲିକଙ୍କ ଶାଳକ ଅଟନ୍ତି। ଲୁଟ ନେଇ ସେ ପୂର୍ବରୁ ଯୋଜନା କରିଥିଲେ। ପୂର୍ବରୁ ସେ ଏକ ମାମଲାରେ ଗିରଫ ହୋଇ ବିଚାରବିଭାଗୀୟ ହାଜତରେ



ଥିଲେ। ସେଠାରେ ଅନ୍ୟ ଅଭିଯୁକ୍ତ ମାନଙ୍କ ସହ ତାଙ୍କର ସମ୍ପର୍କ ସୃଷ୍ଟି ହୋଇଥିଲା। ଜେଲରୁ ମୁକୁଳିବା ପରେ ଯୋଜନାବଦ୍ଧ ଭାବେ ଉକ୍ତ କାଣ୍ଡ ଭିଆଇଥିଲେ। ସେ ଟଙ୍କା ନେଇ ଯାଉଥିବାର ଦେବବ୍ରତ ସହଯୋଗୀଙ୍କୁ ଜଣାଇଥିଲେ। ଯାହାକୁ ନେଇ ସଭିଏଁ ପିଛାକରି ତାଙ୍କ ନିକଟରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେଥିରେ ସଫଳ ନ ହେବାରୁ ତାଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଇ ଚମ୍ପଟ ମାରିଥିଲେ। ତାଙ୍କ କାନ ଓ ଜଂଘରେ ଗୁଳି ବାଜି ପ୍ରବଳ ରକ୍ତପାତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ଘଟଣା ନେଇ ଡିଜିପିଙ୍କ ମାର୍ଗଦର୍ଶନରେ ପୂର୍ବାଞ୍ଚଳ ଡିଆଇଜି ଡ଼ ସତ୍ୟଜିତ ନାୟକ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ। ଛାନଭିନ କରି ପୁଲିସକୁ ସଫଳତା ମିଳିଛି। ସାମ୍ବାଦିକ ସମ୍ମିଳନୀରେ ବାରିପଦା ସଦର ଏସଡିପିଓ ପ୍ରଭାତ ମଲ୍ଲିକ, କୁଳିଅଣା ଥାନା ଅଧିକାରୀ ମଧୁମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗିରଫ ୬ ଜଣ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଫେରାର ଜଣକୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି ବୋଲି କହିଛନ୍ତି। ତେବେ ବୁଢ଼ାମରା ଅଞ୍ଚଳରେ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ହୋଟେଲ ଗୁଡିକ ବର୍ତ୍ତମାନ ଅପରାଧିକ କାର୍ଯ୍ୟକଳାପର ପେଣ୍ଠସ୍ଥଳ ସାଜିଛି। ବିଭିନ୍ନ ବେଆଇନ କାର୍ଯ୍ୟକଳାପ ହେଉଥିବା ନେଇ ପୁଲିସ, ଅବକାରୀ ବିଭାଗ ଓ ଜିଲ୍ଲା ପ୍ରଶାସନ ଜାଣି ସୁଦ୍ଧା ଚୁପ ହୋଇ ରହିଛନ୍ତି।

## ଟାଉନ୍ ଥାନା ସମ୍ମୁଖରୁ ବାଇକ୍ ଚୋରି

**ବାରିପଦା, ୪।୭(ସମିସ):** ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ବାଇକ ଚୋରି ଗ୍ୟାଙ୍ଗ ସକ୍ରିୟ ଥିବା ବେଳେ ତାଙ୍କ ନଜରରୁ ପୁଲିସ ଥାନା ମଧ୍ୟ ବର୍ତ୍ତିପାରିନାହିଁ। ବାରିପଦା ଟାଉନ ଥାନା ସମ୍ମୁଖରୁ ଜଣଙ୍କ ବାଇକ ଚୋରି ହୋଇଛି। ଏନେଇ ବାରିପଦା ଟାଉନ ଥାନାରେ ଡାଙ୍ଗରସାହି ଅଞ୍ଚଳର ଭଗତଚନ୍ଦ୍ର ସିଂ ଅଭିଯୋଗ କରିଛନ୍ତି। ସେ ବାରିପଦା ଟାଉନ ଥାନା ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ଫେରିବା ବେଳକୁ ଉକ୍ତ ସ୍ଥାନରେ ବାଇକ ନଥିଲା। ବହୁ ଖୋଜାଖୋଜି ପରେ ବାଇକ ପାଇନଥିଲେ। ଦୁର୍ବୃତ୍ତମାନେ ବାଇକ ଚୋରି କରିଥିବା ଜାଣି ସେ ଥାନାରେ ଅଭିଯୋଗ କରିଛନ୍ତି।

## ଯୁବକଙ୍କୁ ହତ୍ୟା ଅଭିଯୋଗ; ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

**କରଞ୍ଜିଆ,୪।୭(ସମିସ):** କରଞ୍ଜିଆ ବ୍ଲକ ତାଟୋ ପଞ୍ଚାୟତ ପାକୁଟସାହି ଗାଁର ଲକ୍ଷ୍ମଣ ହୋ (ଟୁଲୁ) କିଛି ଦିନ ହେବ ତାଟୋ ଗୋଷ୍ଠୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ କେଉଁଆଡେ ପଳାଇଛନ୍ତି। ଶୁକ୍ରବାର ସକାଳେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ; ହେଲେ ପାଇ ନ ଥିଲେ। ପରେ ଲକ୍ଷ୍ମଣଙ୍କୁ ଫୋନ କରିବାରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିକଟରେ ଜଙ୍ଗଲ ଭିତରେ ଥିବା ଏକ କାଜୁ ଗଛରେ ଝୁଲୁଥିବା ଜଣାପଡିଥିଲା। ଏ ନେଇ ପରିବାର ଲୋକେ କରଞ୍ଜିଆ ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବକୁ ଜବତ କରି ତଦନ୍ତ ଚଳାଇଛି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରି ୨୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଶତାଧିକ ଗାଡ଼ି ଛିଡ଼ା ହୋଇଛି। ଉପ ଜିଲ୍ଲାପାଳ ପ୍ରକାଶ ଦାସ, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ମହଲ୍ଲିକ ଓ ପୂର୍ବତନ ବିଧାୟକ ବିଜୟ କୁମାର ନାଏକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ଉଠିଥିଲା।

## ତୁହାକୁ ତୁହା ବର୍ଷା ପରେ ବି ଗୁଳୁଗୁଳି

**● ବାରିପଦାର ତାପମାତ୍ରା ରାଜ୍ୟରେ ସର୍ବୋଚ୍ଚ**

**ବାରିପଦା, ୪।୭(ସମିସ):** ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ଶୁକ୍ରବାର ତୁହାକୁ ତୁହା ବର୍ଷା ଜାରି ରହିଛି। ତେବେ ଇତି ମଧ୍ୟରେ ଗୁଳୁଗୁଳିର ମାତ୍ରା କମିବାର ନାଁ ନେଉନାହିଁ। ବୃଷ୍ଟିପାତ ନେଇ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବା ବେଳେ ଶୁକ୍ରବାର ଅପରାହ୍ନରୁ ଲଗାଣ ବର୍ଷା ବାରିପଦାରେ ହୋଇଛି। ଏହାପରେ ମଧ୍ୟ ବାରିପଦାର ତାପମାତ୍ରା ରାଜ୍ୟରେ ସର୍ବୋଚ୍ଚ ରହିଛି। ବାରିପଦାର ତାପମାତ୍ରା ୩୪ଡିଗ୍ରୀ ରେକର୍ଡ କରାଯାଇଛି। ଯାହାକି ରାଜ୍ୟର ସର୍ବାଧିକ ତାପମାତ୍ରା ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆଗକୁ ମଧ୍ୟ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି ଥିବା ବେଳେ ପ୍ରଭାବରେ ଜିଲ୍ଲାବ୍ୟାପୀ ବର୍ଷାର ମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ସୁରକ୍ଷା କର୍ମୀଙ୍କ ବନ୍ଧୁକରୁ ଫୁଟିଲା ଗୁଳି



**ଆନନ୍ଦପୁର, ୪।୭(ସମିସ):** ମେଡିକାଲ ରୋଡ୍‌ରେ ଥିବା ଏକ ଘରୋଇ ବ୍ୟାଙ୍କର ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବାକୁ ଆସିଥିବା ଏକ ଭ୍ୟାନର ସୁରକ୍ଷା କର୍ମୀଙ୍କ ବନ୍ଧୁକରୁ ବିନା କାରଣରେ ହଠାତ ଗୁଳି ଫୁଟିଛି। ଏହି ଘଟଣାରେ ସ୍ଥାନୀୟ ଲୋକ କିଛି ସମୟ ପାଇଁ ଭୟଭୀତ ହୋଇପଡ଼ିଥିବା ବେଳେ ଗୁଳିଟି କଂକ୍ରିଟ୍ ରାସ୍ତାରେ ବାଜି ଛିଟିକି ପଡ଼ିବା ସହ ସେତେବେଳେ ସେହି ରାସ୍ତାରେ ଯାଉଥିବା ଜଣେ ଯୁବତୀଙ୍କ ଗୋଡ଼ରେ କଂକ୍ରିଟ୍ ଖଣ୍ଡ ବାଜିଥିବା ଜଣାପଡ଼ିଛି। ଫଳରେ ଯୁବତୀ ଜଣଙ୍କ ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ଦାୟିତ୍ୱହୀନତାରୁ ଏଭଳି ହୋଇଥିବା ଜଣାପଡିଛି। ଏକ ବଡ ଅଘଟଣ ଅଳ୍ପକେ ଟଳିଯାଇଛି। ଏହି ଘଟଣାରେ ସମ୍ପୃକ୍ତ ସୁରକ୍ଷା କର୍ମୀ ଅନଭିଜ୍ଞ ବୋଲି ଆଲୋଚନାରୁ ଜଣାଯାଇଛି।

## ୭୦ ହଜାର ଟଙ୍କାର ମହୁଲ ଜବତ; ଜଣେ ଗିରଫ



**ଡୁରୁମୁଙ୍ଗା, ୪।୭(ସମିସ):** ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଡୁରୁମୁଙ୍ଗା ଗ୍ରାମର ଅଭିଯୁକ୍ତ ଅଧିକାରୀ ସାହୁଙ୍କ ଘରେ ଅବକାରୀ ବିଭାଗ ଏବଂ ଫ୍ଲାଇଂ ସ୍କ୍ୱାଡ ମିଳିତ ଭାବରେ ଚଢ଼ଉ କରିଥିଲେ। ଏଥିରେ ୧୪ କ୍ୱିଣ୍ଟାଲ ମହୁଲ ଜବତ କରିବା ସହ ବେଆଇନ ଭାବରେ ମହୁଲ ରଖିଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ମହୁଲର ଅନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଯୋଡ଼ା ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଘୋଷଯାତ୍ରାରେ ପ୍ରସାଦ ବଣ୍ଟନ



**ଯୋଡ଼ା, ୪।୭(ସମିସ):** ଯୋଡ଼ା ଖଣି ଅଞ୍ଚଳରେ ଘୋଷଯାତ୍ରାଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଭକ୍ତଙ୍କୁ ମାଉସୀ ମା' ମନ୍ଦିରରେ ଯୋଡ଼ା ଟ୍ରକ ମାଲିକ ସଙ୍ଘ ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଛି। ମନ୍ଦିର କମିଟିର ସହଯୋଗରେ ୮ ଦିନ ଧରି ଏହି କାର୍ଯ୍ୟକ୍ରମରେ ପ୍ରସାନ ସେବନର ବ୍ୟବସ୍ଥା କରାଯାଇଛି। ଗୁରୁବାର ଯୋଡ଼ାସ୍ଥିତ ମାଉସୀମା' ମନ୍ଦିରରେ ପାଖାପାଖି ଦୁଇ ହଜାର ଭକ୍ତଙ୍କ ନିମନ୍ତେ ସଙ୍ଘ ପକ୍ଷରୁ ସାତ୍ତ୍ୱିକ ଭୋଜନ ରୂପେ ମାଗଣା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଶୁକ୍ରବାର ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତର ଆନନ୍ଦବଜାରଠାରେ ୩-୪ ହଜାର ଭକ୍ତ ତଥା ପଞ୍ଚାୟତର ସମସ୍ତ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରସାଦ ସେବନ କରାଇବା ସହ ଜନସାଧାରଣ, ପ୍ରଭୁ ଜଗନ୍ନାଥଙ୍କ ଭକ୍ତବୃନ୍ଦ, ବିଭିନ୍ନ କମ୍ପାନୀର ଅଧିକାରୀ, କର୍ମଚାରୀଙ୍କୁ ପ୍ରସାଦ ସେବନ କରାଇଥିଲେ। ସଙ୍ଘର ସମ୍ପାଦକ ସୁଶାନ୍ତ ବାରିକଙ୍କ ସମେତ ସଭାପତି ମାତାପ୍ରସାଦ ଜୟସ୍ୱାଲ, କୋଷାଧ୍ୟକ୍ଷ ରାଜେଶ ରୋଶନ, ଉପସଭାପତି ବିଜୟ ଆପଟ ଯୋଗ ଦେବା ସହ ବିଭିନ୍ନ ମନ୍ଦିର କମିଟିର ସଦସ୍ୟ ଯୋଗ ଦେଇଥିଲେ।

## ଗୁରୁମା' ଆରତୀ ଲେଙ୍କାଙ୍କୁ ବିଦାୟ ସମ୍ବର୍ଦ୍ଧନା



**ରାମଚନ୍ଦ୍ରପୁର,୪।୭(ସମିସ):** ସରସ୍ୱତୀ ଶିଶୁ ମନ୍ଦିର ଅଳତି ସେବାବ୍ରତୀ ଆଚାର୍ଯ୍ୟା ଆରତୀ ଲେଙ୍କାଙ୍କୁ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ସଭାପତି ଡ. ରତିକାନ୍ତ ବରାଳଙ୍କ ସଂଯୋଜନାରେ ବରାଙ୍ଗ ସିଆରସି ବିଶିକେଶନ ଭୂୟାଁ ସମେତ କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ବ୍ୟକ୍ତିଗତ ଅସୁବିଧା ହେତୁ ତାଙ୍କ ନିଜ ଅଞ୍ଚଳକୁ ବଦଳି ହୋଇ ଯିବାକୁ ମନସ୍ଥ କରିବାରୁ ତାଙ୍କୁ ପରିଚାଳନା ସମିତି ସମ୍ପାଦକ ଓ ଶିକ୍ଷା ବିକାଶ ସମିତି ଓଡ଼ିଶା ତରଫରୁ ବଦଳି କରାଯାଇଛି। ଶିଶୁ ଭାଇ ଭଉଣୀ ଏବଂ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଗୁରୁଜୀ, ଗୁରୁମା, ସେବିକା ସହଯୋଗ କରିଥିଲେ।

**● ବିଶ୍ୱ ବନ ମହୋତ୍ସବ ସପ୍ତାହ**

## ଉପର ଚମ୍ପେଇ ଗ୍ରାମରେ ବନୀକରଣ

**କେନ୍ଦୁଝର, ୪।୭(ସମିସ):** ବାଂଶପାଳ ବ୍ଲକ ଉପର ଚମ୍ପେଇ ଗ୍ରାମରେ ବିଶ୍ୱ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବନୀକରଣ ଶୁଭାରମ୍ଭ ହୋଇଛି। ୩୨ହେକ୍ଟର ପରିମିତ ଜମିରେ ୫୧ହଜାର ୨୦୦ଚାରା ରୋପଣ କରାଯିବ। ଟାଙ୍ଗରପଡା, ଉପର ଚମ୍ପେଇ, ଗୌଡ଼ ଚମ୍ପେଇ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଚାରା ରୋପଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। କ୍ଷତିପୂରଣ ବନୀକରଣ ଯୋଜନାରେ କାମ୍ପା ଅନୁଦାନରେ ବନୀକରଣ କରାଯାଉଛି। ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ବନୀକରଣ କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ଡ. ସୁଦୀପ୍ତ କୁମାର ପଣ୍ଡା, ସୁରେନ୍ଦ୍ରନାଥ ହେମ୍ବ୍ରମ, ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, ତଳ ଚମ୍ପେଇ ସରପଞ୍ଚ ସୁଜାତା ମୁଣ୍ଡା, ଶୁଆକାଟୀ ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବନରକ୍ଷୀ ଚନ୍ଦ୍ରକାନ୍ତ ମହାନ୍ତ, ଗ୍ରାମର ୱାର୍ଡସଭ୍ୟ ସାଇବାଣୀ ଜୁଆଙ୍ଗ, ଟାଙ୍ଗରପଡା ଗ୍ରାମର ୱାର୍ଡସଭ୍ୟ ବନବାସୀ ଜୁଆଙ୍ଗ, ବିଦ୍ୟାଧର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ଜୋନାଲସ୍ତରୀୟ ଖୋ ଖୋ ପ୍ରତିଯୋଗିତା

# ୪ଟି ବର୍ଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚାମ୍ପିଅନ୍

**କେନ୍ଦୁଝର, ୪।୭(ସମିସ)**




କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲରେ ଅଲଓଡ଼ିଶା ଆସୋସିଏସନ ତରଫରୁ ଜୋନାଲ ସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନିର୍ମଳା କନଭେଣ୍ଟ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ମେରିଏଟ ଖେଳର ଶୁଭାରମ୍ଭ କରିଥିଲେ। ଏଥିରେ ବାଲେଶ୍ୱର ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲ, ଭଦ୍ରକ କାରମେଲ ସ୍କୁଲ, ଯୋଡା ସେଣ୍ଟ ଟେରେସା ସ୍କୁଲ, ବଡବିଲସ୍ଥିତ ସେଣ୍ଟ ମେରୀ ସ୍କୁଲ ଏବଂ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୧୯ ବର୍ଷରୁ କମ, ୧୭ ବର୍ଷରୁ କମ ଏବଂ ୧୪ ବର୍ଷରୁ କମ ଏହିପରି ୩ଟି ବିଭାଗରେ ୨୫୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୧୯ ବର୍ଷରୁ କମ ବରିଷ୍ଠ ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚାମ୍ପିଅନ, ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ସେହିପରି ୧୭ ବର୍ଷରୁ କମ ବର୍ଗର ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚାମ୍ପିଅନ, ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୭ ବର୍ଷରୁ କମ ବାଳିକା ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚାମ୍ପିଅନ, ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୪ ବର୍ଷରୁ କମ ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚାମ୍ପିଅନ, ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୪ ବର୍ଷରୁ କମ ବାଳିକା ବିଭାଗରେ ସେଣ୍ଟ ମେରୀ ସ୍କୁଲ ବଡବିଲ ଚାମ୍ପିଅନ, ସେଣ୍ଟ ଟେରେସା ସ୍କୁଲ ଯୋଡା ରନର୍ସଅପ ହୋଇଥିଲା। ନିର୍ମଳା କନଭେଣ୍ଟ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ମେରିଏଟ, ଭାଇସ ପ୍ରିନ୍ସିପାଲ ସିଷ୍ଟର ଟେସିନଙ୍କ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହୋଇଥିଲା। କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲର ଖେଳ ଶିକ୍ଷକଙ୍କ ସମେତ ବରିଷ୍ଠ ରେଫରୀଙ୍କ ଦ୍ୱାରା ଖେଳ ପରିଚାଳନା ହୋଇଥିଲା। ଜୋନାଲ ସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଚଳିତ ମାସ ୨୫ତାରିଖରେ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ରିଜିଓନାଲ ଖୋ-ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି।

## ୮ଟି ବସ୍ତାରେ ୧.୪ କୁଇଣ୍ଟାଲ ଗଞ୍ଜେଇ ସହ କାର୍ ଜବତ; ୨ ଗିରଫ

**କେନ୍ଦୁଝର, ୪।୭(ସମିସ):** କେନ୍ଦୁଝର ସଦର ପୁଲିସକୁ ଶୁକ୍ରବାର ଏକ ବଡ଼ ସଫଳତା ମିଳିଛି। ବିଶେଷ ସୂତରୁ ଖବର ପାଇ ଜାତୀୟ ରାଜପଥରେ ନାକାବନ୍ଦୀ କରି ୮ ବସ୍ତା ଗଞ୍ଜେଇ ସହିତ ଚୋରା ଗଞ୍ଜେଇ ନେଇଯାଉଥିବା କାରକୁ ପୁଲିସ ଜବତ କରିଛି। ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତ ୨ ଜଣଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଧଳା ରଙ୍ଗର କାର (ଓଡି ୦୨ସିଏମ ୮୯୨୮)ରେ ମୋଟ ୧ କ୍ୱିଣ୍ଟାଲ ୪୦ କିଲୋ ୪୪୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ସୂଚନା ଦିଆଯାଇଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲ୍ଲାର ଅମଲ ଦେହୁରୀ ଓ ଶୁଭେନ୍ଦୁ ବେହେରା। ଶୁକ୍ରବାର ସକାଳେ ୮.୩୦ ମିନିଟ୍ ସମୟରେ କେନ୍ଦୁଝର ସଦର ଥାନାର ଅମିତ କୁମାର ଭୂୟାଁଙ୍କୁ ଏକ ଗୁଇନ୍ଦା ତଥ୍ୟ ମିଳିଥିଲା। ପରେ ଏସଆଇ ସ୍ୱରୂପ ରଞ୍ଜନ ନାଏକ ଏବଂ ସୂର୍ଯ୍ୟନାରାୟଣ ରାଉତରାୟ ଜାତୀୟ ରାଜପଥ ନିକଟବର୍ତ୍ତୀ ବେଲେଦାଠାରେ ନାକାବନ୍ଦୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ କେନ୍ଦୁଝର ପଟୁ ପଶ୍ଚିମବଙ୍ଗ ଆଡ଼କୁ ଦ୍ରୁତ ଗତିରେ ଉକ୍ତ କାର୍‌ଟି ଯାଉଥିଲା ବେଳେ ପୁଲିସ ଟିମ୍ ତାକୁ ଅଟକାଇ ଯାଞ୍ଚ କରିଥିଲେ। କାର ଭିତରୁ ଗଞ୍ଜେଇ ଭର୍ତ୍ତି ବସ୍ତାକୁ ପୁଲିସ ତୁରନ୍ତ ଜବତ କରିବା ସହ ସଦର ଥାନା ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୧ • ପାଉଣ୍ଡ ୧୧୭.୩୭
- ୟୁରୋ ୧୦୧.୮୧ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୯,୦୫୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୭୪୮ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୨୩୯.୦୦
- ନିଫ୍ଟି ୨୫,୪୦୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ପୁଣି ଫୁଟିବ ଟ୍ରମ୍ପଙ୍କ ଟାରିଫ୍ ବୋମା

# ଅଗଷ୍ଟ ପହିଲାରୁ ଆମେରିକା ଲଗାଇବ ବୈଶ୍ୱିକ ଶୁଳ୍କ

ୱାଶିଂଟନ୍,୪।୭ (ଏଜେନ୍ସି)




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଟାରିଫ୍‌କୁ ନେଇ ବଡ଼ ଘୋଷଣା କରିଛନ୍ତି। ବାଣିଜ୍ୟିକ ଅଂଶୀଦାରମାନଙ୍କୁ ସେମାନଙ୍କର ଶୁଳ୍କ ହାର ବିଷୟରେ ଜଣାଇବା ପାଇଁ ଟ୍ରମ୍ପ୍ ପ୍ରଶାସନ ଚିଠି ପଠାଇବା ଆରମ୍ଭ କରିବ। ତେବେ ଉଚ୍ଚ ଆମେରିକା ଶୁଳ୍କକୁ ଏଡାଇବା ପାଇଁ ଭାରତ ସମେତ ବିଭିନ୍ନ ଦେଶ ସହିତ ଆମେରିକାର ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏଥର ଟ୍ରମ୍ପ୍ ନୂଆ ଟାରିଫ୍ ୧୦-୨୦%ରୁ ଆରମ୍ଭ ହୋଇ ୬୦- ୭୦% ପର୍ଯ୍ୟନ୍ତ ହେବ ବୋଲି ସୂଚନା ଦେଇଛନ୍ତି। ଅଗଷ୍ଟ ପହିଲାରୁ ଆମେରିକା ଏହି ବୈଶ୍ୱିକ ଶୁଳ୍କ ଲାଗୁ କରିବାକୁ ଯାଉଛି। ଟ୍ରମ୍ପ୍ ଗୁରୁବାର କହିଛନ୍ତି ଯେ ୧୨ ରୁ ୧୨ଦେଶକୁ ଶୁଳ୍କ ସମ୍ପର୍କରେ ଚିଠି ପଠାଯିବ ଏବଂ ଆଗାମୀ କିଛି ଦିନ ମଧ୍ୟରେ ଅତିରିକ୍ତ ଚିଠି ପଠାଯିବ।

ସୂଚନାଥାଉକି, ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରେ 'ଲିବରେସନ ଡେ ଟାରିଫ୍'ର ଘୋଷଣା କରିଥିଲେ। ଯେଉଁଥିରେ ଆମେରିକାକୁ ୧୦୦ରୁ ଅଧିକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲଗାଇବା କଥା କହିଥିଲେ। ଏହାର ଉଦ୍ଦେଶ୍ୟ ଘରୋଇ କ୍ଷେତ୍ରରେ ଉତ୍ପାଦନକୁ ବଢ଼ାଇବା। ଅବଶ୍ୟ, ଏହା ପୂର୍ବରୁ ଟ୍ରମ୍ପ ଏପ୍ରିଲ ୯ ରେ ଲାଗୁ ହେବାକୁ ଥିବା ଏହି ଟାରିଫ୍ ଉପରେ ୯୦ ଦିନର ରୋକ୍ ଲଗାଇଥିଲେ। ଏହି ରୋକ୍ ଜୁଲାଇ ୯ରେ ଶେଷ ହେଉଛି। ତେବେ ଏହି ନିଷ୍ପତ୍ତିର ପ୍ରଭାବ ସେହି ଦେଶଙ୍କ ଉପରେ ପଡ଼ିବ ଯେଉଁମାନେ ଆମେରିକାକୁ ବହୁଳ ମାତ୍ରାରେ ସାମଗ୍ରୀ ରପ୍ତାନୀ କରୁଛନ୍ତି। ଭାରତ, ଚୀନ, ଭିଏତନାମ, କାମ୍ବୋଡିଆ ଭଳି ଦେଶ ଏହାଦ୍ୱାରା ସିଧା ସଳଖ ପ୍ରଭାବିତ ହେବେ। ଏହାର ପ୍ରଭାବ ଉଭୟ ପକ୍ଷର ବାଣିଜ୍ୟ ଉପରେ ମଧ ଦେଖିବାକୁ ମିଳିପାରେ। ଏ ପର୍ଯ୍ୟନ୍ତ କେବଳ ବ୍ରିଟେନ, ଭିଏତନାମ ଏବଂ ଚୀନ ଆମେରିକା ସହ ବାଣିଜ୍ୟ ବୁଝାମଣା ଶେଷ କରିଛନ୍ତି। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯେଉଁ ଦେଶର ଚୁକ୍ତି ହୋଇନାହିଁ ସେମାନଙ୍କୁ ଅଧିକ ଟାରିଫ୍ ଦେବାକୁ ପଡ଼ିପାରେ। ଟ୍ରମ୍ପ୍ ଭିଏତନାମ ଏବଂ ଚୀନ୍ ସହିତ ଅନେକ ବାଣିଜ୍ୟ ଚୁକ୍ତି ଘୋଷଣା କରିଛନ୍ତି।

**ଟାରିଫ୍ ୧୦ %ରୁ ୭୦% ପର୍ଯ୍ୟନ୍ତ ହେବ**

**ଶୁକ୍ରବାର ୧୨ ଦେଶକୁ ପଠାଇବ ନୋଟିସ୍**

ସେ ଗତ ମାସରେ କହିଥିଲେ ଯେ ଆମେରିକା ଏବଂ ଭାରତ ଏକ ଚୁକ୍ତି ସ୍ୱାକ୍ଷର କରିପାରିବେ। ପାରସ୍ପରିକ ଶୁଳ୍କ ଘୋଷଣା ପରେ ଟ୍ରମ୍ପ ପ୍ରଶାସନ ଦ୍ୱାରା କିଛି ଦେଶ ସହିତ ଏକ ଚୁକ୍ତି କରିବା ପାଇଁ ଜୁଲାଇ ୯ ସମୟସୀମା ପୂର୍ବରୁ ଏହି ଘୋଷଣା କରାଯାଇଛି।

ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଭାରତର ଆଲୋଚନାକାରୀ ଦଳ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମାପ୍ତ କରିବା ପାଇଁ ଉଚ୍ଚସ୍ତରୀୟ ଆଲୋଚନାରେ ଯୋଗଦେବା ପାଇଁ ୱାଶିଂଟନରେ ଅଛନ୍ତି। ଭାରତ ଏବଂ ଆମେରିକୀୟ ଆଲୋଚନାକାରୀମାନେ ଜୁଲାଇ ୯ତାରିଖ ପୂର୍ବରୁ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବାକୁ ଲକ୍ଷ୍ୟ ରଖିଥିଲେ। ଏହାପରେ ସେପ୍ଟେମ୍ବର-ଅକ୍ଟୋବରରେ ଏକ ବୃହତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ପାଇଁ ଆଲୋଚନା ଜାରି ରହିବ ବୋଲି ଆଶା କରାଯାଉଛି। ଆମେରିକା ଏହାର କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟ ପାଇଁ ବ୍ୟାପକ ବଜାର ପ୍ରବେଶ ଦାବି କରୁଛି, ଯାହା ଭାରତ ପାଇଁ ଏକ ପ୍ରମୁଖ ବାଧା କାରଣ ଏହା ଦେଶର କ୍ଷୁଦ୍ର ଚାଷୀଙ୍କ ପାଇଁ ଜୀବିକା ସମସ୍ୟା ଏବଂ ତେଣୁ ଏହାକୁ ଏକ ସମ୍ବେଦନଶୀଳ କ୍ଷେତ୍ର ଭାବରେ ବିବେଚନା କରାଯାଏ।

## ୟୁଟ୍ୟୁବ୍-ଇନଷ୍ଟାଗ୍ରାମ ପରି ଟେଲିଗ୍ରାମରୁ ୟୁଜର କରିବେ ରୋଜଗାର

ନୂଆଦିଲ୍ଲୀ,୪।୭ (ଏଜେନ୍ସି)

ଏବେ ଟେଲିଗ୍ରାମ୍ କେବଳ ଏକ ମେସେଜିଂ ଆପ୍ ନୁହେଁ, ବରଂ ଏହା ରୋଜଗାର ପାଇଁ ଏକ ବଡ଼ ପ୍ଲାଟଫର୍ମ ପାଲଟିଛି। ସାରା ବିଶ୍ୱରେ କୋଟି କୋଟି ବ୍ୟବହାରକାରୀ ଏହାକୁ ବ୍ୟବହାର କରନ୍ତି। କିନ୍ତୁ ଏହି ଟ୍ରେଣ୍ଡ ୨୦୨୫ରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଯଦି ଜଣେ ଟେଲିଗ୍ରାମକୁ ସଠିକ ଭାବରେ ବ୍ୟବହାର କରନ୍ତି, ତେବେ ପ୍ରତ୍ୟେକ ମାସରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରିବେ। ତାହା ପୁଣି ମୋବାଇଲରେ ଘରେ ବସି।

ଟେଲିଗ୍ରାମରେ ଏକ ଦେୟଯୁକ୍ତ ବା ପେଡ୍ ଚ୍ୟାନେଲ କିମ୍ବା ଗ୍ରୁପ୍ ତିଆରି କରି ଆପଣ ଭଲ ଟଙ୍କା ରୋଜଗାର କରିପାରିବେ। ଯଦି ୟୁଜର ସେୟାର ମାର୍କେଟ୍, କରେଣ୍ଟ ଆଫାୟର୍ସ, କ୍ୟାରିଅର୍ ଗାଇଡେନ୍ସ, ମୋଟିଭେସନ କିମ୍ବା ଫିଟନେସ୍ ଭଳି କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଜ୍ଞାନ ଅଛି, ତେବେ ଆପଣ ଦେୟଯୁକ୍ତ ସଦସ୍ୟତା ବା ପେଡ ମେମ୍ବରସିପ୍ ସହିତ ଏକ ଚ୍ୟାନେଲ ଆରମ୍ଭ କରିପାରିବେ। ଟେଲିଗ୍ରାମରେ, ଆପଣ ନିଜେ ତିଆରି କରିଥିବା ଡିଜିଟାଲ ଜିନିଷ ଯେପରିକି, ଇ-ବୁକ୍ସ, କୋର୍ସ, ଡିଜାଇନ୍ ଟେମ୍ପଲେଟ୍, ୱାଲପେପର୍



ପ୍ୟାକ୍ କିମ୍ବା ନୋଟ୍ସ ବିକ୍ରି କରିପାରିବେ। ଆପଣ କୌଣସି ୱେବସାଇଟ୍ ବିନା ଏହି ବ୍ୟବସାୟ ଆରମ୍ଭ କରିପାରିବେ। ଟେଲିଗ୍ରାମରେ ଯଦି ଆପଣଙ୍କର ବହୁତ ଫଲୋଅର୍ସ ଅଛନ୍ତି, ତେବେ ଆପଣ ଆମାଜନ୍, ଫ୍ଲିପ୍‌କାର୍ଟ, ମେସୋ କିମ୍ବା ଅନ୍ୟ କମ୍ପାନୀର ଆଫିଲିଏଟ୍ ଲିଙ୍କ୍ ସେୟାର କରିପାରିବେ। ଯଦି ଆପଣଙ୍କର ଟେଲିଗ୍ରାମ ଚ୍ୟାନେଲରେ ହଜାର ହଜାର ସବସ୍କ୍ରାଇବର୍ ଅଛନ୍ତି, ତେବେ ଅନ୍ୟ ବ୍ରାଣ୍ଡ କିମ୍ବା ଚ୍ୟାନେଲଗୁଡ଼ିକ ପ୍ରଚାର ପାଇଁ ଆପଣଙ୍କ ସହିତ ଯୋଗାଯୋଗ କରିବେ।

## ଭାରତ-ଆମେରିକା ମଧ୍ୟରେ ଏକ କ୍ଷୁଦ୍ର ବାଣିଜ୍ୟ ଚୁକ୍ତିର ସମ୍ଭାବନା

ନୂଆଦିଲ୍ଲୀ,୪।୭ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ସମସ୍ତ ଦେଶ ପାଇଁ ବାଣିଜ୍ୟ ଚୁକ୍ତିର ଶେଷ ତାରିଖ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ରିପୋର୍ଟ ଅନୁଯାୟୀ,



ଜୁଲାଇ ୯ତାରିଖ ପୂର୍ବରୁ ଭାରତ ଏବଂ ଆମେରିକା ମଧ୍ୟରେ 'ମିନି ବାଣିଜ୍ୟ ଚୁକ୍ତି' ହେବାର ସମ୍ଭାବନା ରହିଛି। ଏହା ବିଶ୍ୱାସ କରାଯାଉଛି ଯେ ଦୁଇ ଦେଶ ମଧ୍ୟରେ ଅନେକ ପଏଣ୍ଟରେ ଏକ ଚୁକ୍ତି ହୋଇଛି। ଏହି ଚୁକ୍ତି ଆଗାମୀ ଦୁଇ-ତିନି ଦିନ ମଧ୍ୟରେ ହୋଇପାରିବ। ଏହାକୁ ଏକ କ୍ଷୁଦ୍ର ବାଣିଜ୍ୟ ଚୁକ୍ତି ବୋଲି କୁହାଯାଉଛି। କାରଣ ଭାରତ ଏବଂ ଆମେରିକା ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁ ଥିବା ୪୩ ଲକ୍ଷ କୋଟି ଟଙ୍କାର ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଧ୍ୟାନ ଦେଉଛନ୍ତି।

ୱାଶିଂଟନରେ ବାଣିଜ୍ୟ ଆଲୋଚନାରେ, ଭାରତ କୃଷି କ୍ଷେତ୍ରରେ ଆମେରିକାକୁ ପ୍ରବେଶ ଦେବାକୁ ମନା କରିଦେଇଛି। ଯେତେବେଳେ ଆମେରିକା ଭାରତରେ ଜେନେଟିକାଲି ପରିବର୍ତ୍ତିତ ଫସଲ ଉତ୍ପାଦ ପାଇଁ ବଜାର ଯୋଗାଇବାକୁ ଦାବି କରିଆସୁଛି। ଭାରତର ମନୋଭାବକୁ ଦେଖି, ଆମେରିକା ବର୍ତ୍ତମାନ ପାଇଁ କୃଷି କ୍ଷେତ୍ରରେ ପ୍ରବେଶ ପାଇଁ ଚାପ ନ ପକାଇବାକୁ ନିଷ୍ପତ୍ତି ନେଇଛି। ଯେତେବେଳେ ଭାରତ ଶ୍ରମ ସଘନ କ୍ଷେତ୍ର ପୋଷାକ, ରତ୍ନ-ଅଳଙ୍କାର ଏବଂ ଚମଡା ଉତ୍ପାଦ ଉପରେ ଆମେରିକାର ଶୁଳ୍କ ହ୍ରାସ କରିବା ଉପରେ ଅଟଳ ରହିଛି। ଭାରତ କହିଛି ଯେ ବିଟିଏ ପରେ ତିନି ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟର ପ୍ରକୃତ ସଂଖ୍ୟା ବାହାରକୁ ଆସିବା ଆରମ୍ଭ ହେବ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ହେବ। କିନ୍ତୁ ୯ ଜୁଲାଇ ପୂର୍ବରୁ ଚୁକ୍ତିର ସମସ୍ତ ବ୍ୟବସ୍ଥା ପ୍ରକାଶ କରିବା କଷ୍ଟକର। କାରଣ ଚୁକ୍ତିର ଅନେକ ବ୍ୟବସ୍ଥା ଉପରେ ସହମତ ହେବା ଆବଶ୍ୟକ। ଟ୍ରମ୍ପ ମଧ ଚୀନ୍ ଏବଂ ବ୍ରିଟେନ ସହିତ ଏକ ଚୁକ୍ତି କରିଥିଲେ କିନ୍ତୁ ଏହାର ବ୍ୟବସ୍ଥା ବିଷୟରେ କହି ନଥିଲେ। ପ୍ରଥମ

**ଭାରତ କୃଷି କ୍ଷେତ୍ରରେ ନୋ ଏଣ୍ଟ୍ରିକୁ ନେଇ ଦୃଢ଼ ରହିଛି**

ପର୍ଯ୍ୟାୟରେ, ଭାରତରୁ କେବଳ ଚୁକ୍ତି ଘୋଷଣା କରାଯିବ। ଭାରତ କୃଷି କ୍ଷେତ୍ର ଖୋଲିବ ନାହିଁ କାରଣ ଆମର ୬୦% ଜନସଂଖ୍ୟା ଏହା ଉପରେ ନିର୍ଭରଶୀଳ। ଆମେରିକାର ୧% ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। ଭାରତ ଆମେରିକାରୁ ଶକ୍ତି ଏବଂ ପ୍ରତିରକ୍ଷାର ବଡ଼ କ୍ରୟ କରି ଏହାର କ୍ଷତିପୂରଣ ଦେବ। କ୍ରୟ ପୂର୍ବରୁ ଆରମ୍ଭ ହୋଇସାରିଛି। ଏହାସହିତ, ଭାରତ ବଜେଟରେ ଅନେକ ଆମେରିକୀୟ ଉତ୍ପାଦ ପାଇଁ ଶୁଳ୍କ ହ୍ରାସ ଘୋଷଣା କରିଛି। ଏଥିରେ ଆମେରିକୀୟ ମୋଟରସାଇକେଲ ଏବଂ ହ୍ୱିସ୍କି ଅନ୍ତର୍ଭୁକ୍ତ।

### ରିଜର୍ଭ ବ୍ୟାଙ୍କର ନୂଆ ନିୟମ

# ଫ୍ଲୋଟିଂ ସୁଧ ହାର ଲାଗିଥିବା ଋଣରେ ପ୍ରି-ପେମେଣ୍ଟ ଚାର୍ଜ ଶେଷ

ନୂଆଦିଲ୍ଲୀ,୪।୭ (ଏଜେନ୍ସି)




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦେଶର ଋଣକାରୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଆରବିଆଇ ଫ୍ଲୋଟିଂ ସୁଧ ହାରରେ ଲଗାଯାଇଥିବା ଋଣ ଉପରେ ପ୍ରି-ପେମେଣ୍ଟ ଚାର୍ଜ ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛି। ରିଜର୍ଭ ବ୍ୟାଙ୍କର ଏହି ନିୟମ ୨୦୨୬ ଜାନୁଆରୀ ପହିଲାଠାରୁ ଲାଗୁ ହେବ। ଏହି ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ସମୟ ପୂର୍ବରୁ ନିଜ ଋଣ ଅଧା କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରୁଥିଲେ, ସେତେବେଳେ ବ୍ୟାଙ୍କ ଏହି ଶୁଳ୍କ ନେଇଥାଏ। ନୂଆ ନିୟମ ସବୁ ବ୍ୟାଙ୍କ ଓ ନନ୍-ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫସି) ସମେତ ରେଗୁଲେଟେଡ୍ ଇନଷ୍ଟିଚ୍ୟୁସନ୍ ପାଇଁ ବାଧ୍ୟତାମୂଳକ ରହିବ। ଏହି ନିୟମ ଲାଗୁ ହେବା ପରେ କୋଟି କୋଟି ଋଣକାରୀ, ବିଶେଷ କରି ଗୃହ ଋଣ ଓ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିବା ଲୋକଙ୍କୁ ସିଧାସଳଖ ଲାଭ ମିଳିବ।

**୨୦୨୬ ଜାନୁଆରୀରୁ ହେବ ଲାଗୁ**

ଏହି ନିଷ୍ପତ୍ତି ସେହି ଲୋକମାନଙ୍କୁ ଲାଭ ଦେବ ଯେଉଁମାନେ ଅଣ-ବାଣିଜ୍ୟିକ କାର୍ଯ୍ୟ ପାଇଁ ଫ୍ଲୋଟିଂ ହାରରେ ଋଣ ନେଇଛନ୍ତି। କୌଣସି ବ୍ୟାଙ୍କ କିମ୍ବା ଏନ୍‌ବିଏଫ୍‌ସି ଏପରି ସମସ୍ତ ଋଣ ଉପରେ ପ୍ରି-ପେମେଣ୍ଟ ଶୁଳ୍କ ଆଦାୟ କରିପାରିବେ ନାହିଁ। ଏହା ବ୍ୟତୀତ, ଯଦି ଜଣେ ବ୍ୟକ୍ତି ବ୍ୟବସାୟ ପାଇଁ ଋଣ ନେଇଛନ୍ତି କିମ୍ବା ଏକ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଛନ୍ତି, ତେବେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମଧ ପ୍ରି-ପେମେଣ୍ଟ ଶୁଳ୍କ ଆଦାୟ କରିବେ ନାହିଁ। ଏହି ଛାଡ଼ ସୁବିଧା କିଛି ନିର୍ଦ୍ଦିଷ୍ଟ ବର୍ଗର ପ୍ରତିଷ୍ଠାନ ଯଥା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ,ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ସ୍ଥାନୀୟ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକ,ଟାୟାର-୪ ସହରାଞ୍ଚଳ ସମବାୟ ବ୍ୟାଙ୍କ,ଏନ୍‌ବିଏଫ୍‌ସି-ଉପର ସ୍ତର ଏବଂ ଅଲ୍ ଇଣ୍ଡିଆ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନ୍‌କୁ ମିଳିବ ନାହିଁ।

ଯଦି ଜଣେ ବ୍ୟକ୍ତି କିମ୍ବା ଏମ୍‌ଏସ୍‌ଏମ୍‌ଇ ଉପରୋକ୍ତ ସଂସ୍ଥାଗୁଡ଼ିକରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଇଛନ୍ତି, ତେବେ ଏହା ଉପରେ ପ୍ରି-ପେମେଣ୍ଟ ଚାର୍ଜ ନିଆଯିବନାହିଁ। ଏଥିରେ ଟାୟାର-୩ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ, ରାଜ୍ୟ ଏବଂ କେନ୍ଦ୍ରୀୟ କୋ-ଅପରେଟିଭ୍ ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସି–ଉଚ୍ଚ ସ୍ତର ଅନ୍ତର୍ଭୁକ୍ତ। ଆରବିଆଇ କହିଛି ଯେ ତଦନ୍ତରୁ ଜଣାପଡିଛି ଯେ ଅନେକ ନିୟାମକ ପ୍ରତିଷ୍ଠାନ ପ୍ରି-ପେମେଣ୍ଟ ଚାର୍ଜ ସମ୍ପର୍କରେ ଭିନ୍ନ ନୀତି ଗ୍ରହଣ କରୁଛନ୍ତି। ଏହା ଗ୍ରାହକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ବିବାଦ ସୃଷ୍ଟି କରୁଥିଲା। ଏହା ବ୍ୟତୀତ କିଛି ସଂସ୍ଥା ଋଣ ଚୁକ୍ତିରେ ଏପରି ରିଷ୍ଟ୍ରିକ୍ଟିଭ କ୍ଲଜ୍‌କୁ ସାମିଲ କରୁଛନ୍ତି, ଯାହାଦ୍ୱାରା ଗ୍ରାହକ କମ ସୁଧ ହାର ବିକଳ୍ପକୁ ବାଛିପାରୁ ନ ଥିଲେ । ଆରବିଆଇ କହିଛି ଯେ ଏହି ରିଆତି ଋଣ ପରିଶୋଧର ଉତ୍ସ ଉପରେ ନିର୍ଭର କରିବ ନାହିଁ। ଅର୍ଥାତ୍, ଋଣ ଆଂଶିକ ହେଉ କିମ୍ବା ସମ୍ପୂର୍ଣ୍ଣ ପରିଶୋଧ ହେଉ, କୌଣସି ଚାର୍ଜ ଦେବାକୁ ପଡ଼ିବନାହିଁ। ଏହାସହ କୌଣସି ପ୍ରକାର ଲକ୍-ଇନ୍ ପିରିୟଡ୍ ବାଧ୍ୟତାମୂଳକ ହେବନାହିଁ।

## ଭାରତୀୟ ଆଇଫୋନ୍ ପ୍ଲାଣ୍ଟରୁ ଚୀନ୍ କର୍ମଚାରୀଙ୍କୁ ଫେରାଇନେଲା ଫକ୍ସକନ୍

ନୂଆଦିଲ୍ଲୀ,୪।୭ (ଏଜେନ୍ସି): ଆପଲର ସବୁଠାରୁ ବଡ଼ ଆଇଫୋନ ନିର୍ମାତା ଫକ୍ସକନ ଏହାର ଭାରତୀୟ ଉତ୍ପାଦନ ୟୁନିଟ୍‌ରୁ କାର୍ଯ୍ୟରତ ଚୀନ୍‌ର କର୍ମଚାରୀଙ୍କୁ ହଟାଇଦେଇଛି। କମ୍ପାନୀ କେବଳ ୩୦୦ ରୁ ଅଧିକ ଚୀନ୍ ଇଞ୍ଜିନିୟର ଏବଂ ଟେକ୍ନିସିଆନଙ୍କୁ ଭାରତରୁ ଫେରାଇଦେଇଛି। ବ୍ଲୁମବର୍ଗ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏ ସମ୍ପର୍କରେ କୁହାଯାଇଛି। ଆପଲ ଭାରତରେ ତା'ର ଆଇଫୋନ-୧୭ର ନିର୍ମାଣ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଫକ୍ସକନର ଏହି ପଦକ୍ଷେପ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଆମେରିକା-ଚୀନ ମଧ୍ୟରେ ଶୁଳ୍କ ଏବଂ ବାଣିଜ୍ୟ ବିବାଦ ମଧ୍ୟରେ ବ୍ୟାପକ ଭୂରାଜନୈତିକ ପରିସ୍ଥିତି ପରିପ୍ରେକ୍ଷୀରେ କମ୍ପାନୀ କାହିଁକି ଏ ନିଷ୍ପତ୍ତି ନେଇଛି ସେ ନେଇ ଏବେ ପ୍ରଶ୍ନ ଉଠିଛି। ରିପୋର୍ଟ ଅନୁସାରେ ଗତ ଦୁଇ ମାସ ମଧ୍ୟରେ ୩୦୦ ରୁ ଅଧିକ ଚୀନ୍ କର୍ମଚାରୀ ଫକ୍ସକନ୍ ଇଣ୍ଡିଆ ଆଇଫୋନ୍ ଆସେମ୍ବଲି ପ୍ଲାଣ୍ଟ ଛାଡ଼ି ଦେଇଛନ୍ତି। ତେବେ ହଠାତ୍ ଏଭଳି ପଦକ୍ଷେପ ବିଷୟରେ କୌଣସି ସ୍ପଷ୍ଟତା ମିଳିପାରି ନାହିଁ।ତାଇୱାନର ଫକ୍ସକନ୍ ସମ୍ପ୍ରତି ତାମିଲନାଡୁର ଓରାଗାଡାମ୍‌ରେ ଇଏଓଆର୍ ଶିଳ୍ପ ପାର୍କ ମଧ୍ୟରେ ଏକ ନୂଆ ୟୁନିଟ୍ ସ୍ଥାପନ କରିଛି। ଫକ୍ସକନର ଏହି ନିବେଶ ଭାରତରେ ସପ୍ଲାୟର ମଧ୍ୟରେ ବିବିଧତା ଆଣିବାକୁ ଆପଲ ଏକ ପ୍ରୟାଶ ବୋଲି ଏହି ଇଟି ରିପୋର୍ଟ କରିଛି। ମେ ମାସରେ, ଫକ୍ସକନ୍ ଏହାର ଦେବନାହଲ୍ଲି ପ୍ଲାଣ୍ଟରେ ୨.୫୬ ବିଲିୟନ ଡଲାର ନିବେଶ କରିଥିଲା। ଡିସେମ୍ବର ସୁଦ୍ଧା ୧୦୦,୦୦୦ ଆଇଫୋନ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିଲା। ଏହି ଫେସିଲିଟିରେ ମୁଖ୍ୟତଃ ମହିଳା କର୍ମଚାରୀଙ୍କ ପାଇଁ ବାସସ୍ଥାନକୁ ପ୍ରାଥମିକତା ଦିଆଯାଇଥିଲା, ଯେଉଁଥିରେ ୩୦,୦୦୦ କର୍ମଚାରୀଙ୍କ ପାଇଁ ଘର ରହିବ।

# ଭାରତୀୟ ବଜାରକୁ ଉଠାଉଥିଲା ପକାଉଥିଲା ଆମେରିକୀୟ କମ୍ପାନୀ

ନୂଆଦିଲ୍ଲୀ,୪।୭ (ଏଜେନ୍ସି)




ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଆମେରିକୀୟ ବାଣିଜ୍ୟ ସଂସ୍ଥା ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଏବଂ ଏହା ସହିତ ଜଡିତ ୩ଟି କମ୍ପାନୀକୁ ନିଷିଦ୍ଧ କରିଛି। ଆମେରିକୀୟ ବାଣିଜ୍ୟ ସଂସ୍ଥା ଉପରେ ଇଣ୍ଡେକ୍ସ ବା ସୂଚକାଙ୍କ ଶେଷ ହେବା ଦିନ ମୂଲ୍ୟରେ ହେରଫେର କରିଥିବା ଅଭିଯୋଗ ହୋଇଛି। ସେବି ୪୮୪୩.୫୭ କୋଟି ଟଙ୍କାର ବେଆଇନ ରୋଜଗାର ଜବତ କରିବାକୁ ମଧ ନିର୍ଦ୍ଦେଶ ଦେଇଛି। ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଏତାଦୃଶ କାର୍ଯ୍ୟ କରି ଭାରତୀୟ ବଜାରକୁ ଉଠାଉଥିଲା ପକାଉଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ଜେନ୍ ଷ୍ଟ୍ରିଟ୍ ଏକ ଆମେରିକୀୟ ବାଣିଜ୍ୟ କମ୍ପାନୀ ଯାହା ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଏବଂ ଗାଣିତିକ ମଡେଲ୍ ବ୍ୟବହାର କରି ଷ୍ଟକ୍ ବଜାରରେ ବ୍ୟବସାୟ କରେ। ଏହି କମ୍ପାନୀ ଭାରତରେ ଡେରିଭେଟିଭ୍ସ ବଜାରରେ, ବିଶେଷକରି ବ୍ୟାଙ୍କ ନିଫ୍ଟି ଏବଂ ନିଫ୍ଟି ୫୦ ଇଣ୍ଡେକ୍ସ ବିକଳ୍ପରେ ବ୍ୟାପକ ଭାବରେ ବାଣିଜ୍ୟ କରୁଥିଲା। ସେବି ଜେନ୍ ଷ୍ଟ୍ରିଟ୍ ସହିତ ଜେଏସ୍୨ ଇନଭେଷ୍ଟମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ଜେନ୍ ଷ୍ଟ୍ରିଟ୍ ସିଙ୍ଗାପୁର ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜେନ୍ ଷ୍ଟ୍ରିଟ୍ ଏସିଆ ଟ୍ରେଡିଂ ଲିମିଟେଡ୍ କୁ ଷ୍ଟକ୍ ବଜାର କାରବାରରୁ ନିଷିଦ୍ଧ କରିଛି। ସେବି କହିଛି ଯେ ଜେନ୍ ଷ୍ଟ୍ରିଟ୍ ଜାଣିଶୁଣି ଶେଷ ହେବା ଦିନ ବ୍ୟାଙ୍କ ନିଫ୍ଟି ଏବଂ ନିଫ୍ଟି ୫୦ ପରି ସୂଚକାଙ୍କର ମୂଲ୍ୟକୁ ପ୍ରଭାବିତ କରିଥିଲା।

କମ୍ପାନୀ ଇନଟ୍ରା-ଡେ ଇଣ୍ଡେକ୍ସରେ ହେରଫେର କରୁଥିଲା। ଏମିତିକି ସକାଳେ, ଜେନ୍ ଷ୍ଟ୍ରିଟ୍ ବ୍ୟାଙ୍କ ନିଫ୍ଟି ଫ୍ୟୁଚର୍ସ ଏବଂ କ୍ୟାସ୍ ବଜାରରେ ସେୟାରକୁ ବହୁ ପରିମାଣରେ କିଣୁଥିଲା। ସେହି ସମୟରେ, ଏହା ପୁଟ୍ ବିକଳ୍ପଗୁଡ଼ିକୁ ବିକ୍ରି କରୁଥିଲା। ସୂଚକାଙ୍କ ହ୍ରାସ ପାଇଲେ ପୁଟ୍ ବିକଳ୍ପଗୁଡ଼ିକ ଲାଭ ଦେଉଥିଲା। ଅପରାହ୍ନରେ, ଏହା ସମାନ ସୂଚକାଙ୍କ ଫ୍ୟୁଚର୍ସକୁ ବଡ଼ ପରିମାଣରେ ବିକ୍ରି କରୁଥିଲା, ଯାହା ସୂଚକାଙ୍କକୁ ତଳକୁ ଆଣିଥିଲା। ଏହା ବିକଳ୍ପଗୁଡ଼ିକରେ ଲାଭ ଦେଉଥିଲା। ସମାପ୍ତି ଦିନ ବାଣିଜ୍ୟର ଶେଷ ଘଣ୍ଟାରେ, ଜେନ୍ ଷ୍ଟ୍ରିଟ୍ ବହୁ ପରିମାଣରେ କିଣାବିକା କରି ନିଜ ଲାଭ ପାଇଁ ସୂଚକାଙ୍କ ବନ୍ଦକୁ ପ୍ରଭାବିତ କରୁଥିଲା। ଏହା ସବୁ ଏତେ ଶୀଘ୍ର ହେଉଥିଲା ଯେ ସାଧାରଣ ନିବେଶକମାନେ ଏକ ସୂଚନା ମଧ ପାଇ ନ ଥିଲେ। ସେବି କହିଛି ଯେ ଜାନୁଆରୀ ୧୭ ସକାଳେ ଜେନ୍ ଷ୍ଟ୍ରିଟ୍ ପ୍ୟାଚ୍ ବ୍ୟାଙ୍କ ନିଫ୍ଟି ଫ୍ୟୁଚର୍ସ ଏବଂ କ୍ୟାସ୍ ସେଗମେଣ୍ଟରେ ୪୩୭୦ କୋଟି ଟଙ୍କା କିଣିଥିଲା। ଏହା ଫଳରେ ବ୍ୟାଙ୍କ ନିଫ୍ଟି ସୂଚକାଙ୍କରେ ବୃଦ୍ଧି ଘଟିଲା ଏବଂ ପୁଟ୍ ଅପ୍‌ସନ୍‌ର ମୂଲ୍ୟ ହ୍ରାସ ପାଇଲା। ଏବେ ଜେନ୍ ଷ୍ଟ୍ରିଟ୍ ବ୍ୟାଙ୍କ ନିଫ୍ଟି ବିକଳ୍ପରେ ୩୨,୧୧୪.୯୬ କୋଟି ଟଙ୍କାର ଏକ ନିମ୍ନଗାମୀ ସ୍ଥିତି ସୃଷ୍ଟି କଲା। ସେମାନେ ଶସ୍ତା ପୁଟ୍ ବିକଳ୍ପ କିଣିଲେ ଏବଂ ମହଙ୍ଗା କଲ୍ ବିକଳ୍ପ ବିକ୍ରି କଲେ।

**ସେବି ଲଗାଇଲା ନିଷେଧାଦେଶ**

## ଟେଲିଭିଜନ୍ ରେଟିଂ ଲାଗି ଏକାଧିକ ସଂସ୍ଥାକୁ ଅନୁମତି ଦେବା ନେଇ ଥିବା ପ୍ରତିବନ୍ଧକ ହଟିଲା

ନୂଆଦିଲ୍ଲୀ,୪।୭ (ଏଜେନ୍ସି): ଭାରତରେ ଟିଭି ଦେଖିବା ଅଭ୍ୟାସ ଗତ କିଛି ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବଦଳିଛି। ଦର୍ଶକମାନେ ଏବେ କେବଳ କେବୁଲ ଏବଂ ଡିଟିଏଚ୍ ପ୍ଲାଟଫର୍ମ ମାଧ୍ୟମରେ ନୁହେଁ ବରଂ ସ୍ମାର୍ଟ ଟିଭି, ମୋବାଇଲ୍ ଆପ୍ଲିକେସନ୍ ଏବଂ ଅନ୍ୟାନ୍ୟ ଅନଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକ୍ରମ ଦେଖୁଛନ୍ତି । ତଥାପି, ଦର୍ଶକଙ୍କ ସଂଖ୍ୟା ହିସାବ କରିବା ପାଇଁ ପ୍ରଚଳିତ ବ୍ୟବସ୍ଥା ବା ଟେଲିଭିଜନ ରେଟିଂ ପଏଣ୍ଟ (ଟିଆରପି) ଏହି ପରିବର୍ତ୍ତିତ ଢାଞ୍ଚାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସାମିଲ କରିପାରିନାହିଁ। ଏହାକୁ ଦୃଷ୍ଟିରେ ରଖି, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ୨୦୧୪ ମସିହାରେ ଜାରି ହୋଇଥିବା ଟେଲିଭିଜନ ରେଟିଂ ଏଜେନ୍ସିଗୁଡ଼ିକ ପାଇଁ ନୀତିଗତ ମାର୍ଗଦର୍ଶିକାରେ ସଂଶୋଧନ ପ୍ରସ୍ତାବ ଦେଇଛି। ୨ ଜୁଲାଇ, ୨୦୨୫ରେ ପ୍ରକାଶିତ ପ୍ରସ୍ତାବିତ ଚିଠା ମାର୍ଗଦର୍ଶିକାରେ ଭାରତରେ ଟେଲିଭିଜନ ଦର୍ଶକଙ୍କ ସଂଖ୍ୟା ହିସାବ କରିବାର ବ୍ୟବସ୍ଥାକୁ ସାର୍ବଜନୀନ ଏବଂ ଆଧୁନିକୀକରଣ କରିବା ପାଇଁ ବର୍ତ୍ତମାନର ବିଏଆରସି ବ୍ୟତୀତ ଅଧିକ ସଂସ୍ଥାଙ୍କୁ ଅନୁମତି ଦେବା ଲାଗି ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପାଇଁ କେତେକ ପ୍ରତିବନ୍ଧକ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ମନ୍ତ୍ରଣାଳୟ ନୀତିଗତ ଚିଠା ଜାରି ହେବାର ୩୦ ଦିନ ମଧ୍ୟରେ ଅଂଶୀଦାର ଏବଂ ସାଧାରଣ ଜନତାଙ୍କଠାରୁ ମତାମତ ଆମନ୍ତ୍ରଣ କରିଛି। ପ୍ରସ୍ତାବିତ ସଂସ୍କାରଗୁଡ଼ିକର ଲକ୍ଷ୍ୟ ହେଉଛି ନିରପେକ୍ଷ ପ୍ରତିଯୋଗିତାକୁ ସକ୍ଷମ କରିବା, ଅଧିକ ସଠିକ୍ ଓ ପ୍ରତିନିଧିତ୍ୱପୂର୍ଣ୍ଣ ତଥ୍ୟ ସୃଷ୍ଟି କରିବା ଏବଂ ଟିଆରପି ବ୍ୟବସ୍ଥା ଯେପରି ସାରା ଦେଶରେ ଦର୍ଶକଙ୍କ ବିବିଧ ଓ ପରିବର୍ତ୍ତିତ ଗଣମାଧ୍ୟମ ଉପଭୋଗ ଅଭ୍ୟାସକୁ ପ୍ରତିଫଳିତ କରିବ ତାହା ସୁନିଶ୍ଚିତ କରିବା। ଭାରତରେ ବର୍ତ୍ତମାନ ପ୍ରାୟ ୨୩ କୋଟି ଟେଲିଭିଜନ ଦର୍ଶକ ପରିବାର ଅଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ଆଇନଜୀବୀଙ୍କୁ ଶୁଭଫଳ ମିଳିବ। ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ। ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

**ବୃଷ:** ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ। ମନ ଖୁସି ରହିବ। ଆୟ ଅନୁସାରେ ବ୍ୟୟ ହେବ। ପୁରୁଣା ନିବେଶରୁ ଲାଭ ମିଳିବ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିପାରେ। ଘର ପାଇଁ ନୂଆ ଜିନିଷ କିଣିବେ। ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଉଧାର ଟଙ୍କା ଫେରିପାଇବେ।

**କର୍କଟ:** ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିରୋଧୀ କାମରେ ବାଧା ଦେବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମୟ ପୂର୍ବରୁ କାମ ପୂରା କରିବେ। ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ।

**କନ୍ୟା:** ଯାତ୍ରାରୁ ଲାଭ ହେବ। କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ। ମହିଳାମାନେ କର୍ମଚଞ୍ଚଳ ରହିବେ। ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ।

**ତୁଳା:** ପାରିବାରିକ ସମସ୍ୟା ଦେଖା ଦେବ। ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ନୂତନ ଜମି କ୍ରୟ କରିପାରନ୍ତି।

**ବିଛା:** ସମାଜସେବା ଲାଗି ସମ୍ମାନିତ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ। ନୂଆ କାମ ଶିଖିବାର ଅବସର ଜୁଟିବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ମନ ପ୍ରସନ୍ନ ରହିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ।

**ମକର:** କାମ ବୋଝ ଅଧିକ ରହିବ। କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ। ମାନ ସମ୍ମାନ ବଢ଼ିବ। ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ। କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ।

**କୁମ୍ଭ:** ଶୁଭ ଖବର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ପରିବାର ସହ ସମୟ ବିତାଇବେ। ପିଲାମାନେ ଖେଳମନସ୍କ ହୋଇପାରନ୍ତି।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

## ଆଜିର ଇତିହାସ

- ୧୯୨୨-ନେଦରଲ୍ୟାଣ୍ଡରେ ପ୍ରଥମ ଥର ସାଧାରଣ ନିର୍ବାଚନ ହେଲା।
- ୧୯୫୪: ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୯୪- ଜେଫ୍ ବେଜୋସ୍ ଇକମର୍ସ ୱେବ୍‌ସାଇଟ୍ ଆମାଜନ୍‌ର ଆରମ୍ଭ କଲେ।
- ୨୦୧୬- ନାସାର ଯୁନୋ ମହାକାଶ ଯାନ ବୃହସ୍ପତି ଗ୍ରହର କକ୍ଷରେ ପ୍ରବେଶ କଲା।

# ଶ୍ରୀବିଗ୍ରହଙ୍କ ବାହୁଡ଼ା ଯାତ୍ରା



ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି, ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ। ସ୍କନ୍ଦ ପୁରାଣ ଅନୁସାରେ, ଶ୍ରୀବିଗ୍ରହଙ୍କ ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ଯାତ୍ରା ବୋଲି କୁହାଯାଏ । ଏହାକୁ ଦକ୍ଷିଣାଭିମୁଖୀ ଯାତ୍ରା ମଧ୍ୟ କୁହାଯାଏ। ଶାସ୍ତ୍ରାନୁସାରେ, ରଥଯାତ୍ରା ସମୟରେ ଶ୍ରୀବିଗ୍ରହମାନେ ଉତ୍ତରାଭିମୁଖୀ ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖୀ ହୋଇ ଯାତ୍ରା କରୁଥିବା ବେଳେ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାର ନବମ ଦିନରେ ଠାକୁରଙ୍କର ବାହୁଡ଼ା ଯାତ୍ରା ହୋଇଥାଏ। ନବମୀ ଦିନ ରାତିରେ ବଡ଼ସିଂହାର, ପହୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି। ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଢ଼ାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସମ୍ପୃକ୍ତ ସେବକମାନଙ୍କ ଦ୍ୱାରା ହୋଇଥାଏ। ଏହାପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି କରିଥାନ୍ତି । ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ବିଜେ କାହାଳୀ ବାଜିବା ପରେ ଠାକୁରମାନଙ୍କ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଯାଏ। ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିଆ ଶ୍ରୀମସ୍ତକରେ ଲାଗି କରାଯିବା ସହିତ ପ୍ରସାଦ ଲାଗି, ବନ୍ଦାପନା, କର୍ପୂର ଆଳତି, ସାତବତୀ, ସଞ୍ଜ କାହାଳି ଓ ଘସା, ବିଡ଼ିଆ ମଣୋହି ଆଦି ବିଧି ରହିଛି। ପରେ ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ରଥକୁ ବିଜେ କରିଥାନ୍ତି। ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢ଼ିଥାଏ। ଠାକୁରମାନେ ରଥାରୂଢ଼ ହେବା ପୂର୍ବରୁ ବିଶ୍ୱକର୍ମା ମହାରଣା, ଦରଜୀ ସେବକ, କୋଠ ସୁଆଁସିଆ ପ୍ରଭୃତି ସେବକ ତିନି ରଥର ଆବଶ୍ୟକୀୟ ମରାମତି କାର୍ଯ୍ୟ ପୂର୍ବଦିନରୁ କରି ଦେଇଥାନ୍ତି। ବାହୁଡ଼ା ରଥ ଟଣା ଆରମ୍ଭ ହୋଇ ବଳଭଦ୍ରଙ୍କ ରଥ ବଡ଼ଶଙ୍ଖ ଯାଏ ଆସିବା ପରେ ସୁଭଦ୍ରାଙ୍କ ରଥ ଟଣା ଆରମ୍ଭ ହୁଏ। ଏହା ପରେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ହୋଇଥାଏ। ବାଟରେ ଠାକୁରମାନଙ୍କ ପାଇଁ ପନ୍ତି ଭୋଗ ହୁଏ। ତିନି ଠାକୁର ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରୁଥିବା ସମୟରେ ରଥ ମାଉସୀମା ମନ୍ଦିର ପାଖରେ ପହଞ୍ଚିଲେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ମନ୍ଦିର ପକ୍ଷରୁ ପୋଡ଼ପିଠା ଭୋଗ କରାଯାଏ। ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଆସି ସିଂହଦ୍ୱାର ପାଖେ ପହଞ୍ଚେ। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଟଣା ହୋଇ ଶ୍ରୀନଅର ସାମ୍ନାରେ ରୁହେ। ଏହି ସମୟରେ ବଡ଼ ଦେଉଳରୁ ନିଜ ମନ୍ଦିରରୁ ଲକ୍ଷ୍ମୀ ସଜ ହୋଇ ପାଲିଙ୍କିରେ ବିଜେ ହୋଇ ବଡ଼ ଦେଉଳ ସ୍ନାନଦେବୀ ନିକଟସ୍ଥ ଚାହାଣୀ ମଣ୍ଡପରେ ପହଞ୍ଚି ସେଠାରେ ଠିଆ ହୋଇ ରୁହନ୍ତି। ସେଠାରୁ ଜଗନ୍ନାଥଙ୍କ ରଥକୁ ଚାହାନ୍ତି। ଏହାପରେ ଲକ୍ଷ୍ମୀଙ୍କ ପାଲିଙ୍କି ଜଗନ୍ନାଥଙ୍କ ରଥ ଚାରିପଟେ ବେଢ଼ାଏ ବୁଲିଥାଏ। ଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଦଇତାମାନେ ଆଜ୍ଞାମାଳ ନେବା ପରେ ଲକ୍ଷ୍ମୀ ନିଜ ମନ୍ଦିରକୁ ଫେରି ଯାଆନ୍ତି। ଏହାପରେ ଜଗନ୍ନାଥଙ୍କ ରଥ ସିଂହଦ୍ୱାର ନିକଟକୁ ଆସେ। ପରେ ରଥ ଉପରେ ମହାପ୍ରଭୁଙ୍କ ଖଇ କୋରା ଭୋଗ ସହ ମଧ୍ୟାହ୍ନ ଧୂପ, ସଂଧ୍ୟା ଧୂପ, ବଡ଼ ସିଂହାର ବେଶ, ରାତ୍ର ପହୁଡ଼ ନୀତି ହୋଇଥାଏ। ଏକାଦଶୀ ଦିନ ରଥ ଉପରେ ଏକାଦଶୀ ନୀତି ସହ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଦ୍ୱାଦଶୀ ଦିନ ରଥ ଉପରେ ଅନୁଷ୍ଠିତ ହୁଏ ଅଧରପଣା ନୀତି। ତ୍ରୟୋଦଶୀ ଦିନ ଠାକୁରମାନଙ୍କ ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହୋଇଥାଏ। ଏହି ଦିନ ଠାକୁରମାନେ ପହଣ୍ଡି ହୋଇ ରତ୍ନ ସିଂହାସନକୁ ବିଜେ କରିଥାନ୍ତି। ଏଇଠି ଶେଷ ହୋଇଥାଏ ମହାପ୍ରଭୁଙ୍କ ଘୋଷ ଯାତ୍ରା।

# 'ହେରାଫେରି-୩' ସବୁଠୁ କମ୍ ପାରିଶ୍ରମିକ ନେଇଛନ୍ତି ସୁନୀଲ



'ହେରାଫେରି-୩'ରୁ ପରେଶ ରାୱଲ ବାଦ୍ ପଡ଼ିବା ଘଟଣାକୁ ନେଇ ଏହି ଫିଲ୍ମଟି ଅନେକ ଦିନରୁ ଚର୍ଚ୍ଚାରେ ରହିଛି। ଏହି ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଥିବାରୁ ଏହାର ନିର୍ମାତା ଫିଲ୍ମର ମୂଳ ତିନି କଳାକାରଙ୍କୁ ନେବାକୁ ଚାହୁଁଥିଲେ। କିନ୍ତୁ ପରେଶଙ୍କ ଦାବି ମୁତାବିକ ପାରିଶ୍ରମିକ ନ ମିଳିବାରୁ ସେ ଫିଲ୍ମରୁ ଓହରି ଯାଇଥିଲେ। କିନ୍ତୁ ଅକ୍ଷୟଙ୍କ ସହ ବୁଝାମଣା ପରେ ଏବେ ପରେଶ ଏହି ଫିଲ୍ମରେ ଅଭିନୟ କରିବା ପାଇଁ ରାଜି ହୋଇ ଯାଇଛନ୍ତି। ତେବେ 'ହେରାଫେରି-୩' ପାଇଁ ପରେଶ ୧୫ କୋଟି ନେଇଥିବା ଜଣାପଡ଼ିଛି।

ସେହିପରି ସୁନୀଲ ଏଥିପାଇଁ ୨ରୁ ୫ କୋଟି ନେଇଥିବା କୁହାଯାଉଛି। ଅକ୍ଷୟ ପାରିଶ୍ରମିକ ବାବଦରେ ୨୦ କୋଟି ନେବା ସହ ଫିଲ୍ମର ଲାଭାଂଶରୁ ମଧ୍ୟ ସେୟାର୍ ନେବେ। ଅକ୍ଷୟ ଏହି ଫିଲ୍ମ ବାବଦକୁ ମୋଟାମୋଟି ଭାବେ ୬୦ରୁ ୧୪୫ କୋଟି ଟଙ୍କା ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। 'ହେରାଫେରି-୩'ର ତିନି କଳାକାରଙ୍କ ମଧ୍ୟରୁ ସୁନୀଲଙ୍କୁ ପାରିଶ୍ରମିକ ବାବଦରେ ସବୁଠୁ କମ୍ ଅର୍ଥ ମିଳିଛି।

# ଏଠାରେ ଲୋକେ ବ୍ୟବହାର କରନ୍ତି ୨ଜି



ଏବର ୫ଜି ଏବଂ ୬ଜି ଯୁଗରେ ଏମିତି ଏକ ଦେଶ ଅଛି, ଯେଉଁଠି ଲୋକେ ୨ଜି ଓ ୩ଜି ଇଣ୍ଟରନେଟ୍ ସେବାରେ ସୀମିତ ରହିଛନ୍ତି। ଉତ୍ତର କୋରିଆରେ ଇଣ୍ଟରନେଟ୍ ସେବା ଉପରେ ସରକାରଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ଏଠାରେ ସାଧାରଣ ଲୋକ ସବୁବେଳେ ସରକାରଙ୍କ ନଜରରେ ରହିଥାନ୍ତି। ଏଠାରେ ଗ୍ଲୋବାଲ ଇଣ୍ଟରନେଟ୍‌ର ବ୍ୟବହାର ସାଧାରଣ ଜନତା କରିପାରିବେ ନାହିଁ। ବଛା ବଛା କିଛି ସରକାରୀ ଅଧିକାରୀଙ୍କୁ ଏହି ଇଣ୍ଟରନେଟ୍ ବ୍ୟବହାର କରିବାର ସୁଯୋଗ ମିଳେ। ତେବେ ସାଧାରଣ ଲୋକଙ୍କ ପାଇଁ Kwangmyong ନାମକ ଅଲଗା ନେଟୱର୍କ ଅଛି। ଏହି ଇଣ୍ଟରନେଟ୍ ସେବା ସରକାରଙ୍କ ଦ୍ୱାରା ନିୟନ୍ତ୍ରଣାଧୀନ। ଏଥିରେ ସରକାରଙ୍କ ଦ୍ୱାରା ମଞ୍ଜୁରି ପ୍ରାପ୍ତ ୱେବସାଇଟ୍ ଏବଂ କଣ୍ଟେଣ୍ଟ ଦେଖିବାର ସୁବିଧା ଅଛି। ସେହିପରି ଯଦି କୌଣସି ବ୍ୟକ୍ତିଙ୍କୁ ଇଣ୍ଟରନେଟ୍ ସେବା ମିଳେ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରତି ଘଣ୍ଟାର ସ୍କ୍ରିନ୍ ସଟ୍ ସରକାରଙ୍କୁ ପଠାଇବାକୁ ପଡ଼ିଥାଏ। ଏଭଳି କରି ସେମାନେ ଏକଥା ସୁନିଶ୍ଚିତ କରନ୍ତି, ସରକାର ବିରୋଧୀ କୌଣସି ଜିନିଷ ଦେଖୁ ନାହାନ୍ତି। ତେବେ ସ୍ମାର୍ଟଫୋନ୍ ରଖିଥିବା କିଛି ବଛା ବଛା ଲୋକଙ୍କୁ ମଧ୍ୟ ସରକାରଙ୍କ କଡ଼ା ନଜରରେ ରହିବାକୁ ପଡ଼ିଥାଏ। ଏଠାକାର ଅଧିକାଂଶ ଲୋକ ଏବେ ବି ୨ଜି ଫିଚର୍ ଫୋନ୍ ବ୍ୟବହାର କରନ୍ତି। ଅନ୍ୟପକ୍ଷରେ ଏଠାରେ କେବଳ ସ୍ମାର୍ଟଫୋନ୍ ନୁହେଁ, ଲୋକଙ୍କର ପୋଷାକ ପିନ୍ଧିବା ତରିକା, ହେୟାର୍ ଷ୍ଟାଇଲ ଏବଂ ଜୀବନଶୈଳୀ ବି ସରକାର ସ୍ଥିର କରିଥାନ୍ତି। ଏପରିକି ଏଠାରେ ବିଦେଶୀ ଫେଶନକୁ ଆପଣାଇବାକୁ ଅପରାଧ ବୋଲି କୁହାଯାଏ।

# ସୁମନ


## ବଡ଼ ଦାଣ୍ଡ ଦୁଲୁକେଇ



ଜଗଦୀଶ ସାହୁ

ନନ୍ଦିଘୋଷ ଚଢ଼ି ଆସୁଛି କାଳିଆ
ବଡ଼ ଦାଣ୍ଡ ଦୁଲୁକେଇ
ଶୀରିମନ୍ଦିରକୁ ଫେରୁଛି ସାଥିରେ
ଭାଇ ଭଉଣୀକୁ ନେଇ ।
ପଡ଼େ ହରିବୋଲ ଶୁଭେ ହୁଳହୁଳି
କମ୍ପି ଉଠେ ତିନିପୁର
ବାମନ ବେଶକୁ ଦେଖିବାକୁ ନର
ବେଶ ଧରିଛନ୍ତି ସୁର ।
ମଣିମା ମଣିମା ହୁରି ପଡୁଅଛି
ଭକତି ହୁଅଇ ଜାତ
ଦରଶନ କରେ ଭକତ ଭକ୍ତିରେ
ଟେକି ଦେଇ ଦୁଇ ହାତ ।
ବରଷକେ ଥରେ ଜନମ ବେଦୀକୁ
ଯିବାକୁ କାଳିଆ ମନ
ମାଉସୀ ମାଆର ପୋଡ଼ ପିଠା ଖାଇ
ବାହୁଡ଼େ ଶ୍ରୀକ୍ଷେତ୍ର ଧନ ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬



## ବାହୁଡ଼ି ଆସହେ ସାଇଁ



ପ୍ରଶାନ୍ତ କୁମାର ଦାଶ

ଶୁନ୍ ଶାନ୍ ଦିଶେ ତୁମରି ମନ୍ଦିର
ନାହିଁ ବୋଲି ତୁମେ ସାଇଁ
ତୁମେ ତ ଯାଇଛ ଗୁଣ୍ଡିଚା ମନ୍ଦିର
ନଅଦିନ ଯାତପାଇଁ ॥
ବାହୁଡ଼ି ଆସ ମୋ କାଳିଆ ବଳିଆ
ଭଉଣୀକୁ ସାଥେ ନେଇ
ପାଇବେ ଦର୍ଶନ ଭକ୍ତ ପ୍ରାଣଧନ
ଡାକୁଛନ୍ତି ବ୍ୟସ୍ତ ହେଇ ॥
କଳାମଣିମାଙ୍କ କଳା କଳା ମୁଖ
ଆଖିରେ ନାଚୁଛି ସଦା
ଦେଖିଦେଲେ ଥରେ ରତନ ବେଦୀରେ
ହଟିଯାଏ ଦୁଃଖ ବାଧା ॥
କାଳିଆ ଲାଗି ଏ ସଂସାର ସୁନ୍ଦର
ଯଶୋଦାଙ୍କ ଗଳାମାଳି
ଆକାଶର ଜହ୍ନ ଭକତର ଧନ
ଝୁରୁଛନ୍ତି ଗୋପବାଳୀ ॥
ଭକତ ଆଖିର ଲୁହ ପୋଛିପାରେ
ଦିଏ ପୁଣି ଓଠେ ହସ
କାଇଁଚମାଳିଆ ବେଶରେ ସଭିଙ୍କୁ
କରିଥାଏ କାହ୍ନା ବଶ ॥
ମାଉସୀ ହାତର ପୋଡ଼ପିଠା ଖାଇ
ଖୁସୀ ହେଇ ପ୍ରଭୁ ଆସ
ତୁମ କରୁଣାରେ ଭକତର ଦୁଃଖ
ଦାରୁରୁ ହୋଇବ ଘାସ ॥
ଦୀନଜନ ଦୁଃଖ ନାଶି ଦିଅ ସୁଖ
ହସାଅ ସଂସାର ଆମ
ଲୀଳାମୟ ତୁମ ଶ୍ରୀକ୍ଷେତ୍ର ବୈକୁଣ୍ଠ
ପ୍ରିୟ ପୁଣ୍ୟ ପୁରୀ ଧାମ ॥

କୁଞ୍ଜର –ସଙ୍ଗଳାଇ, ପିପିଲି, ପୁରୀ
ମୋ - ୯୬୬୮୮୨୨୧୯୦

### ସକାଳ ଶିଶୁ କୁଇଜ୍-୧୭୧

(୧) ଶ୍ରୀମନ୍ଦିରକୁ ଚର୍ତୁପାର୍ଶ୍ୱରୁ ଘେରି ରହିଥିବା ପ୍ରାଚୀରର ନାମ କ'ଣ?
ଉତ୍ତର : ______

(୨) ବେଲୁର ମଠର ସ୍ଥାପନା କିଏ କରିଥିଲେ?
ଉତ୍ତର : ______

(୩) ବିଶ୍ୱ ସ୍ୱାସ୍ଥ୍ୟ ଦିବସ କେବେ ପାଳନ କରାଯାଏ?
ଉତ୍ତର : ______

(୪) ଭାରତର କେଉଁ ରାଜ୍ୟରେ ସବୁଠୁ ଅଧିକ ଜାତୀୟ ଉଦ୍ୟାନ ଅଛି?
ଉତ୍ତର : ______

(୫) ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷର ସ୍ଥାପନା କେବେ ହୋଇଥିଲା?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ସୌମ୍ୟଜିତ୍ ସିଂହ, ରାଉରକେଲା
- ଅଭୀପ୍ସା ଦାଶ, ଧାମନଗର, ଭଦ୍ରକ
- ରଞ୍ଜିତା ଏକା, ଯୋଡ଼ା, କେନ୍ଦୁଝର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଖୁସି ବାଣ୍ଟିଲେ ବଢ଼େ




ଅନୀତା ପାଣି



ଜମିଦାର ଘର ଝିଅ ଝୁମୁରୀ। ବୟସ ବେଶୀ ନୁହେଁ, ଏଇ ୮/୧୦ ବର୍ଷ ହେବ । ବହୁତ ଗେହ୍ଲାରେ ସେ ଛୋଟରୁ ବଡ଼ ହୋଇଛି । ଖୁବ୍ କମ୍ ଚାଲେ, ବାକି ସମୟ ଘର ଦୋଳିରେ ବସିଥାଏ । ସେଇଠି ଖାଇବା, ପାଠ ପଢ଼ିବା, ଖେଳିବା । ଦିନସାରା ସେ ଦୋଳିରେ ଝୁଲୁଥାଏ ବୋଲି ତା ନାଁ ଝୁମୁରୀ ରଖାଯାଇଛି। ତା ସହିତ ବାଦ ହେବା ପାଇଁ ଆଉ କେହି ନାହିଁ। ଝୁମୁରୀ ଜନ୍ମ ହେବା ପରେ ଏହି ଦୋଳିଟିକୁ ବୁଢ଼ାବାପା ବଢ଼େଇ ଡାକି ତିଆରି କରେଇଥିଲେ । ନରମ ଗଦି ସହିତ ତକିଆର ବ୍ୟବସ୍ଥା ଥାଏ ଦୋଳିରେ । ଦିନେ ଘରେ କାମ କରୁଥିବା ସୁମି ମାଉସୀଠାରୁ ଶୁଣିଲା ।

ରଜ ଆସୁଛି ! ଗାଆଁରେ ଅନେକ ଦୋଳି ବନ୍ଧା ହେବ। ଝିଅ ବୋହୂମାନେ ସଜବାଜ ହୋଇ ବୁଲି ବୁଲି ଦୋଳି ଖେଳିବେ । ଝୁମୁରୀ ଏକା ଏକା ଘରେ ଦୋଳିରେ ବସୁଛି, ସାଙ୍ଗ କେହିନାହିଁ। ସାଙ୍ଗମାନଙ୍କ ସହିତ ମିଶି ଦୋଳି ଖେଳିଲେ ଅଧିକ ଭଲ ଲାଗିଥାଏ ବୋଲି ସୁମି ମାଉସୀ କହୁଥିଲା । ବାପାଙ୍କୁ ଝୁମୁରୀ ରଜ ପାଇଁ ଗୋଟେ ଦୋଳି ବାହାରେ ବାନ୍ଧି ଦେବାକୁ କହିଲା। ତାର ସାଙ୍ଗସାଥୀ ଓ ପାଖ ଘର ଝିଅମାନେ ଆସି ଖେଳିବେ । ଅଲିଅଳି ଝିଅ ବୋଲି କଥା ଅନୁସାରେ ବାପା ଦୋଳି ବନ୍ଧେଇ ଦେଲେ । ଏବେ ଝୁମୁରୀ ଘର ବାହାରେ ଦୋଳି ବାନ୍ଧିଛି ବୋଲି ସବୁ ଆଡ଼େ ଖବର ପଠେଇ ଦେଲା । ଦଳ ଦଳ ସାଙ୍ଗ ସାଥୀ ଘରକୁ ଆସିଲେ । ଜଣେ ପରେ ଜଣେ ଦୋଳି ଖେଳୁଥାନ୍ତି। ଝୁମୁରୀ ଖୁବ୍ ଖୁସି ହେଉଥାଏ । ସେ ଦିନ ଯାକ ଦୋଳିରେ ବସିବାକୁ ସୁଯୋଗ ପାଇନାହିଁ। ଦୋଳି ପାଖରେ ଠିଆ ହୋଇ ଗୋଡ଼ ଦୁଇଟି ଭାରି ବିନ୍ଧା ହେଲା ରାତିରେ । ତା ପର ଦିନ ସେମିତି ବହୁତ ସାଙ୍ଗ ଝୁମୁରୀ ଦୋଳିରେ ଖେଳିବାକୁ ଆସିଲେ। ସମସ୍ତେ ଅଳ୍ପ ଅଳ୍ପ ସମୟ ଖେଳିବା ବୋଲି ସମୟ ଦିଆଗଲା। କିନ୍ତୁ ଝୁମୁରୀର କଥା କେହି ଶୁଣିଲେ ନାହିଁ। ମନ ଭରି ଖେଳିବାକୁ ଲାଗିଲେ। ଝୁମୁରୀ ରାଗିଯାଇ କାହା ଉପରକୁ ପାଣି ଛିଞ୍ଚି ଓଦାକରେ ତ କିଏ ଖେଳିଲାବେଳେ ମାରିବାକୁ ବାଡ଼ି ଉଠାଏ । ତଥାପି ଝୁମୁରୀ ଖେଳିବାର ସୁଯୋଗ ପାଇ ନ ଥିଲା। ରଜର ତୃତୀୟ ଦିନ ଝୁମୁରୀ ଆଉ କାହାକୁ ଛାଡିଲା ନାହିଁ। କହିଲା ଦୁଇ ଦିନ ତୁମେ ଖେଳିଲ, ଏବେ ମୁଁ ଖେଳିବି । ଦଳ ଦଳ ଝିଅ ଆସି ଫେରି ଯାଉଛନ୍ତି। କିଛି ସମୟ ପରେ ଆଉ କେହି ଆସିଲେ ନାହିଁ। ଝୁମୁରୀ ପୁଣି ଏକୁଟିଆ ହୋଇ ଗଲା। ସେ ବହୁତ ସରଳ ଓ ସ୍ନେହୀ ପିଲାଟିଏ ଥିଲା । ଭାବିଲା ମୁଁ ଦୋଳି ନ ଖେଳିଲେ ବି ସାଙ୍ଗମାନେ ଖେଳିବା ଦେଖି ବହୁତ ଖୁସି ଲାଗୁଥିଲା । ଆଜି ଦିନ ସାରା ଏକୁଟିଆ ଖେଳୁଛି ହେଲେ ଖୁସି ଲାଗୁନାହିଁ କାହିଁକି । ସେଦିନ ଗଲା । ତା ପର ଦିନ ଦୋଳି ପାଖରେ କେହି ନାହିଁ । ନୀରବରେ ଦୋଳିଟି ଝୁଲୁଛି । ଝୁମୁରୀକୁ ଲାଗିଲା ଦୋଳିଟି ଆଜି କାନ୍ଦୁଛି । କାହାର ମୁହଁରେ ହସ ଦେଇ ପାରିଲେ ନିଜର ଦୁଃଖ ଭୁଲି ହୋଇଯାଏ। ଏତିକି ତ ଜୀବନର ମନ୍ତ୍ର । ପ୍ରକୃତ ମାନବିକତା। ସାଙ୍ଗମାନଙ୍କ ପାଖକୁ ଝୁଲି ଖେଳିବା ପାଇଁ ସେ ଖବର ପଠାଇ ଦେଲା। ଖବର ପାଇ ଝିଅମାନେ ଆସିଲେ । ଝୁମୁରୀ କହିଲା, ସମସ୍ତେ ମିଳି ମିଶି ଖେଳିବା । ଜଣକ ପରେ ଜଣେ ଆଗ ପଛ ହୋଇ ଝୁମୁରୀକୁ ମିଶେଇ ଖେଳିଲେ । ଝୁମୁରୀର ଖୁସି କହିଲେ ନ ସରେ । ସେ ବର୍ଷରୁ ରଜ ଚାରି ଦିନ ଝୁମୁରୀ ପାଇଁ ବାହାରେ ରଜ ଦୋଳି ବନ୍ଧା ଯାଏ । ଝିଅ ବୋହୂମାନେ ଆସି ଖେଳନ୍ତି । ତା' ଭିତରେ ଝୁମୁରୀ ପାଠ ପଢ଼ିବାକୁ ସହର ଗଲାଣି । ସେ ନ ଥିଲେ ମଧ୍ୟ ଝୁମୁରୀ ପାଇଁ ଦୋଳି ବନ୍ଧା ହୁଏ। ସମସ୍ତେ ଆସି ରଜ ଚାରିଦିନ ଦୋଳି ଖେଳି ଖୁସିରେ ଯାଆନ୍ତି ।

ପଦ୍ମେଶ୍ୱର, ସୌଭାଗ୍ୟ ନିଗର, ଅନୁଗୋଳ
ମୋ- ୮୩୨୭୭୫୯୭୦











ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ଉପମିତା ଦାସ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଦଶରଥପୁର, ଯାଜପୁର



ବିଭାବରୀ ଦତ୍ତା
ତୃତୀୟ ଶ୍ରେଣୀ
କୋହେନ୍ ଇଣ୍ଟରନ୍ୟାସନାଲ ସ୍କୁଲ
ଭୁବନେଶ୍ୱର



ସାନ୍‌ଭି ଶନାୟା ସା
ଚତୁର୍ଥ ଶ୍ରେଣୀ
ବିଜେଇଏମ୍-୧ ସ୍କୁଲ
ଭୁବନେଶ୍ୱର

## ଆଜି 'ନୀରଜ ଚୋପ୍ରା କ୍ଲାସିକ୍' ଇଭେଣ୍ଟ



ବେଙ୍ଗାଲୁରୁ, ୪।୭ (ଏଜେନ୍ସି): ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳିଙ୍କୁ ନେଇ ଶନିବାର ଏଠାରେ 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟର ପ୍ରଥମ ସଂସ୍କରଣ ହେବ। ଭାରତର ପ୍ରଥମ ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋ ଇଭେଣ୍ଟର ମାନ୍ୟତା ପାଇବାକୁ ଯାଉଥିବା ଏହି ପ୍ରତିଯୋଗିତାକୁ ନୀରଜ ଚୋପ୍ରା, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ, ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ଓ ବିଶ୍ୱ ଦୌଡ଼କୁଦ ମହାସଂଘ ମିଳିତ ଭାବେ ଆୟୋଜନ କରୁଛନ୍ତି। ସ୍ଥାନୀୟ ଶ୍ରୀ କାନ୍ତୀରଭା ଷ୍ଟାଡିୟମରେ ରାତି ୭ଟାରୁ ଆରମ୍ଭ ହେବାକୁ ଥିବା ଏହି ମେଗା ଇଭେଣ୍ଟର ମୁଖ୍ୟ ଆକର୍ଷଣ ନିଜେ ନୀରଜ ଚୋପ୍ରା ରହିବେ। ନିଜ ନାମରେ ହେଉଥିବା ଏହି ଇଭେଣ୍ଟରେ ନୀରଜ ଟାଇଟଲ୍ ଜିତିପାରୁଛନ୍ତି କି ନାହିଁ ତାହା ଉପରେ ସାରା ବିଶ୍ୱର ନଜର ରହିଛି। ନୀରଜଙ୍କ ସମେତ ଜର୍ମାନୀର ଥୋମାସ ରୁଲର୍, କେନିଆର ଜୁଲିୟସ ୟେଗୋ, ଆମେରିକାର କର୍ଟିସ ଥମ୍ପସନ, ବ୍ରାଜିଲର ଲୁଇସ ଡା ସିଲ୍‌ଭାଙ୍କ ସମେତ ବିଶ୍ୱର ୭ ଜଣ ଜାଭେଲିନ ଫିଙ୍ଗାଳି ଭାଗନେବେ। ସେହିଭଳି ଭାରତରୁ ନୀରଜଙ୍କ ସମେତ ସଚିନ ଯାଦବ, ରୋହିତ ଯାଦବ, ସାହିଲ୍ ସିଲ୍‌ୱାଲ ଓ ଯଶବୀର ସିଂହଙ୍କୁ ଦେଖିବାକୁ ମିଳିବ। ଓଡ଼ିଶାର କିଶୋର ଜେନା ଆଘାତଜନିତ ସମସ୍ୟା ଲାଗି ଏଥିରୁ ଓହରିଯାଇଛନ୍ତି।

**ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

## ଅଷ୍ଟ୍ରେଲିଆ ୨୮୬ରେ ସୀମିତ

ସେଣ୍ଟ ଜର୍ଜ୍ସ, ୪।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଥମ ଦିବସରେ ୨୮୬ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଯାଇଛି। ଏକଦା ୧୧୦ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ବିଉ ୱେବଷ୍ଟର (୬୦) ଓ ୱିକେଟ୍‌କିପର ଆଲେକ୍ସ କେରୀ (୬୩)ଙ୍କ ଅର୍ଦ୍ଧଶତକ ଯୋଗୁ ୨୮୬ ରନର ସମ୍ମାନଜନକ ସ୍କୋରରେ ପହଞ୍ଚିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୯, ଅଧିନାୟକ ପ୍ୟାଟ୍ କମିନ୍ସ ୧୭, ଉସମାନ ଖୱାଜା ୧୬, ସାମ୍ କୋନଷ୍ଟାସ ୨୫ ଓ ଷ୍ଟିଭେନ ସ୍ମିଥ ୩ ରନ କରିଥିଲେ। ବୋଲିଂରେ ଘରୋଇ ଦଳର ଆଲ୍‌ଜାରୀ ଜୋସେଫ୍‌ଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଶୁକ୍ରବାର ଦ୍ୱିତୀୟ ଦିବସରେ ବ୍ୟାଟିଂ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଶେଷ ଖବର ସୁଦ୍ଧା ୩ ୱିକେଟ୍‌ରେ ୯୨ ରନ ସଂଗ୍ରହ କରିଛି।

**ବ୍ରାଥ୍‌ୱେଟ୍‌ଙ୍କ ୧୦୦ତମ ଟେଷ୍ଟ**

ଏହି ମ୍ୟାଚ୍ ସହ ୱେଷ୍ଟଇଣ୍ଡିଜ ଓପନର୍ କ୍ରେଗ୍ ବ୍ରାଥୱେଟ୍ ୧୦୦ତମ ଟେଷ୍ଟ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ୱେଷ୍ଟଇଣ୍ଡିଜର ୧୦ମ କ୍ରିକେଟର୍ ଭାବେ ବ୍ରାଥୱେଟ୍ ମାଇଲଖୁଣ୍ଟ ଛୁଇଁଛନ୍ତି। ୨୦୧୧ରେ ମାତ୍ର ୧୮ ବର୍ଷ ବୟସରେ ପାକିସ୍ତାନ ବିପକ୍ଷରେ ଖେଳି ଟେଷ୍ଟ କ୍ରିକେଟ୍‌ରେ ପାଦ ଥାପିଥିବା ବ୍ରାଥ୍‌ୱେଟ୍ ବର୍ତ୍ତମାନ ସୁଦ୍ଧା ୯୯ ଟେଷ୍ଟ ଖେଳି ୩୨.୮୩ ଆଭରେଜରେ ୫୯୪୩ ରନ ସଂଗ୍ରହ କରିଛନ୍ତି।

### ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡର ଲଢୁଆ ପ୍ରତ୍ୟାବର୍ତ୍ତନ

# ଭାରତକୁ ନିରାଶ କଲେ ସ୍ମିଥ୍, ବ୍ରୁକ୍

ଏଜ୍‌ବାଷ୍ଟନ,୪।୭ (ଏଜେନ୍ସି)



ସୀମିତ ଓଭର ଅଧିନାୟକ ହ୍ୟାରୀ ବ୍ରୁକ୍ ଓ ୱିକେଟରକ୍ଷକ ଜେମି ସ୍ମିଥ୍‌ଙ୍କ ଦମ୍‌ଦାର ବ୍ୟାଟିଂ ସହାୟତାରେ ଏଠାରେ ଭାରତ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଘରୋଇ ଇଂଲଣ୍ଡ ଦଳ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ଅଧିନାୟକ ଶୁବମନ ଗିଲ (୨୬୯)ଙ୍କ ରେକର୍ଡ ଦ୍ୱିଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୫୮୭ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ବ୍ୟାଟିଂ ଆରମ୍ଭ କରି ୨୫ ରନ୍‌ରେ ୩ଟି ଓ ୮୪ ରନ୍‌ରେ ୫ଟି ୱିକେଟ ହରାଇଥିଲା। କିନ୍ତୁ ବ୍ରୁକ୍ ଓ ସ୍ମିଥ୍‌ଙ୍କ ବ୍ୟାଟିଂ ବଳରେ ତୃତୀୟ ଦିନ ଖେଳ ଶେଷ ଖବର ସୁଦ୍ଧା ଇଂଲଣ୍ଡ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୮୭ ରନ୍ ସଂଗ୍ରହ କରିନେଇଛି। ଏହା ମଧ୍ୟରୁ ଟେଷ୍ଟ ଜୀବନରେ ୯ମ ଶତକ ହାସଲ କରିଥିବା ୨୬ ବର୍ଷୀୟ ବ୍ରୁକ ୧୫୮ ରନ୍‌ରେ ଆଉଟ ହୋଇଛନ୍ତି। କିନ୍ତୁ ୮୦ ବଲ୍‌ରେ ଶତକ ହାସଲ କରିଥିବା ୨୪ ବର୍ଷୀୟ ସ୍ମିଥ୍ ୧୮୯ ବଲ୍ ଖେଳି ୧୭୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନଙ୍କ ୬ଷ୍ଠ ୱିକେଟ ପାର୍ଟନରସିପ୍‌ରୁ ୩୬୮ ବଲ୍‌ରେ ୩୦୩ ରନ୍ ମିଳିବା ଫଳରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଇଂଲଣ୍ଡ ଭଲ ସ୍ଥିତିରେ ପହଞ୍ଚିଛି। ଭାରତ ପକ୍ଷରୁ ଜଣେ ହେଲେ ବୋଲର ପ୍ରଭାବ ପକାଇବାରେ ସମର୍ଥ ହୋଇପାରି ନ ଥିଲେ। ତେବେ ଭ୍ରମଣକାରୀ ଦଳର ମହମ୍ମଦ୍ ସିରାଜ ୩ଟି ଓ ଆକାଶ ଦୀପ ୩ଟି ଲେଖାଏଁ ୱିକେଟ ନିଜ ମଧ୍ୟରେ ବାଣ୍ଟି ନେଇଛନ୍ତି।

ଏହି ଟେଷ୍ଟର ଗୁରୁବାର ଦ୍ୱିତୀୟ ଦିନରେ ଭାରତର ୫୮୭ ରନ୍ ଜବାବରେ ଇଂଲଣ୍ଡ ୩ ୱିକେଟରେ ୭୭ ରନ୍ କରିଥିଲା। ଏହି ସ୍କୋରରୁ ଖେଳ ଆରମ୍ଭ କରି ଶୁକ୍ରବାର ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍ ଘରୋଇ ଦଳକୁ ଏକ ଭଲି ସ୍ଥିତିକୁ ନେବାକୁ ଚେଷ୍ଟା କରିଥିଲେ। କିନ୍ତୁ ୨୩ତମ ଓଭରରେ ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କ ଡବଲ ଷ୍ଟ୍ରାଇକ୍ ଇଂଲଣ୍ଡକୁ ଅଡୁଆ ସ୍ଥିତିରେ ପହଞ୍ଚାଇଦେଇଥିଲା। ଏହି ଓଭରର ତୃତୀୟ ବଲ୍‌ରେ ରୁଟ ଲେଗ୍‌ଗ୍ଲାନ୍ସ କରିବାକୁ ଚେଷ୍ଟା କରି ୱିକେଟକିପରଙ୍କ ହାତରେ ଧରାପଡ଼ିଥିଲେ। ୱିକେଟକିପର ଋଷଭ ପନ୍ତ୍ ବାମପଟକୁ ଡାଇଭ୍ ମାରି ଇଂଲଣ୍ଡର ସବୁଠାରୁ ଅଭିଜ୍ଞ ବ୍ୟାଟରଙ୍କୁ ପାଭିଲିୟନ ପଠାଇଦେଇଥିଲେ। ୪୬ ବଲ୍‌ରୁ ସେ କରିଥିଲେ ମାତ୍ର ୨୨ ରନ୍। ଏହାର ପର ବଲ୍‌ରେ ସିରାଜଙ୍କ ସର୍ଟପିଚ୍‌ବଲ୍‌କୁ ଖେଳି ନ ପାରି ବେନ୍ ଷ୍ଟୋକ୍ସ ପନ୍ତଙ୍କ ହାତରେ ଧରାପଡ଼ିଥିଲେ। ଏହା ଫଳରେ ଇଂଲଣ୍ଡର ଏହି ଇନିଂସରେ କ୍ରମାଗତ ବଲ୍‌ରେ ୨ଟି ଲେଖାଏଁ ୱିକେଟ ହରାଇଥିଲା। ୮୪ ରନ୍‌ରେ ଦଳ ୫ମ ୱିକେଟ ହରାଇବା ପରେ ଫଲୋଅନ୍‌ର ସମ୍ମୁଖୀନ ହୋଇଥିଲା। କିନ୍ତୁ କ୍ରିକେଟ ହେଉଛି ଅନିଶ୍ଚିତତାର ଖେଳ। ଇଂଲଣ୍ଡ ବିପଦରେ ପଡ଼ିଥିଲେ ମଧ୍ୟ ଷ୍ଟୋକ୍ସଙ୍କ ସ୍ଥାନ ନେବାକୁ ଆସିଥିବା ଯୁବ ୱିକେଟରକ୍ଷକ ସ୍ମିଥ୍‌ଙ୍କ ଉପରେ କିଛି ପଡ଼ି ନ ଥିଲା। ସେ ଆରମ୍ଭରୁ ଭାରତୀୟ ବୋଲରଙ୍କୁ, ବିଶେଷ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଏଭଳି ଧୂଳେଇ କଲେ ଯେ, ଭାରତ ହାତରୁ ମ୍ୟାଚ୍ ହାତଛଡ଼ା ହୋଇଗଲା ଓ ଇଂଲଣ୍ଡ ଭଲ ସ୍ଥିତିକୁ ଆସିଗଲା। ଏମାନେ ୬ଷ୍ଠ ୱିକେଟ ଯୋଡିରେ କିଛିଟା ଭାଗ୍ୟ ଓ ଅଧିକ ପିଚ୍‌ର ସହାୟତା ନେଇ ଶତକ ହାସଲ କରିଥିଲେ। ଏମାନଙ୍କ ଦ୍ୱିତଶତକୀୟ ପାର୍ଟନରସିପ୍ ଇଂଲଣ୍ଡକୁ ମ୍ୟାଚ୍‌କୁ ଫେରାଇବାରେ ସମର୍ଥ ହୋଇଥିଲା। ୮୦ ବଲ୍‌ରେ ଶତକ ହାସଲ କରିଥିବା ସ୍ମିଥ୍ ୧୪୪ ବଲ୍‌ରୁ ୧୫୦ ରନ୍ ପୂରଣ କରିଥିଲେ। ଅନ୍ୟ ପକ୍ଷରେ ବ୍ରୁକ୍ ଧୈର୍ଯ୍ୟର ପରିଚୟ ଦେଇ ୧୩୭ ବଲ୍‌ରୁ ଶତକ ହାସଲ କରିଥିଲେ।

ଭାରତ ପକ୍ଷରୁ ଦୁଇଟି ମୁହୂର୍ତ୍ତକୁ ବାଦ୍ ଦେଲେ ଅନ୍ୟ ସମୟରେ ଖୁସି ହେବାର ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ପେସ ହେଉ କିମ୍ବା ସ୍ପିନ୍ ଇଂଲଣ୍ଡର ଏହି ଦୁଇ ବୋଲରଙ୍କ ଉପରେ କିଛି ପ୍ରଭାବ ପକାଇବାରେ ସମର୍ଥ ହୋଇ ନ ଥିଲା। ତେବେ ମହମ୍ମଦ୍ ସିରାଜ ପ୍ରଥମ ୫ଟି ମଧ୍ୟରୁ ୩ଟି ଓ ଗତକାଲି ଗୋଟିଏ ଓଭରରେ ଆକାଶ ଦୀପ ୩ଟି ୱିକେଟ ପାଇଥିଲେ। ପିଚ୍‌ର ଅବସ୍ଥାକୁ ଦେଖି ଭାରତ ଏହି ମ୍ୟାଚରେ ଦୁଇ ଜଣ ସ୍ପିନରଙ୍କୁ ଖେଳାଇଥିଲା। ଏହି ଦୁଇ ଖେଳାଳିଙ୍କ ଉପରେ କିଛି ପ୍ରଭାବ ପକାଇପାରି ନ ଥିଲେ।

### ୨୫ ବର୍ଷରେ ଦ୍ୱିତୀୟ ଥର

ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସରେ ପ୍ରଥମ ୬ଜଣ ବ୍ୟାଟରଙ୍କ ମଧ୍ୟରୁ ୩ଜଣ ଖାତା ଖୋଲିବାରେ ସମର୍ଥ ହୋଇନାହାନ୍ତି। ଓପନର ବେନ୍ ଡକେଟ, ନଂ-୩ ଓଲି ପୋପ୍ ଓ ଅଧିନାୟକ ତଥା ନଂ-୬ ବେନ୍ ଷ୍ଟୋକ୍ସ ଏହି ଟେଷ୍ଟରେ ଖାତା ଖୋଲିବାରେ ଅସମର୍ଥ ହୋଇଛନ୍ତି। ଏହା ଫଳରେ ଦୀର୍ଘ ୨୫ ବର୍ଷ ପରେ ଇଂଲଣ୍ଡ ଏପରି ନକରାତ୍ମକ ପ୍ରଦର୍ଶନ କରିଛି। ଏହା ମଧ୍ୟରେ ଅଧିନାୟକ ଷ୍ଟୋକ୍ସ ତାଙ୍କ ଜୀବନରେ ପ୍ରଥମ ଗୋଲ୍ଡେନ ଡକ୍ ହାସଲ କରିଛନ୍ତି। ସେହିପରି ୱିକେଟକିପର ଜେମି ସ୍ମିଥ ୮୦ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଫଳରେ ନିଜ ପାର୍ଟନର ହ୍ୟାରୀ ବ୍ରୁକ୍‌ଙ୍କ ସହ ସେ ଇଂଲଣ୍ଡର ତୃତୀୟ ଦ୍ରୁତତମ ଶତକ ହାସଲ କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ** : ୫୮୭ (ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧, ଟଙ୍ଗ୍-୨/୧୧୯)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୩୮୭/୬, ୮୩ ଓଭର (ହ୍ୟାରୀ ବ୍ରୁକ୍ -୧୫୮, ଜାମି ସ୍ମିଥ ବ୍ୟାଟିଂ ୧୭୦, ମହମ୍ମଦ୍ ସିରାଜ-୩/୬୪, ଆକାଶ ଦୀପ-୩/୭୪)।

### ୱିମ୍ବଲଡନ ୫ମ ଦିବସ

## ତୃତୀୟ ରାଉଣ୍ଡରେ ଅଟକିଲେ କିଜ୍, ଓସାକା



ଜିନେପ ସୋନମେଜ

ଲଣ୍ଡନ, ୪।୭ (ଏଜେନ୍ସି): ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବଲଡନର ୫ମ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସିଙ୍ଗଲ୍ସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ତୃତୀୟ ରାଉଣ୍ଡରେ ଡିଫେଣ୍ଡିଂ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ୍ କିଜ୍‌ଙ୍କ ସହ ୪ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ଜାପାନର ନାଓମି ଓସାକା ପରାସ୍ତ ହୋଇ ବିଦାୟ ନେଇଛନ୍ତି। ତୃତୀୟ ସିଡ୍ ଆମେରିକାର କିଜ୍ ୩-୬, ୩-୬ ସିଧାସଳଖ ସେଟ୍‌ରେ ଜର୍ମାନୀର ଲୌରା ସିଗ୍‌ମଣ୍ଡଙ୍କ ନିକଟରୁ ପରାସ୍ତ ହୋଇଥିଲେ। ସେହିଭଳି ଓସାକା ୬-୩, ୪-୬, ୪-୬ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୦ତମ ସ୍ଥାନରେ ରହିଥିବା ରୁଷିଆର ଆନାସ୍ତାସିଆ ପାଭଲୁଚେନକୋଭାଙ୍କ ନିକଟରୁ ହାରିଯାଇଥିଲେ। ଓସାକା ବିଜୟୀ ହୋଇଥିଲେ ପ୍ରଥମଥର ଲାଗି ୱିମ୍ବଲଡନ ୪ର୍ଥ ରାଉଣ୍ଡରେ ପହଞ୍ଚିଥାନ୍ତେ। ଅପରପକ୍ଷରେ ଓପନ୍ ଏରା ଇତିହାସରେ ତୁର୍କିର ପ୍ରଥମ ଖେଳାଳି ଭାବେ ଜିନେପ ସୋନମେଜ କୌଣସି ଗ୍ରାଣ୍ଡସ୍ଲାମର ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମ୍ୟାଚରେ ଜିନେପ ୭-୫, ୭-୫ ସେଟ୍‌ରେ ଚାଇନାର ୱାଙ୍ଗ୍ ଜିନଉଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ୧୯୬୮ରୁ ଟେନିସର ପ୍ରଫେସନାଲ ତଥା ଓପନ ଏରା ଆରମ୍ଭ ହୋଇଥିଲା।

ପୁରୁଷ ବିଭାଗରେ ୧୪ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ୪ର୍ଥ ତଥା ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ତୃତୀୟ ରାଉଣ୍ଡରେ ସେ ୭-୫, ୬-୨, ୬-୩ ସେଟ୍‌ରେ ଫ୍ରାନ୍ସର ଆଡ୍ରିଆନ ମାନାରିନୋଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଜର୍ମାନୀର ଜାନ୍-ଲିନାର୍ଡ ଷ୍ଟ୍ରଫ୍‌ଙ୍କ ମଧ୍ୟରେ ମ୍ୟାଚ୍ ଜାରି ରହିଛି।

### ଫିଫା କ୍ଲବ୍ ବିଶ୍ୱକପ୍

## କ୍ୱାର୍ଟରରେ ରିଅଲ୍ ମାଦ୍ରିଦ୍

ନ୍ୟୁୟର୍କ, ୪।୭ (ଏଜେନ୍ସି): ସ୍ପେନ୍‌ର ବିଶ୍ୱ ପ୍ରସିଦ୍ଧ କ୍ଲବ୍ ରିଅଲ ମାଦ୍ରିଦ୍ ଶେଷ ଦଳ ଭାବେ ଏଠାରେ ଚାଲିଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ରାତିରେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲରେ ଜର୍ମାନୀର ଡର୍ଟମଣ୍ଡ ସହ ରିଅଲର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ରିଅଲ ୧-୦ ଗୋଲରେ ଇଟାଲୀୟ କ୍ଲବ୍ ଜୁଭେଣ୍ଟସକୁ ଓ ଡର୍ଟମଣ୍ଡ ୨-୧ ଗୋଲରେ ମେକ୍ସିକୋର ମଣ୍ଟେରୀକୁ ହରାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟରରେ ଫ୍ଲୁମିନେନ୍ସ ସହ ଅଲହିଲାଲର ଓ କ୍ୱାର୍ଟର ଫାଇନାଲରେ ଚେଲସୀ ସହ ପାଲମେଇରାସର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଆସନ୍ତାକାଲି ହେବ। ରବିବାର ତୃତୀୟ କ୍ୱାର୍ଟର ଫାଇନାଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପିଏସ୍‌ଜି ସହ ବେୟର୍ଣ୍ଣର ମୁକାବିଲା ହେବ।

### ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା

## ଦଣ୍ଡସେନାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

ଭୁବନେଶ୍ୱର, ୪।୭ (ସମିସ)



ଓଡ଼ିଶା ପୁଲିସର ଜଣାଶୁଣା ଧାବକ ଅଶୋକ ଦଣ୍ଡସେନାଙ୍କ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରହିଛି। ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଅଶୋକ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା ପାଇଛନ୍ତି।

**କରାଟେରେ ରୀତେଶଙ୍କ ଚମକ**

ଶୁକ୍ରବାର ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସରେ ଦଣ୍ଡସେନା ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସମ୍ମାନଜନକ ପ୍ରତିଯୋଗିତାରେ ୩ୟ ସ୍ୱର୍ଣ୍ଣପଦକ ଜିତିଥିଲେ। ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟରରେ ମଧ୍ୟ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେହିଭଳି କରାଟେରେ ରୀତେଶ ରାୟ (୮୪ କିଗ୍ରା) ସ୍ୱର୍ଣ୍ଣ ଓ ଅଭିଷେକ ପଟ୍ଟନାୟକ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତ କାଲି ସୁସ୍ମିତା ଟିଗା ମହିଳା ୮୦୦ ମିଟରରେ ଏବଂ ସୁମନ ଶେଖର ଦାସ ଓ ଭଗବାନ ରେଡ୍ଡୀ କରାଟେରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତି ଦୁଇ ବର୍ଷରେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଅନୁଷ୍ଠିତ ହୋଇଥାଏ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS